RNI No.ODIODI/2010/33031
୧୭ ବର୍ଷ Volume-17
ISSUE -91 ସଂଖ୍ୟା-୯୧
ଭୁବନେଶ୍ୱର, ଗୁରୁବାର ୧୮ ଜୁନ୍ ୨୦୨୬
Bhubaneswar,Thursday 18 June, 2026
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
# ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର



# ପାଠ୍ୟପୁସ୍ତକ ତ୍ରୁଟିକୁ ନେଇ କଠୋର ହେଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୧୭।୬(ନି.ପ୍ର.): ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରକାଶିତ ସ୍କୁଲ ପାଠ୍ୟପୁସ୍ତକରେ ତ୍ରୁଟି ଧରାପଡ଼ିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏନେଇ କଠୋର ପଦକ୍ଷେପ ନେଇଛନ୍ତି। ବୁଧବାର ଲୋକସେବା ଭବନରେ ଆୟୋଜିତ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକରେ ସେ ସମସ୍ତ ତ୍ରୁଟିର ତୁରନ୍ତ ସଂଶୋଧନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଭର୍ଚୁଆଲ ମାଧ୍ୟମରେ ହୋଇଥିବା ଏହି ବୈଠକରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଏବଂ ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ। ପାଠ୍ୟପୁସ୍ତକରେ ହୋଇଥିବା ଭୁଲ ପାଇଁ କିଏ ଦାୟୀ, ତାହା ଚିହ୍ନଟ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏଥିପାଇଁ ଉନ୍ନୟନ କମିଶନରଙ୍କ ଅଧ୍ୟକ୍ଷତାରେ ଏକ ତିନି ସଦସ୍ୟ ବିଶିଷ୍ଟ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଛି। ଏହି କମିଟି ପାଠ୍ୟପୁସ୍ତକ ତ୍ରୁଟି ପାଇଁ ଦାୟୀ ଅଧିକାରୀ କିମ୍ବା ସଂସ୍ଥାଙ୍କୁ ଚିହ୍ନଟ କରି ୭ ଦିନ ମଧ୍ୟରେ ସରକାରଙ୍କୁ ରିପୋର୍ଟ ଦେବ। ରିପୋର୍ଟ ଆଧାରରେ ଦୋଷୀଙ୍କ ବିରୋଧରେ କଠୋର ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ପାଠ୍ୟପୁସ୍ତକରେ ଏଭଳି ତ୍ରୁଟି ଶିକ୍ଷା ବ୍ୟବସ୍ଥାର ବିଶ୍ୱସନୀୟତା ଉପରେ ପ୍ରଶ୍ନ ସୃଷ୍ଟି କରେ। ତେଣୁ ଆଗାମୀ ଦିନରେ ପ୍ରକାଶିତ ହେଉଥିବା ସମସ୍ତ ପୁସ୍ତକରେ ଯେପରି କୌଣସି ଭୁଲ ନରହେ, ସେଥିପାଇଁ କଡ଼ା ଯାଞ୍ଚ ବ୍ୟବସ୍ଥା କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଏହା ସହ ପାଠ୍ୟପୁସ୍ତକ ପ୍ରସ୍ତୁତି ପ୍ରକ୍ରିୟାର ସମ୍ପୂର୍ଣ୍ଣ ସମୀକ୍ଷା କରି ଗୁଣାତ୍ମକ ମାନଦଣ୍ଡକୁ ଆହୁରି ସୁଦୃଢ଼ କରିବା ପାଇଁ ମଧ୍ୟ ସରକାର ପଦକ୍ଷେପ ନେବେ।ଆଭାସୀ ମାଧ୍ୟମରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ ଗଣ୍ଡ, ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ଏବଂ ବିଭିନ୍ନ ବିଭାଗୀୟ ବରିଷ୍ଠ ଅଧିକାରୀଙ୍କୁ ନେଇ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟମନ୍ତ୍ରୀ ଏହି ତ୍ରୁଟି ସୁଧାରିବା ପାଇଁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ନିଷ୍ପତ୍ତି ନେଇଛନ୍ତି।

## ୭ ଦିନରେ ରିପୋର୍ଟ ଦେବ ଉଚ୍ଚସ୍ତରୀୟ କମିଟି

ଏହି ପରିପ୍ରେକ୍ଷୀରେ ଉନ୍ନୟନ କମିଶନରଙ୍କ ଅଧ୍ୟକ୍ଷତାରେ ଏକ ତିନି ଜଣିଆ କମିଟି ଗଠନ କରାଯାଇ ଏହି ତ୍ରୁଟି ପାଇଁ କେଉଁ ଅଧିକାରୀ/ସଂସ୍ଥା ଦାୟୀ ତାହା ନିର୍ଣ୍ଣୟ କରିବା ପାଇଁ ବୈଠକରେ ମୁଖମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

# ଜନ୍ମମାଟିରେ ଜନ୍ମଦିନ ପାଳିବେ ରାଷ୍ଟ୍ରପତି



ରାଇରଙ୍ଗପୁର: ମୟୂରଭଞ୍ଜର ରାଇରଙ୍ଗପୁର ଆସନ୍ତା ୨୦ ତାରିଖରେ ଦେଶର ରାଜନୈତିକ ଓ ପ୍ରଶାସନିକ ମାନଚିତ୍ରରେ ଏକ ବିଶେଷ ସ୍ଥାନ ଅଧିକାର କରିବାକୁ ଯାଉଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏକାଠି ମଞ୍ଚ ସେୟାର କରିବାକୁ ଥିବାବେଳେ, ଏହି ଗସ୍ତକୁ ନେଇ ରାଜ୍ୟ ସରକାର ଜୋରଦାର ପ୍ରସ୍ତୁତି ଆରମ୍ଭ କରିଛନ୍ତି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନରେ ଆୟୋଜିତ ଏକ ଉଚ୍ଚସ୍ତରୀୟ ବୈଠକରେ ଏହି ଗସ୍ତର ସମସ୍ତ କାର୍ଯ୍ୟକ୍ରମକୁ ସୁଚାରୁ ଓ ସୁରକ୍ଷିତ ଭାବେ ପରିଚାଳନା କରିବା ପାଇଁ ଅଧିକାରୀମାନଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ମୁଖ୍ୟ ସଚିବ, ପୁଲିସ ମହାନିର୍ଦ୍ଦେଶକ ଓ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗଦେଇ ସୁରକ୍ଷା ଓ ପରିଚାଳନା ଯୋଜନା ଉପରେ ଆଲୋଚନା କରିଥିଲେ।

ଆସନ୍ତା ୧୯ ତାରିଖରେ ରାଷ୍ଟ୍ରପତି ଦୁଇ ଦିନିଆ ଓଡ଼ିଶା ଗସ୍ତରେ ଆସିବେ। ୨୦ ତାରିଖରେ ନିଜ ଜନ୍ମଦିନ ଅବସରରେ ସେ ନିଜ ଜନ୍ମଭୂମି ଓ ପ୍ରଥମ କର୍ମଭୂମି ରାଇରଙ୍ଗପୁରରେ ଉପସ୍ଥିତ ରହିବେ। ଏହି ଅବସରକୁ ଆହୁରି ସ୍ମରଣୀୟ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ରାଇରଙ୍ଗପୁର ପହଞ୍ଚିବେ ଏବଂ ଏକ ବିଶାଳ ଜନସଭାକୁ ସମ୍ବୋଧନ କରିବେ।

ଏହି ଗସ୍ତ କେବଳ ଏକ ଔପଚାରିକ କାର୍ଯ୍ୟକ୍ରମ ନୁହେଁ, ବରଂ ଓଡ଼ିଶାର ବିକାଶ ଯାତ୍ରାରେ ଏକ ନୂଆ ଅଧ୍ୟାୟ ଯୋଡ଼ିବ ବୋଲି ଆଶା କରାଯାଉଛି। ଉଭୟ ନେତା ମିଳିତ ଭାବେ ଓଡ଼ିଶା ଓ ମୟୂରଭଞ୍ଜ ପାଇଁ ହଜାର ହଜାର କୋଟି ଟଙ୍କାର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିବେ। ବହୁ ପ୍ରତୀକ୍ଷିତ ରେଳ ପ୍ରକଳ୍ପ ସହ ମେଗା କୋଲ୍ ଗ୍ୟାସିଫିକେସନ ପ୍ରକଳ୍ପର ଉଦ୍‌ଘାଟନ ମଧ୍ୟ ଏହି ଗସ୍ତର ପ୍ରମୁଖ ଆକର୍ଷଣ ହେବ। ରାଷ୍ଟ୍ରପତିଙ୍କ ଜନ୍ମମାଟିରେ ଦେଶର ଦୁଇ ସର୍ବୋଚ୍ଚ ନେତୃତ୍ୱଙ୍କ ଉପସ୍ଥିତିକୁ ନେଇ ଏବେ ସମଗ୍ର ମୟୂରଭଞ୍ଜରେ ଉତ୍ସାହର ମାହୋଲ ଦେଖିବାକୁ ମିଳୁଛି।

**ଚାମେଲି ଓଝା ବିବାଦୀୟ ମାମଲା**

# ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ଦାୟର

ଭୁବନେଶ୍ୱର, ୧୭।୬(ନି.ପ୍ର.); କେନ୍ଦ୍ରାପଡ଼ା ଜିଲ୍ଲା ତିଖିରି ପଞ୍ଚାୟତ ସରପଞ୍ଚ ଚାମେଲି ଓଝାଙ୍କ ସହ ପୁଲିସ ଓ ପ୍ରଶାସନର ବିବାଦ ଘଟଣା ଏବେ ହାଇକୋର୍ଟରେ ପହଞ୍ଚିଛି। ଘଟଣାର ନିରପେକ୍ଷ ତଦନ୍ତ କରିବା ପାଇଁ ସ୍ପେଶାଲ ଇନଭେଷ୍ଟିଗେଶନ ଟିମ ବା ଏସଆଇଟି ଗଠନ କରିବା ଦାବିରେ ଭାରତୀୟ ବିକାଶ ପରିଷଦ ପକ୍ଷରୁ ଜନସ୍ୱାର୍ଥ ମାମଲା ଦାୟର କରାଯାଇଛି।ନିର୍ବାଚିତ ଜନପ୍ରତିନିଧି ଓ ସରକାରୀ କର୍ମଚାରୀଙ୍କ ମଧ୍ୟରେ ବିବାଦ ଉପୁଜିଲେ ପୁଲିସର ଆଚରଣ ଓ ଉଚ୍ଚାରଣ କିପରି ହେବା ଉଚିତ ଏବଂ କିଭଳି ଏମାନେ ପୁଲିସ ଦ୍ୱାରା ନିର୍ଯାତିତ ନହେବେ, ସେ ନେଇ ଗାଇଡଲାଇନ ଜାରି କରିବା ପାଇଁ ଭାରତୀୟ ବିକାଶ ପରିଷଦ ପକ୍ଷରୁ ଆବେଦନରେ ଦର୍ଶାଯାଇଛି।ଏହି ଘଟଣାର ମେଡିକାଲ ରିପୋର୍ଟ ଏବଂ ସିସିଟିଭି ଫୁଟେଜ ସଂରକ୍ଷିତ ରଖିବାକୁ ପ୍ରାର୍ଥନା କରିଛନ୍ତି ଆବେଦନକାରୀ। ଚାମେଲୀଙ୍କ ବିରୋଧରେ ମହାକାଳପଡ଼ା ବିଡିଓ ପ୍ରଥମ ଏତଲା ଦାୟର କରିବାର ୧ ଘଣ୍ଟା ୨୦ ମିନିଟ ମଧ୍ୟରେ ପୁଲିସ ପକ୍ଷରୁ ଦ୍ୱିତୀୟ ଏତଲା ଦାୟରକୁ ନେଇ ଆବେଦନକାରୀ ପ୍ରଶ୍ନ ଉଠାଇଛନ୍ତି। ପୁଲିସ ହେପାଜତରେ ଥିବା ଜଣେ ଜନ ପ୍ରତିନିଧିଙ୍କୁ ପୁଲିସ ଦୁର୍ବ୍ୟବହାର କରିବା ସହ ଓଲଟା ତାଙ୍କ ବିରୋଧରେ ଏତଲା ଦାୟର କରିବା ଅନେକ ସନ୍ଦେହ ସୃଷ୍ଟି କରୁଛି ବୋଲି ଆବେଦନାକାରୀଙ୍କ ଓକିଲ କହିଛନ୍ତି। ଆବେଦନାକାରୀଙ୍କ ପକ୍ଷରୁ ଏହି ମାମଲାରେ ମୁଖ୍ୟ ଶାସନ ସଚିବ, ଗୃହ ସଚିବ, ପୁଲିସ ଡିଜି, କେନ୍ଦ୍ରାପଡ଼ା ଏସପି, ପଞ୍ଚାୟତିରାଜ ବିଭାଗ ସଚିବ, କେନ୍ଦ୍ରାପଡ଼ା ଜିଲ୍ଲାପାଳ ଓ ବିଡିଓଙ୍କୁ ପକ୍ଷଭୁକ୍ତ କରାଯାଇଛି।

# ୫୦ ହଜାର କୋଟିର ପ୍ରକଳ୍ପ ଭେଟି ଦେବେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ



ଭୁବନେଶ୍ୱର, ୧୭।୬: ରାଜ୍ୟରେ ବିଜେପି ସରକାରର ଦୁଇ ବର୍ଷ ପୂର୍ତ୍ତି, କେନ୍ଦ୍ରରେ ୧୨ ବର୍ଷ ପୂର୍ତ୍ତି ଅବସରରେ ରାଇରଙ୍ଗପୁରରେ ହେବାକୁ ଥିବା ରାଜ୍ୟସ୍ତରୀୟ ମେଗା ଉତ୍ସବରେ ଉଭୟ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯୋଗ ଦେବେ। ରାଷ୍ଟ୍ରପତି ୧୯ ତାରିଖରେ ଦୁଇଦିନିଆ ରାଇରଙ୍ଗପୁର ଗସ୍ତରେ ଆସିବାକୁ ଥିବାବେଳେ ପ୍ରଧାନମନ୍ତ୍ରୀ ୨୦ ତାରିଖରେ ଦିନିକିଆ ରାଇରଙ୍ଗପୁର ଗସ୍ତରେ ଆସିବେ। ତେଣୁ ଏହି ଦୁଇ ଶୀର୍ଷ ନେତାଙ୍କ କାର୍ଯ୍ୟକ୍ରମ ଯେପରି ଶୃଙ୍ଖଳିତ ଭାବେ ଆୟୋଜନ ହେବ ସେ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ପ୍ରସ୍ତୁତି ସମୀକ୍ଷା କରିଛନ୍ତି। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି, ଦେଶର ଦୁଇ ଶୀର୍ଷ ନେତାଙ୍କ ଏହି ଗସ୍ତ କେବଳ ଏକ ଉତ୍ସବରେ ସୀମିତ ନରହି ଓଡ଼ିଶାର ପ୍ରଗତି ପାଇଁ ଏକ ବଡ଼ ମାଇଲଖୁଣ୍ଟ ସାବ୍ୟସ୍ତ ହେବ। ଗୋଟିଏ ମଞ୍ଚରୁ ଉଭୟ ରାଷ୍ଟ୍ରପତି ଏବଂ ପ୍ରଧାନମନ୍ତ୍ରୀ ମିଳିତ ଭାବେ ଓଡ଼ିଶା ଓ ମୟୂରଭଞ୍ଜଜିଲ୍ଲା ପାଇଁ ହଜାର ହଜାର କୋଟି ଟଙ୍କାର ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିବେ। ଏହି ମିଳିତ ଗସ୍ତ ରାଜ୍ୟର ବିକାଶର ଗତିକୁ ଆହୁରି ତ୍ୱରାନ୍ୱିତ କରିବ। ଲୋକସେବା ଭବନରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରୁ ଜଣାପଡିଛି ଯେ ଉଭୟ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ମୟୂରଭଞ୍ଜ ଓ ସାରା ଓଡିଶା ପାଇଁ ପ୍ରାୟ ୫୦ ହଜାର କୋଟି ଟଙ୍କାର ପ୍ରକଳ୍ପର ଉଦ୍‌ଘାଟନ ଏବଂ ଶିଳାନ୍ୟାସ କରିବେ। ଏଥିରେ ବହୁ ପ୍ରତୀକ୍ଷିତ ମେଗା କୋଲ୍ ଗ୍ୟାସିଫିକେସନ୍ ପ୍ରକଳ୍ପ, ରେଳବାଇ ପ୍ରକଳ୍ପ ଓ ସଡକ ପ୍ରକଳ୍ପ ରହିଛି। ଝାରସୁଗୁଡା ଜିଲ୍ଲାର ଲଖନପୁରରେ ପ୍ରାୟ ୨୫ ହଜାର କୋଟି ନିବେଶରେ ନିର୍ମାଣ ହେବାକୁ ଥିବା ଭାରତ କୋଲ୍ ଗ୍ୟାସିଫିକେସନ୍ ଆଣ୍ଡ କେମିକାଲ୍ସ ଲିମିଟେଡ୍ (ବିସିଜିସିଏଲ୍)ର କୋଇଲାରୁ ଆମୋନିୟମ ନାଇଟ୍ରେଟ୍ ପ୍ରକଳ୍ପର ମୋଦୀ ଶିଳାନ୍ୟାସ କରିବେ।

ସେହିପରି ଓଡିଶା ସରକାର ଓ ନିତି ଆୟୋଗଙ୍କ ପକ୍ଷରୁ ପ୍ରସ୍ତୁତ ହୋଇଥିବା ଅର୍ଥନୈତିକ ଅଭିବୃଦ୍ଧି କରିଡର ବିସିପିପିଇଆର୍ (ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଅର୍ଥନୈତିକ ଅଞ୍ଚଳ)ର ଶିଳାନ୍ୟାସ କରିବେ। ଏହି ପ୍ରକଳ୍ପକୁ ସମୃଦ୍ଧ କରିବାକୁ ବିଭିନ୍ନ ଆନୁଷଙ୍ଗିକ ପ୍ରକଳ୍ପର ଶିଳାନ୍ୟାସ ହେବ। ଏହାସହ ନିକଟରେ କେନ୍ଦ୍ର କ୍ୟାବିନେଟ୍ ମଞ୍ଜୁର କରିଥିବା କୋଷ୍ଟାଲ୍ ହାଇୱେର ପ୍ରଥମ ପର୍ଯ୍ୟାୟ ରାମେଶ୍ୱରରୁ ପାରାଦୀପ ରାସ୍ତାର ଶିଳାନ୍ୟାସ ବି ମୋଦୀ କରିବେ। ଏହି ପ୍ରକଳ୍ପର ବ୍ୟୟ ଅଟକଳ ୮୩୦୦ କୋଟି ରହିଛି। ଏହି ଅବସରରେ ପ୍ରଧାନମନ୍ତ୍ରୀ ଭୁବନେଶ୍ୱରରେ ୧୫୦ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ବାଇଓଗ୍ୟାସ୍ ପ୍ଲାଣ୍ଟର ଶିଳାନ୍ୟାସ କରିବାର କାର୍ଯ୍ୟକ୍ରମ ରହିଛି। ଏହାବାଦ୍ ପ୍ରଧାନମନ୍ତ୍ରୀ ଯଖପୁରା-ବେତନଟୀ ନୂତନ ରେଳ ଲାଇନ୍ ଏବଂ ହିନ୍ଦୋଳ-ମେରାମଣ୍ଡଳୀ ନୂତନ ରେଳ ଲାଇନ୍‌କୁ ଲୋକାର୍ପଣ କରିବେ।

# ରାଜଧାନୀରେ ଘରୁ ଡାକି ନେଇ ହତ୍ୟା

ଭୁବନେଶ୍ୱର, ୧୭।୬(ନି.ପ୍ର.): ରାଜଧାନୀ ଭୁବନେଶ୍ୱରର ପାହାଳ ଥାନା ଅଞ୍ଚଳରେ ଘଟିଛି ଏକ ଚାଞ୍ଚଲ୍ୟକର ହତ୍ୟାକାଣ୍ଡ। ଭୀମପୁର କେନାଲ ପଠାରୁ ଜଣେ ଯୁବକଙ୍କ ରକ୍ତାକ୍ତ ମୃତଦେହ ଉଦ୍ଧାର ହେବା ପରେ ସମଗ୍ର ଅଞ୍ଚଳରେ ଚର୍ଚ୍ଚା ଓ ଆତଙ୍କ ଖେଳିଯାଇଛି। ମୃତ ଯୁବକ ହେଲେ ଅନନ୍ତପୁର ଗ୍ରାମର ପ୍ରଭାତ ବେହେରା। ସକାଳେ ସ୍ଥାନୀୟ ଲୋକେ କେନାଲ ପଠାରେ ପ୍ରଭାତଙ୍କ ମୃତଦେହ ପଡ଼ିଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳର ଦୃଶ୍ୟ ଅତ୍ୟନ୍ତ ଭୟଙ୍କର ଥିଲା। ପ୍ରଭାତଙ୍କ ମୁଣ୍ଡ ଓ ମୁହଁରେ ଏକାଧିକ ଗଭୀର କ୍ଷତଚିହ୍ନ ଥିବାରୁ ତାଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ମୃତଦେହ ନିକଟରେ ଏକ ପ୍ଲାଷ୍ଟିକ ପାଇପ ଓ ଭଙ୍ଗା ମଦ ବୋତଲ ପଡ଼ିଥିବାବେଳେ କିଛି ଦୂରରେ ତାଙ୍କ ସ୍କୁଟି ମଧ୍ୟ ଜବତ ହୋଇଛି।ଘଟଣାକୁ ଆହୁରି ରହସ୍ୟମୟ କରିଛି ପରିବାରର ଅଭିଯୋଗ। ପ୍ରଭାତଙ୍କ ପରିବାର ଲୋକଙ୍କ କହିବା ଅନୁଯାୟୀ, ଗତକାଲି ରାତି ପ୍ରାୟ ୧୨ଟା ବେଳେ ବାଲି ବ୍ୟବସାୟୀ ଟେନିସ ପାତ୍ର ପ୍ରଭାତଙ୍କୁ ଘରୁ ଡାକି ନେଇଥିଲେ। ପରେ ତାଙ୍କୁ ମଦ ପିଆଇ ହତ୍ୟା କରାଯାଇଥିବା ନେଇ ସେମାନେ ସିଧାସଳଖ ଅଭିଯୋଗ ଆଣିଛନ୍ତି। ଖବର ପାଇ ପାହାଳ ଥାନା ପୋଲିସ ଓ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

# ବଦଳି ପାଇଁ ଉପବାଚସ୍ପତିଙ୍କ ଦସ୍ତଖତ ଜାଲ୍ କରି ଯନ୍ତ୍ରୀ ଗିରଫ



ଭୁବନେଶ୍ୱର, ୧୭।୬(ନି.ପ୍ର.): ବିଧାନସଭା ଉପବାଚସ୍ପତି ଭବାନୀ ଶଙ୍କର ଭୋଇଙ୍କ ଜାଲ୍ ଦସ୍ତଖତରେ ବଦଳି ମାମଲାରେ କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକର ସହକାରୀ ନିର୍ବାହୀ ଯନ୍ତ୍ରୀ ଲକ୍ଷ୍ମଣ ହେମ୍ବ୍ରମଙ୍କୁ ବୁଧବାର ଗିରଫ କରାଯାଇଛି। ତାଙ୍କୁ ଭୁବନେଶ୍ୱରର କ୍ୟାପିଟାଲ ଥାନା ପୁଲିସ ଗିରଫ କରିଛି। ଆଜି ତାଙ୍କୁ କେନ୍ଦୁଝରରୁ ଭୁବନେଶ୍ୱରକୁ ଆଣିଥିଲା କ୍ୟାପିଟାଲ ଥାନା ପୁଲିସ। ଏହି ମାମଲାରେ ଆଉ ଜଣେ ଯନ୍ତ୍ରୀ ଫେରାର ଅଛନ୍ତି। ତାଙ୍କ ନାଁ ମୋନାଲିସା ବେହେରା। ସେ ବାଂଶପାଳ ବ୍ଲକରେ ସହକାରୀ ନିର୍ବାହୀ ଯନ୍ତ୍ରୀ ଅଛନ୍ତି। ସେ ଫେରାର ଥିବା ବେଳେ ତାଙ୍କୁ ଧରିବାକୁ ପୁଲିସ ପ୍ରୟାସ ଜାରି ରଖିଛି।

ବିଧାନସଭା ଉପବାଚସ୍ପତି ଭବାନୀ ଶଙ୍କର ଭୋଇଙ୍କ ନକଲି ଲେଟରପ୍ୟାଡ୍ ଓ ଜାଲ୍ ଦସ୍ତଖତରେ ଦୁହେଁ ବଦଳି ହୋଇଥିଲେ। ଉପବାଚସ୍ପତିଙ୍କ ବ୍ୟକ୍ତିଗତ ସଚିବଙ୍କ ଏତଲା ପରେ ଯନ୍ତ୍ରୀ ଲକ୍ଷ୍ମଣ ହେମ୍ବ୍ରମଙ୍କୁ ଗିରଫ କରାଯାଇଥିବା ବେଳେ ଅନ୍ୟ ଜଣଙ୍କୁ ଗିରଫ କରିବାକୁ ପ୍ରୟାସ କରୁଛି ପୁଲିସ। ଉପବାଚସ୍ପତିଙ୍କ ବ୍ୟକ୍ତିଗତ ସଚିବଙ୍କ ପକ୍ଷରୁ କ୍ୟାପିଟାଲ ଥାନାରେ ଦାଏର ଏଫଆଇଆରରେ ଦର୍ଶାଯାଇଛି ଯେ, ନିଜର ବଦଳି ପାଇଁ ଦୁଇ ଜଣ ସରକାରୀ କର୍ମଚାରୀ (ଇଞ୍ଜିନିୟର) ବିଧାନସଭାର ଉପବାଚସ୍ପତିଙ୍କ ଜାଲ୍ ଦସ୍ତଖତ ଓ ସରକାରୀ ପ୍ୟାଡକୁ ଅପବ୍ୟବହାରର କରିଛନ୍ତି। ବାଂଶପାଳ ବ୍ଲକର ସହକାରୀ ନିର୍ବାହୀ ଯନ୍ତ୍ରୀ(ଏଇଇ) ମୋନାଲିସା ବେହେରା ଓ ହରିଚନ୍ଦନପୁର ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ଲକ୍ଷ୍ମଣ ହେମ୍ବ୍ରମ ମିଳିତ ଭାବେ ଏହି ସଙ୍ଗୀନ ଜାଲିଆତି କରିଛନ୍ତି। ସେମାନେ ନିଜର ବଦଳି ସୁନ୍ଦରଗଡ ଜିଲ୍ଲାର ବଡଗାଁ ଓ ସଦର ବ୍ଲକକୁ କରାଇବା ପାଇଁ ଏକ ଅଭିନବ ଉପାୟ ଆପଣାଇଥିବା ଜଣାପଡିଛି। ଉପବାଚସ୍ପତିଙ୍କ କାର୍ଯ୍ୟାଳୟରୁ ସେମାନଙ୍କ ବଦଳି ସୁପାରିଶ ପାଇଁ କୌଣସି ଚିଠି ଜାରି କରାଯାଇ ନଥିଲେ ମଧ୍ୟ ସେମାନେ ଉପବାଚସ୍ପତିଙ୍କ ଅଫିସିଆଲ୍ ଡି.ଓ. ପ୍ୟାଡର ଅପବ୍ୟବହାର କରିବା ସହ ତାଙ୍କର ଜାଲ୍ ଦସ୍ତଖତ କରି ପଂଚାୟତିରାଜ ଓ ପାନୀୟ ଜଳ ବିଭାଗରେ ଦାଖଲ କରିଥିବା ଜଣାପଡିଛି। ଯାହାଫଳରେ ସେମାନଙ୍କର ବଦଳି ସହଜରେ ହୋଇପାରିବ। ବିଧାନସଭା ଉପବାଚସ୍ପତିଙ୍କ କାର୍ଯ୍ୟାଳୟ ଏହି ଜାଲିଆତି ବିଷୟରେ ଅବଗତ ହେବାପରେ ଏନେଇବ ବିଧିବଦ୍ଧ ଭାବେ ଥାନାରେ ମାମଲା ରୁଜୁ ହୋଇଛି। ଉପବାଚସ୍ପତିଙ୍କ ବ୍ୟକ୍ତିଗତ ସଚିବେ ନିରଞ୍ଜନ କୁମାର ଶ' କ୍ୟାପିଟାଲ ଥାନା ଆଇଆଇସିଙ୍କୁ ଚିଠି ଲେଖି ଏଫଆଇଆର ରୁଜୁ କରିବା ପାଇଁ ଅନୁରୋଧ କରିଥିଲେ। ସେମାନଙ୍କର ଏହି କାର୍ଯ୍ୟକଳାପ ଏକ ସାଧାରଣ ଅପରାଧ ନୁହେଁ ବରଂ ସରକାରୀ ସେବା ନିୟମାବଳୀର ଉଲ୍ଲଘନ ଓ ଗୁରୁତର ଫୌଜଦାରୀ ମାମଲା ଅଟେ। ସରକାରୀ ପଦବୀରେ ଥାଇ ମଧ୍ୟ ଜାଲିଆତି କରିବା, ମିଥ୍ୟା ସରକାରୀ ଦସ୍ତାବିଜ ପ୍ରସ୍ତୁତି, ଓ ସୂଚନା ପ୍ରଯୁକ୍ତିବିଦ୍ୟା ଆଇନର ଉଲ୍ଲଂଘନ କରିବା ଭଳି ସଂଗୀନ ଅପରାଧରେ ଉଭୟ ଇଞ୍ଜିନିୟର ଜଡିତ ଥିବା ଏଫଆଇଆରରେ ଦର୍ଶାଯାଇଛି।

# ଭାଙ୍ଗିଗଲା ଉଦ୍ଧବଙ୍କ ସେନା

ମୁମ୍ବାଇ: ମହାରାଷ୍ଟ୍ରରେ ପୁଣି ଥରେ ଉଦ୍ଧବ ଠାକରେଙ୍କୁ ବଡ ଝଟକା ଲାଗିଛି । ଶିବସେନା ଉଦ୍ଧବ ବାଲା ସାହେବ ଠାକରେ୍‌କ ୬ ଜଣ ସାଂସଦ ଉପମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କ ନେତୃତ୍ୱାଧୀନ ଶିବସେନାକୁ ନିଜର ସମର୍ଥନ ଘୋଷଣା କରିଛନ୍ତି । ଯେଉଁ ସାଂସଦଙ୍କ ଏକନାଥ ସିନ୍ଦେଙ୍କୁ ସମର୍ଥଣ ଦେବାକୁ ଘୋଷଣା କରିଛନ୍ତି, ସେମାନଙ୍କ ମଧ୍ୟରେ ସଞ୍ଜୟ ଯାଧବ, ସଞ୍ଜୟ ଦେଶମୁଖ, ନାଗେଶ ପାଟିଲ ଅଷ୍ଟିକର, ଓମରାଜେ ନିମ୍ବାଲକର, ଭାଉସାହେବ ୱାକଚୋରେ ଓ ସଞ୍ଜୟ ଦିନା ପାଟିଲ ସାମିଲ୍ । ବରିଷ୍ଠ ନେତା ସଞ୍ଜୟ ରାଉତ ବିଦ୍ରୋହୀ ସାଂସଦମାନଙ୍କୁ ଖୋଲା ଚ୍ୟାଲେଞ୍ଜ ଦେଇଛନ୍ତି। ସେ କହିଛନ୍ତି ଯେ, ଯଦି କୌଣସି ସାଂସଦ ଦଳ ବଦଳାଇବାକୁ ଚାହୁଁଛନ୍ତି, ତେବେ ସେମାନେ ପ୍ରଥମେ ନିଜ ପଦରୁ ଇସ୍ତଫା ଦିଅନ୍ତୁ। ରାଉତ ଚେତାବନୀ ଦେଇ କହିଛନ୍ତି ଯେ, ଯଦି ୨୦୨୨ ମସିହା ଭଳି ପୁଣିଥରେ ଦଳ ଭାଙ୍ଗିବାକୁ ଚେଷ୍ଟା କରାଯାଏ, ତେବେ ମହାରାଷ୍ଟ୍ରର ଜନତା ଏବଂ ଶିବସେନା ର କର୍ମୀମାନେ ଚୁପ୍ ବସିବେ ନାହିଁ।

# ଆମେରିକାରେ ସ୍କାଏଡାଇଭିଂ ବିମାନ କ୍ରାଶ, ୧୨ ମୃତ

ୱାଂଶିଟନ, ୧୭।୬: ଆମେରିକାର ମିସୋରୀରେ ଗୋଟିଏ ସ୍କାଏଡାଇଭିଂ ବିମାନ କ୍ରାଶ ହୋଇ ଯାଇଛି। ଏହି ଦୁର୍ଘଟଣରେ ୧୨ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ଜଣେ ୨୪ ବର୍ଷୀୟ ଭାରତୀୟ ଯୁବକ ରହିଥିବା ପ୍ରଶାସନ ପକ୍ଷରୁ ସ୍ପଷ୍ଟ କରାଯାଇଛି।

ମୃତ ଭାରତୀୟ ଜଣଙ୍କ ହେଲେ ସାଇ କାର୍ତ୍ତିକ ବର୍ମା ଉଟଲା। ବେଟ୍ସ କାଉଣ୍ଟୀର ବଟଲର ମେମୋରିଆଲ ଏୟାରପୋର୍ଟରେ ଘଟିଥିବା ବିମାନ ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ଘଟିଛି। ସାଇ କାର୍ତ୍ତିକ କାନସା ସିଟି ମେଟ୍ରୋପଲିଟାଣ୍ଟ ଅଞ୍ଚଳରେ କାମ କରୁଥିଲେ।

ମିସୋରୀର କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କମ୍ପ୍ୟୁଟର ସାଇନ୍ସରେ ମାଷ୍ଟର ଡିଗ୍ରୀ ହାସଲ କରିଥିବା ସାଇ ହେଲ୍ଥ କେୟାର ଟେକ୍ନୋଲୋଜି କ୍ଷେତ୍ରରେ କାର୍ଯ୍ୟରତ ଥିଲେ। ପୂର୍ବରୁ ସେ ଉବକ୍ସ୍ତଶରଙ୍କସଭସରେ କାମ କରୁଥିବା ବେଳେ ଏବେ ଇୟଙ୍ଗରଭଶ୍ବଐରବକ୍ଷଶ୍ବଷ ପାଇଁ କାମ କରୁଥିଲେ। ରବିବାର ଦିନ ୧୧.୩୦ରେ ସାଇ ଓ ଅନ୍ୟ ୧୦ ଜଣ ଅଭିଜ୍ଞ ସ୍କାଏଡ୍ରାଇଭର୍ସ ଗୋଟିଏ ୨୦୧୦ ପ୍ୟାସିଫିକ ଏରୋସ୍ପେଶ ୭୫୦ଏକ୍ସଏଲରେ ଉଡାଣ ଭରିଥିଲେ। ଏହା ବଟଲର ମେମୋରିଆଲ ଏୟାରପୋର୍ଟରୁ ଉଡାଣ ଭରିବାର କିଛି ମିନିଟ ପରେ ହିଁ କ୍ରାଶ କରି ଯାଇଥିଲା। ଫଳରେ ବିମାନରେ ଥିବା ସମସ୍ତ ୧୨ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ୧୧ ଜଣ ସ୍କାଏ ଡ୍ରାଇଭର୍ସ ଓ ପାଇଲଟ ରହିଛନ୍ତି। ବିମାନଟି ଗୋଟିଏ ପଡିଆରେ ପିଟି ହେବା ପରେ ପୂରା ଧ୍ୱଂସ ହୋଇ ଯାଇଥିବା ଅଧିକାରୀମାନେ ସୂଚନା ଦେଇଛନ୍ତି। ଅଧିକାରୀଙ୍କ କହିବା କଥା ଯେ ଉଡାଣ ଭରିବା ମାତ୍ରେ କୌଣସି କାରଣରୁ ବିମାନଟି ଗୋଟିଏ ଦିଗକୁ ମାଡି ଯାଇଥିଲା। ଏହାପରେ ପାଇଲଟ ଏହା ଉପରୁ ନିୟନ୍ତ୍ରଣ ହରାଇଥିଲେ। ଶେଷରେ ଏୟାରପୋର୍ଟ ପରିସରେ ଥିବା ଗୋଟିଏ ଖୋଲା ସ୍ଥାନରେ ବିମାନଟି ଖସି ପଡି ସଂପୂର୍ଣ୍ଣ ଜଳି ଯାଇଥିଲା। ବିମାନଟି ଭୂପୃଷ୍ଠରୁ ୧୦୦ ଫୁଟ ଉପରେ ଥିବା ବେଳେ ବାମ ଆଡକୁ ମୋଡି ହୋଇ ଖସି ପଡିଥିଲା ବୋଲି ପ୍ରତ୍ୟେକ୍ଷଦର୍ଶୀମାନେ କହିଛନ୍ତି।

ଆମେରିକା ଜାତୀୟ ପରିବହନ ସୁରକ୍ଷା ବୋର୍ଡର କହିଛି ଯେ ତଦନ୍ତକାରୀ ଅଧିକାରୀମାନେ ସମସ୍ତ ପ୍ରତ୍ୟେକ୍ଷଦର୍ଶୀଙ୍କୁ ବୟାନ ରେକର୍ଡ କରିଛନ୍ତି। ସେହିପରି ଘଟଣା ସ୍ଥଳର ଓ ଘଟଣା ବେଳର ସମସ୍ତ ଫଟୋ ଏବଂ ଭିଡିଓକୁ ସଂଗ୍ରହ କରିଛନ୍ତି। ତେଣୁ ଏହାପରେ ଦୁର୍ଘଟଣାର ପ୍ରକୃତ କାରଣ ସାମ୍ନାକୁ ଆସିବ।

# ରଜପର୍ବରେ ସୁକିନ୍ଦାରେ ଶରତ ରାଉତଙ୍କ 'ମାଷ୍ଟରଷ୍ଟ୍ରୋକ୍'

## କଂଗ୍ରେସମୁହାଁ ବିଜେପି-ବିଜେଡି କର୍ମୀ; ୩୬ ବର୍ଷର ବିକାଶ ଶୂନ୍ୟତାକୁ ନେଇ ସରଗରମ ଚର୍ଚ୍ଚା,ଲୋକଙ୍କ ମନେପଡୁଛି ୮୦-୮୫ ମସିହାର ର ସୁବର୍ଣ୍ଣ ଯୁଗ

କଳିଙ୍ଗନଗର, ୧୭/୬ (ନି.ପ୍ର.): ଓଡ଼ିଶାର ପାରମ୍ପରିକ କୃଷି ଭିତ୍ତିକ ଗଣପର୍ବ 'ରଜ'ର ଉତ୍ସାହ ଭିତରେ ସୁକିନ୍ଦା ନିର୍ବାଚନ ମଣ୍ଡଳୀର ରାଜନୈତିକ ମଇଦାନ ହଠାତ୍ ସରଗମ ହେବାକୁ ଲାଗିଛି। ସୁକିନ୍ଦାରେ ଏବେ ଶାସକ ବିଜେପି ଦଳ ଏବଂ ପ୍ରମୁଖ ବିରୋଧୀ ଦଳ ବିଜେଡିର ଲୋକପ୍ରିୟତାରେ ଦ୍ରୁତ ହ୍ରାସ ଘଟୁଥିବା ନେଇ ଆଲୋଚନା ହେଉଥିବା ବେଳେ, ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ଶରତ ରାଉତଙ୍କ ବଢୁଥିବା ଲୋକପ୍ରିୟତା ଏବଂ ଲୋକସମ୍ପର୍କ ସକ୍ରିୟତା ସ୍ଥାନୀୟ ରାଜନୀତିରେ ଏକ ବଡ଼ ଓଲଟପାଲଟର ସଙ୍କେତ ଦେଇଛି। ରଜପର୍ବର ସୁଯୋଗ ନେଇ ଶ୍ରୀ ରାଉତଙ୍କ ନିଜ ଗ୍ରାମ ସମେତ ସୁକିନ୍ଦା ଅଞ୍ଚଳରେ ଯେଉଁ ବ୍ୟାପକ ଗ୍ରସ୍ତାକ୍ରମ ଜାରିରଖିଛନ୍ତି , ତାହା ବିରୋଧୀ ଶିବିରର ନିଦ ହଜାଇ ଦେଇଛି।ଏହାକୁ ସାଧାରଣରେ 'ଅପରେସନ୍ ସୁକିନ୍ଦା କଂଗ୍ରେସ' ଲୋକେ କହିବା ଆରମ୍ଭ କଲେଣି।

ପ୍ରାପ୍ତ ସୂଚନା ଅନୁଯାୟୀ, ଶରତ ରାଉତଙ୍କ ନିଜ ପଞ୍ଚାୟତ ଗୋବର୍ଦ୍ଧନପୁର ସମେତ ସୁକିନ୍ଦା ର ବିଭିନ୍ନ ଅଞ୍ଚଳ ର ମାନପୁର, ଅଲେଖପୁର, ଉଚ୍ଚବାଲି ନଡ଼ିଆଭଙ୍ଗା, ଶାଳୀଜଙ୍ଗା ଏବଂ ନଛିପୁରା ପଞ୍ଚାୟତ ବିଭିନ୍ନ ଅଞ୍ଚଳର ରାଜନୈତିକ ବାତାବରଣ ଏବେ ସମ୍ପୂର୍ଣ୍ଣ ଆଲୋଡ଼ିତ। ରଜ ସୌଜନ୍ୟମୂଳକ ସାକ୍ଷାତକାର ଏବେ ଶ୍ରୀ ରାଉତଙ୍କ ବାସଭବନର ଉଭୟ ବିଜେପି ବିଜେଡି ନେତାମାନଙ୍କ ର ଭିଡ଼ ବଢ଼ିବାରେ ଲାଗିଛି।ଏହି ଦୁଇଟିଦଳ ର ଅନେକ ତୃଣମୂଳ ସ୍ତରରୁ ବହୁ ସକ୍ରିୟ କର୍ମୀ ଏବଂ ନେତା ଖୋଲାଖୋଲି କଂଗ୍ରେସ ପ୍ରତି ଆଗ୍ରହ ଦେଖାଉଥିବା ପରିଲକ୍ଷିତ ହେଉଛି.ପଞ୍ଚାୟତ ସ୍ତରରେ ବିଜେପି ଓ ବିଜେଡିର କର୍ମୀମାନେ ଦଳ ଭିତରେ କ୍ରମାଗତ ଭାବେ ଅବହେଳାର ଶିକାର ହେଉଥିବାରୁ ସେମାନଙ୍କ ମଧ୍ୟରେ ତୀବ୍ର କ୍ଷୋଭ ପ୍ରକାଶ ପାଇଛି। ଦଳୀୟ ନେତୃତ୍ୱ ପ୍ରତି ଥିବା ଅସନ୍ତୋଷ ଯୋଗୁଁ ହିଁ ସେମାନେ ଏବେ ବିକଳ୍ପ ଭାବେ କଂଗ୍ରେସମୁହାଁ ହେଉଛନ୍ତି। ଯଦିଓ ଏହି ସମ୍ଭାବ୍ୟ ଦଳ




ବଦଳ ସମ୍ପର୍କରେ କୌଣସି ଆନୁଷ୍ଠାନିକ ଘୋଷଣା ହୋଇନାହିଁ, ମାତ୍ର ଭିତରେ ଭିତରେ ରନ୍ଧା ହେଉଥିବା ଖେଚୁଡ଼ି ଆଗାମୀ ଦିନରେ ବଡ଼ ଧରଣର ରାଜନୈତିକ ସମୀକରଣ ବଦଳିବାର ଆଭାସ ଦେଉଛି।ସୁକିନ୍ଦା ରେ ଶରତ ରାଉତ ବିଧାୟକ ଥିବା ସମୟ ପୁରୁଖା ଲୋକଙ୍କ ମନେପଡୁଛି ୮୦-୮୫ର ସୁବର୍ଣ୍ଣ ଯୁଗ ଏବଂ ୩୬ ବର୍ଷର ବିକାଶ ଶୂନ୍ୟତାକୁ ନେଇ ବର୍ତ୍ତମାନ ତୁଳନା କରୁଛନ୍ତି ।ଏହି ସମଗ୍ର ହଲଚଲ ଭିତରେ ସୁକିନ୍ଦାବାସୀଙ୍କ ମନରେ ପୁଣି ଥରେ ଶରତ ରାଉତଙ୍କ ଅତୀତର ସେହି ବିକାଶମୂଳକ ଶାସନ କାଳର ସ୍ମୃତି ତାଜା ହୋଇଛି। ସୁକିନ୍ଦାର କୋଣ ଅନୁକୋଣରେ ଏବଂ ପ୍ରତି ଗ୍ରାମରେ ଏବେ ଏହି ଆଲୋଚନା ଜୋର ଧରିଛି। ୧୯୮୦ ଏବଂ ୧୯୮୫ ମସିହାରେ ଶ୍ରୀ ରାଉତ ବିଧାୟକ ଓ ପରେ ମନ୍ତ୍ରୀ ଥିବା ସମୟରେ ସୁକିନ୍ଦା ଯେଉଁ ସୁବର୍ଣ୍ଣ ଯୁଗ ଦେଖିଥିଲା, ତାହାକୁ ନେଇ ଜନମାନସରେ ମନ୍ଥନ ଚାଲିଛି ।ଲୋକଙ୍କ ମୁହଁରେ ଶରତ ରାଉତଙ୍କ ସେହି ତିନୋଟି ବଡ଼ ଅବଦାନ ମଧ୍ୟରେ ସୁକିନ୍ଦାର ଶିକ୍ଷା ବିପ୍ଳବ ଆଣିବା ପାଇଁ କୋଣ ଅନୁକୋଣରେ ସ୍କୁଲ ଓ କଲେଜ ପ୍ରତିଷ୍ଠା କରି ଶିକ୍ଷାର ବ୍ୟାପକ ବିକାଶ କରିଥିଲେ ।ସୁକିନ୍ଦା ରେ ସ୍ୱାସ୍ଥ୍ୟ ସେବାରେ ଉନ୍ନତି ଆଣି ଗରିବ ଓ ସାଧାରଣ ଲୋକଙ୍କ ଚିକିତ୍ସା ପାଇଁ ସୁକିନ୍ଦାରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ମାନ ପ୍ରତିଷ୍ଠା ଓ ଉନ୍ନତୀକରଣ କରି ଅତ୍ୟାଧୁନିକ ଚିକିତ୍ସା ସେବା ଯୋଗାଇ ଦେଇଥିଲେ ।ଶରତ ସୁକିନ୍ଦା ଯୁବକ ଯୁବତୀଙ୍କୁ ବ୍ୟାପକ ରୋଜଗାର ଦେଇଥିଲେ ।ଅଞ୍ଚଳର ଶିକ୍ଷିତ ବେକାର ଯୁବକ ଯୁବତୀମାନଙ୍କୁ ସମ୍ମାନର ସହ ବହୁ ସଂଖ୍ୟାରେ କେନ୍ଦୁଝର ଅଞ୍ଚଳ ର ଟାଟା ବ୍ରହ୍ମଣୀପାଳ, ଯାଜପୁର ରୋଡ୍ ଫେରୋକ୍ରୋମ୍, କାଳିଆପାଣି ଓଏମସି ଓ ସମସ୍ତ ମାଇନ୍ସ (ଖଣି) ସହିତ କେନ୍ଦ୍ର ଦରକାରଙ୍କ ରେଳ ବିଭାଗରେ ବହୁ ସଂଖ୍ୟାରେ ସ୍ଥାୟୀ ନିଯୁକ୍ତି ଯୋଗାଇ ଦେବାରେ ସେ ସକ୍ଷମ ହୋଇଥିଲେ। ଆଜି ସୁକିନ୍ଦାର ସବୁ ଦଳର ବରିଷ୍ଠ କର୍ମୀ ଓ ନେତାମାନେ ମଧ୍ୟ ଏକଥା ସ୍ୱୀକାର କରୁଛନ୍ତି ଯେ, ଶରତ ରାଉତ କ୍ଷମତାରୁ ଗଲା ପରେ ବିଗତ ୩୬ ବର୍ଷ ମଧ୍ୟରେ ସୁକିନ୍ଦାରେ ସେଭଳି କୌଣସି ଦୃଶ୍ୟମାନ ବା ବଡ଼ ଧରଣର ବିକାଶ ହୋଇପାରି ନାହିଁ। ବିଗତ ଦିନର ଶାସକମାନେ କେବଳ ପ୍ରତିଶ୍ରୁତି ଦେଇଛନ୍ତି ସିନା, ବାସ୍ତବରେ କାମ କରିନାହାନ୍ତି ବୋଲି ଅଞ୍ଚଳବାସୀ ସିଧାସଳଖ ଅଭିଯୋଗ ଆଣୁଛନ୍ତି ।ଶରତଙ୍କ ରାଜନୀତି କ ସକ୍ରିୟତା ନିର୍ବାଚନ ମଣ୍ଡଳୀରେ ବିଗାଡିବ ରାଜନୈତିକ ସମୀକରଣ; ବିଜେପି-ବିଜେଡି ପାଇଁ ବଢ଼ିଲା ଚିନ୍ତା ।ଶରତ ରାଉତଙ୍କ ସାଙ୍ଗଠନିକ ସକ୍ରିୟତା ଯୋଗୁଁ ଆଗକୁ ଆସୁଥିବା ପଞ୍ଚାୟତ ନିର୍ବାଚନ ପୂର୍ବରୁ ୮ ନମ୍ବର ଜୋନରେ ସୃଷ୍ଟି ହୋଇଥିବା ଏହି ନୂଆ ରାଜନୈତିକ ସମୀକରଣ ଉଭୟ ଶାସକ ବିଜେପି ଏବଂ ପ୍ରମୁଖ ବିରୋଧୀ ବିଜେଡି ଶିବିର ପାଇଁ ବଡ଼ ମୁଣ୍ଡବିନ୍ଧାର କାରଣ ସାଜିଛି। ସୁକିନ୍ଦାରେ ଏବେ ଗୋଟିଏ ପଟେ ବିଜେପି ଓ ବିଜେଡିର ଗ୍ରାଫ୍ ତଳକୁ ଖସୁଥିବା ବେଳେ, ଅନ୍ୟପଟେ ଶରତ ରାଉତଙ୍କ ବ୍ୟକ୍ତିଗତ ଭାବମୂର୍ତ୍ତି ଓ ପ୍ରଭାବଶାଳୀ ଲୋକପ୍ରିୟତା କଂଗ୍ରେସର ସଞ୍ଜୀବନୀ ସାଜିଛି ।ଶରତ ରାଉତଙ୍କ ଭଳି ଜଣେ ପୁରୁଖା ନେତା ଏବଂ ବିକାଶପୁରୁଷଙ୍କର ଏହି 'ରଜ କୂଟନୀତି' ଆଗାମୀ ଦିନରେ ସୁକିନ୍ଦା ରାଜନୀତିକୁ କେଉଁ ନୂଆ ମୋଡ଼ ଦେଉଛି ଏବଂ ବିରୋଧୀଙ୍କ ଦୁର୍ଗକୁ କେତେ ପ୍ରଭାବିତ କରୁଛି, ତାହା ଉପରେ ଏବେ ସମଗ୍ର ଜିଲ୍ଲାର ନଜର ରହିଛି।

ଆଞ୍ଚଳିକ ମନ୍ଥନ

ଗୁରୁବାର,୧୮,ଜୁନ,୨୦୨୬ Thursday,18 June 2026, Bhubaneswar





# ବରିଷ୍ଠ ନାଗରିକ ମଞ୍ଚ ଆୟୋଜନ କଲା ତିନିଦିନିଆ ରଜମହୋତ୍ସ-ପ୍ରତିଯୋଗୀ ପୁରସ୍କୃତ

ଛତ୍ରପୁର, ୧୭।୬:(ମନ୍ଥନ) ଛତ୍ରପୁର ବ୍ଲକ ଅନ୍ତର୍ଗତ କେରାଣ୍ଡିତୋଳା ନାରାୟଣପୁର ଗ୍ରାମର ପ୍ରତିଷ୍ଠିତ ବରିଷ୍ଠ ନାଗରିକ ମଞ୍ଚ ତରଫରୁ ତିନିଦିନିଆ ରଜାମହୋତ୍ସବ ମହା ଆଡମ୍ବର ସହ ଆୟୋଜିତ ହୋଇଯାଇଛି। ଉକ୍ତ ତିନି ଦିନିଆ ଉତ୍ସବରେ ଗ୍ରାମର କୁଆଁରି କନ୍ୟା ମାନଙ୍କ ମଧ୍ୟରେ ପୁଚି, ଦୌଡ଼ି ଡିଆଁ, ଏକକ ନୃତ୍ୟ, ଝୋଟି, ମ୍ୟୁଜିକାଲ ଚେୟାର, କଣ୍ଠ ସଂଗୀତ, କୁଇଜ ପ୍ରଭୃତି ବିଷୟ ଗୁଡିକ ଉପରେ ପ୍ରତିଯୋଗିତା ମାନ ପରଚଳନା କରାଯାଇଥିଲା । ଅନ୍ତିମ ଦିବସ ସନ୍ଧ୍ୟାରେ ପ୍ରତିଯୋଗୀଙ୍କୁ ପ୍ରମାଣ ପତ୍ର ସହ ପୁରସ୍କୃତ କରାଯାଇଥିଲା । ପୁରସ୍କାର ବିତରଣ ଉତ୍ସବରେ ବରିଷ୍ଠ ନାଗରିକ ମଞ୍ଚର ସଭାପତି ନରହରି ପ୍ରଧାନ ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ରୂପେ ଟାଙ୍ଗଣାପଲ୍ଲୀ ସରପଞ୍ଚ ବି. ସୁଦାମ ଯୋଗ ଦେଇ ବରିଷ୍ଠ ମଞ୍ଚ ତରଫରୁ ରଜ ଉତ୍ସବ ଦୀର୍ଘ ବର୍ଷ ଧରି ସଫଳତାର ସହ ଆୟୋଜିତ ହେଉଥିବାରୁ ମଞ୍ଚକୁ ସାଧୁ ବାଦ ଜଣାଇଥିଲେ । ମଞ୍ଚର ସଂଯୋଜକ ତଥା ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ କାମରାଜୁ ମହାରଣା ୨୦୧୭ମସିହାରୁ ଗ୍ରାମରେ ରଜ ଉତ୍ସବ ପାଳନ କରାଯାଇ ଆସୁଥିବା କହି କୁଆଁରୀ କନ୍ୟା ମାନଙ୍କ ମଧ୍ୟରେ ଥିବା ପ୍ରତିଭାକୁ ବିକାଶ



କରବା ପାଇଁ ସୁଯୋଗ ସୃଷ୍ଟି କରାଯାଉ ଥିବା କଥା ପ୍ରକାଶ କରିଥିଲେ ।ଉପଦେଷ୍ଟା କୋରା ମହାରଣା ମଞ୍ଚର ସମସ୍ତ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ । ଗାଁ ସଭାପତି ଅମରେଶ୍ୱର ସାହୁ ଆଗାମୀ ବର୍ଷ ମାନଙ୍କରେ ଏହି କାର୍ଯ୍ୟକ୍ରମକୁ ଅଧିକ ଆକର୍ଷଣୀୟ କରିବା ପାଇଁ ପ୍ରସ୍ତାବ ଦେଇଥିଲେ । ସମ୍ପାଦକ ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ ମଞ୍ଚର ବିବରଣୀ ପ୍ରଦାନ ସହ ସଂଯୋଜନା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ କାର୍ଯ୍ୟକାରୀ ସଭାପତି ଅଭିମନ୍ୟୁ ସାହୁ, ଉପସଭାପତି ଲକ୍ଷ୍ମଣ ପାଣିଗ୍ରାହୀ, ବିଶ୍ୱନାଥ ମହାନ୍ତି, ଘନଶ୍ୟାମ ପ୍ରଧାନ, ଗୁଜାରୀ ରାମକୃଷ୍ଣ, ଭଗବାନ ସାହୁ,ଜୁରିଅ। ପ୍ରଧାନ, ଭିକାରୀ ପ୍ରଧାନ ପ୍ରମୁଖ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ରବୀନ୍ଦ୍ର କୁମାର ସାହୁ ଓ ଧର୍ମେନ୍ଦ୍ର ପ୍ରଧାନ ବିତରକ ରୂପେ ସହଯୋଗ କରିଥିଲେ ।

# ମୁଖ୍ୟ ସଡ଼କରେ ଜଳୁନି ଷ୍ଟ୍ରିଟ ଲାଇଟ

ବୁଗୁଡ଼ା, ୧୭।୬:(ମନ୍ଥନ) ବୁଗୁଡ଼ା ମୁଖ୍ୟ ସଡ଼କରେ ଜଳୁନି ଷ୍ଟ୍ରିଟ ଲାଇଟ । ସହରର ମୁଖ୍ୟ ସଡ଼କର ବେତାରସିଂ ଛକଠାରୁ ଏନଏସି ଉପକଣ୍ଠସ୍ଥ ସ୍ୱାଗତ ତୋରଣ ପର୍ଯ୍ୟନ୍ତ ରାସ୍ତା ପାର୍ଶ୍ୱରେ ଥିବା ଷ୍ଟ୍ରିଟ୍ ଲାଇଟ ଗୁଡିକ ଜଳୁ ନଥିବାରୁ ସନ୍ଧ୍ୟା ହେଲେ ଜନ ସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହି ରାସ୍ତାରେ ଷ୍ଟେଟ ବ୍ୟାଙ୍କ, ବିଭିନ୍ନ ଅର୍ଥ ଲଗାଣକାରୀ ସଂସ୍ଥା ସହ କୋଚିଂ ସେଣ୍ଟର ରହିଛି । ଫଳରେ ବିଭିନ୍ନ କାମରେ ଆସୁଥିବା ଲୋକ ଓ ଟିୟୁସନ ଯାଉଥିବା ଛାତ୍ରଛାତ୍ରୀଙ୍କ ସମେତ ସାନ୍ଧ୍ୟ ଭ୍ରମଣରେ ଯାଉଥିବା ବରିଷ୍ଠ ନାଗରିକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ପାଞ୍ଚ ଦିନ ହେଲା ଏହି ରାସ୍ତା ଅନ୍ଧାର ହୋଇ ରହିଥିଲେ ହେଁ ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଉନଥିବା ଅଭିଯୋଗ ହେଉଛି । ଏଣୁ, ଏନଏସି କର୍ତ୍ତୃପକ୍ଷ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି ।

# ଜଗନ୍ନାଥ ଏକାଡେମୀର ବାର୍ଷିକ ଉତ୍ସବ ଅନୁଷ୍ଠିତ

କାକଟପୁର, ୧୭।୬:(ମନ୍ଥନ) ସ୍ଥାନୀୟ ଜଗନ୍ନାଥ ଏକାଡେମୀର ପ୍ରଥମ ବାର୍ଷିକ ଉତ୍ସବ ବେଶ୍ ଧୁମଧାମରେ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମର ପ୍ରାରମ୍ଭରେ ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରାଯିବା ପରେ ଆନୁଷ୍ଠାନିକ ଭାବେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ବିଶିଷ୍ଟ ଅତିଥିଙ୍କ ଯୋଗଦାନ ଏବଂ ମାର୍ଗଦର୍ଶନ ଜଗନ୍ନାଥ ଏକାଡେମୀ ର ମୁଖ୍ୟ ଜଗନ୍ନାଥ ସ୍ୱାଇଁ ଙ୍କ ଅଧ୍ୟକ୍ଷତାରେ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ସୁଧାନନ୍ଦ ଗୁପର ମୁଖ୍ୟ ଆର. କେ. ସାହୁ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଶୃଙ୍ଖଳିତ ଜୀବନ ଗଠନ ପାଇଁ ପରାମର୍ଶ ଦେଇଥିଲେ। କୋଣାର୍କ ସ୍ଥିତ ଆର୍ତତ୍ରାଣ କାର୍ତ୍ତିକେଶ୍ୱର ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ରାମକୃଷ୍ଣ ମହାନ୍ତି ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଶିକ୍ଷା ସହିତ ସଂସ୍କାରର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ କାକଟପୁର ପ୍ରେସ କ୍ଲବର ସଭାପତି କମଳ ଲୋଚନ ଦୀକ୍ଷିତ,ମଙ୍ଗଳା ମହାବିଦ୍ୟାଳୟର ଉପାଧ୍ୟକ୍ଷ ସଂଗ୍ରାମ ଛାଟୋଇ, ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ଲଳାଟେନ୍ଦୁ ସ୍ୱାଇଁ,କୋଣାର୍କ ଜାଭିୟର ହାଇ ସ୍କୁଲ, ନିର୍ଦ୍ଦେଶକ ସମୀର କୁମାର ଭୂୟାଁ,ମହାତ୍ମାଗାନ୍ଧୀ ଡିଗ୍ରୀ କଲେଜ ଅଧ୍ୟାପକ ପ୍ରଶାନ୍ତ କୁମାର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ଅନୁଷ୍ଠାନର ସର୍ବାଙ୍ଗୀନ ଉନ୍ନତି ଲୋଡ଼ିଥିଲେ । ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମସଭା ପରିଚାଳନା ପରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ପିଲାମାନଙ୍କର ଚିତ୍ତାକର୍ଷକ ନୃତ୍ୟ ଓ ସଂଗୀତ ସେଠାରେ ଉପସ୍ଥିତ ଥିବା




ଅଭିଭାବକ ଏବଂ ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲା । ଜଗନ୍ନାଥ ଏକାଡେମୀର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ମିଳିତ ସହଯୋଗ ଏବଂ ସୁପରିଚାଳନା ଯୋଗୁଁ ଏହି ବାର୍ଷିକ ଉତ୍ସବଟି ସଫଳତାର ସହ ସମ୍ପନ୍ନ ହୋଇପାରିଛି ।

# ନୂଆକରି ନିଯୁକ୍ତି ପାଇଲେ ୬ଜଣ ସ୍ଥାୟୀ ପ୍ରଧାନଶିକ୍ଷକ

ବୁଗୁଡା,୧୭।୬:(ମନ୍ଥନ) ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏବଂ ଓଡିଶା ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଯୋଗ୍ୟ ବିବେଚିତ ସହକାରୀ ଶିକ୍ଷକଙ୍କୁ ପଦୋନ୍ନତି ଦିଆଯାଇ ରାଜ୍ୟର ବିଭିନ୍ନ ସରକାରୀ ହାଇସ୍କୁଲ ଗୁଡିକରେ ସ୍ଥାୟୀ ପ୍ରଧାନଶିକ୍ଷକ ରୂପେ ନିଯୁକ୍ତି ଦିଆଯାଇଥିବା ଜଣାପଡିଛି । ଏହି କ୍ରମରେ ବୁଗୁଡା ଅଞ୍ଚଳର ୬ଟି ସରକାରୀ ହାଇସ୍କୁଲରେ ନୂତନ ଭାବେ ସ୍ଥାୟୀ ପ୍ରଧାନ ଶିକ୍ଷକ ନିଯୁକ୍ତି ପାଇଥିବା ଜଣାପଡିଛି । ଶିକ୍ଷା ବ୍ୟବସ୍ଥାକୁ ସୁବ୍ୟବସ୍ଥିତ କରିବା ପାଇଁ ରାଜ୍ୟ ସରକାରଙ୍କ ଶିକ୍ଷା ବିଭାଗ ପକ୍ଷରୁ ନିଆଯାଇଥିବା ଏହି ପଦକ୍ଷେପକୁ ବୁଦ୍ଧିଜୀବୀ ଓ ସଚେତନ ନାଗରିକ ମହଲରେ ସ୍ୱାଗତ କରାଯାଉଥିବା ଦେଖିବାକୁ ମିଳୁଛି । ରାଜ୍ୟ ସରକାରଙ୍କ ଶିକ୍ଷା ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଗଞ୍ଜାମ ଜିଲ୍ଲା ଶିକ୍ଷା ବିଭାଗ କାର୍ଯ୍ୟାଳୟ ଅଧୀନସ୍ଥ ବୁଗୁଡା ବ୍ଲକର ବାଲିପଦର ହାଇସ୍କୁଲରେ ପ୍ରଶାନ୍ତ କୁମାର ଗୌଡ, ବି.କରଡ଼ାବାଡ଼ି ହାଇସ୍କୁଲରେ ସରଜିନି ହାସଦା, ଘୋଡାପଡା ହାଇସ୍କୁଲରେ ବୁଲୁ ବେହେରା, ବୁଦ୍ଧଗିରି ବିଦ୍ୟାପୀଠରେ ସୁବଳ କଅଁର , କରଚୁଲି ହାଇସ୍କୁଲରେ ଶୁଭଲକ୍ଷ୍ମୀ ଦେହୁରି , ମାଣିତରା ହାଇସ୍କୁଲରେ ବେଲାଳସେନ ମଲ୍ଲିକ ପ୍ରମୁଖ ନିଯୁକ୍ତି ପାଇଥିବା ଜଣାପଡିଛି । ବୁଗୁଡା ଅଞ୍ଚଳର ବହୁ ସରକାରୀ ହାଇସ୍କୁଲରେ ଦୀର୍ଘଦିନ ହେଲା ସ୍ଥାୟୀ ପ୍ରଧାନଶିକ୍ଷକ ପଦବୀ ଖାଲି ପଡିଥିବାରୁ ଦୈନନ୍ଦିନ କାର୍ଯ୍ୟ ପରିଚାଳନାରେ ନାନା ସମସ୍ୟା ସୃଷ୍ଟି ହେଉଥିଲା । ବିଳମ୍ବରେ ହେଲେବି ଶିକ୍ଷାବିଭାଗ ପକ୍ଷରୁ ବୁଗୁଡାର ୬ଟି ସରକାରୀ ହାଇସ୍କୁଲରେ ସ୍ଥାୟୀ ପ୍ରଧାନଶିକ୍ଷକ ନିଯୁକ୍ତି କରାଯାଇଥିବାରୁ ସରକାରଙ୍କ ପଦକ୍ଷେପକୁ ସାଧାରଣରେ ସ୍ୱାଗତ କରାଯାଉଛି ।

# କୋଇଡ଼ା ବ୍ଲକରେ ‘ବିକାଶର ଧାରା ଓଡ଼ିଶା ସାରା’ ଜନସମ୍ପର୍କ ଅଭିଯାନ ଅନୁଷ୍ଠିତ

କୋଇଡା,୧୭।୬:(ମନ୍ଥନ) ଓଡ଼ିଶା ସରକାରଙ୍କ ସଫଳ ଦୁଇ ବର୍ଷ ପୂର୍ତ୍ତି ଅବସରରେ ଆଜି ସୁନ୍ଦରଗଡ଼ ଜିଲ୍ଲା କୋଇଡ଼ା ବ୍ଲକ କ୍ୟାମ୍ପସ ପରିସରରେ ‘ବିକାଶର ଧାରା ଓଡ଼ିଶା ସାରା’ ବ୍ଲକ ସ୍ତରୀୟ ଜନସମ୍ପର୍କ ଓ ନାଗରିକ ସହଭାଗିତା କାର୍ଯ୍ୟକ୍ରମ ସଫଳତାର ସହ ଆରମ୍ଭ ହୋଇଯାଇଛି । ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ପ୍ରମୁଖ ଜନକଲ୍ୟାଣକାରୀ ଯୋଜନା ଏବଂ ବିକାଶମୂଳକ କାର୍ଯ୍ୟକ୍ରମ ବିଷୟରେ ସାଧାରଣ ଜନତାଙ୍କୁ ସଚେତନ କରାଇବା ଏବଂ ସରକାରଙ୍କ ବିକାଶ ବାର୍ତ୍ତାକୁ ପ୍ରତ୍ୟେକ ଘରକୁ ଘର ପହଞ୍ଚାଇବା । କାର୍ଯ୍ୟକ୍ରମର ଶୁଭାରମ୍ଭ ସମୟରେ ମଞ୍ଚରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଫଟୋଚିତ୍ର ସ୍ଥାପନ କରାଯାଇ ପାରମ୍ପରିକ ରୀତିରେ ପୂଜାର୍ଚ୍ଚନା କରାଯାଇଥିଲା । କାର୍ଯ୍ୟକ୍ରମରେ ବ୍ଲକ ଉନ୍ନୟନ ଅଧିକାରୀ ରଶ୍ମିରେଖା ପାତ୍ର ଏବଂ ଅତିରିକ୍ତ ତହସିଲଦାର ନିର୍ମଳ ବିଶ୍ୱାଳ କୋଇଡା ବ୍ଲକଅଧ୍ୟକ୍ଷ ସୁରେଶ ନାୟକ, କେନ୍ଦ୍ର ମନ୍ତ୍ରୀ ଜୁଏଲ ଓରାମ ଙ୍କ କୋଇଡା ପ୍ରତିନିଧିଚେତନଦୀପ ନାୟକ



ଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ରହି ହିତାଧିକାରୀମାନଙ୍କୁ ସରକାରୀ ସୁବିଧାର ସଠିକ୍ ଲାଭ ଉଠାଇବାକୁ ଆହ୍ୱାନ ଦେଇଥିଲେ ଏବଂ କୌଣସି ବ୍ୟକ୍ତିଙ୍କର କିଛି ସମସ୍ୟା କିମ୍ବା ଅଭାବ ରହିଛି ଏହାକୁ ସରକାରୀ ସ୍କିମ୍ ମାଧ୍ୟମରେ ଦୂର କରାଯିବ । ଏହି ସଭାରେ ବହୁ ସଂଖ୍ୟାରେ ସ୍ଥାନୀୟ ମହିଳା, ସ୍ୱୟଂ ସହାୟକ ଗୋଷ୍ଠୀ ର ସଦସ୍ୟା, ସ୍ଥାନୀୟ ଜନପ୍ରତିନିଧି ଏବଂ ବ୍ଲକ ର ଗ୍ରାମବାସୀ ଅଂଶଗ୍ରହଣ କରିଥିଲେ । ଏହି ଜନସମ୍ପର୍କ ଯାତ୍ରା କେବଳ ବ୍ଲକ କ୍ୟାମ୍ପସରେ ସୀମିତ ରହିବ ନାହିଁ ଏଣୁ କୋଇଡ଼ା ବ୍ଲକର ସମୁଦାୟ ୧୫ଟି ଗ୍ରାମ ପଞ୍ଚାୟତରେ ଜୁନ୍ ୧୭ ଠାରୁ ୨୦ ତାରିଖ ପର୍ଯ୍ୟନ୍ତ ପର୍ଯ୍ୟାୟକ୍ରମେ ଏହି ଅଭିଯାନ ଜାରି ରହିବ ।

# ରଷିକୁଲ୍ୟା ମୁହାଁଣରେ ଅଶାନ୍ତ ସମୁଦ୍ର ତାଣ୍ଡବ ରଚୁଛି

ଗଞ୍ଜାମ,୧୭।୬:(ମନ୍ଥନ)ଗଞ୍ଜାମ ଜିଲ୍ଲାରେ ଅବସ୍ଥିତ ରଷିକୁଲ୍ୟା ମୁହାଁଣ ଅଞ୍ଚଳରେ ଅଶାନ୍ତ ସମୁଦ୍ର ର ଉଚ୍ଚ ଲହଡି ମାଡରେ ସ୍ଥାନୀୟ ଅଞ୍ଚଳରେ ଭୌଗଳିକ ଅରିବେଶ ବିଗିଡି ଯାଉଥିବା ପରିଲକ୍ଷିତ ହେଉଛି । ଜିଲ୍ଲା ପ୍ରଶାସନ ଦ୍ୱାରା ପୂର୍ବରୁ ଅଂଚଳବାସୀଙ୍କୁ ଅନ୍ୟତ୍ର ଥଇଥାନ କରାଯାଇଥିବା ବେଳେ ଉକ୍ତ ପୁରୁଣା ପୋଡ଼ମପେଟା ଗ୍ରାମର ୯୯ ପ୍ରତିଶତ ପକ୍କା ଘର ଗୁଡିକ ସମୁଦ୍ର ର ଅାଁ ମଧ୍ୟରେ ଗୋଟିଏ ପରେ ଗୋଟିଏ ଲୀନ ହୋଇଯାଉଥିବା ଲକ୍ଷ କରାଯାଉଛି । ପୂର୍ଣମୀ ଓ ଅମାବାସ୍ୟା ତିଥିରେ ସମୁଦ୍ର ଲହରୀ ଅଧିକ ଭୟଙ୍କର ହୋଇ ଉଠୁଥିବା ଅଂଚଳବାସୀ ପ୍ରକାଶ କରିଛନ୍ତି । ଉଚ୍ଚ ଲହରୀ ପ୍ରଭାବ ରେ ହେନ୍ତାଳ ବଣ ମଧ ନଷ୍ଟ ହେଉଥିବା ଲକ୍ଷ କରାଯାଉଛି । ପୁରୁଣା ପୋଡ଼ାମପେଟା ଗ୍ରାମଟି ଏକ ଉଚ୍ଚ ସ୍ଥାନରେ ରହିଥିବା ସ୍ଥଳେ ସମୁଦ୍ର ଲହରୀରେ ଉଚ୍ଚ ସ୍ଥାନ ଅବକ୍ଷୟ ହୋଇପଡୁଥିବା ଲକ୍ଷ କରାଯାଉଛି । ଏହା ଲାଗିରହିଲେ ଆଗାମୀ ଭବିଷତରେ ନିକଟରେ ରହିଥିବା କଣ୍ଟିଆଗଡ଼ ଗ୍ରାମ ସମେତ ଅନ୍ୟାନ୍ୟ ଗ୍ରାମ ପ୍ରତି ବିପଦ ରହିଥିବା ଆଶଙ୍କା ପ୍ରକାଶ ପାଇଛି । ଅନ୍ୟପଟେ କାଜୁ ଓ ଝାଉଁ ଜଙ୍ଗଲ ନଷ୍ଟ ହେବାର ମଧ ସମ୍ଭାବନା ରହିଛି । ଉକ୍ତ ଅଞ୍ଚଳ ଅବକ୍ଷୟ ହେଉଥିବା ସାମାଜିକ ଗଣମାଧମରେ ପ୍ରକାଶ ପାଇବା ପରେ ଉକ୍ତ ସ୍ଥାନରେ ଲୋକଙ୍କ ଭିଡ଼ ଜାମୁଥିବା ଦେଖିବାକୁ ମିଳୁଛି । ଏନେଇ ସରକାର,ଜିଲ୍ଲା ପ୍ରଶାସନ ଓ ବିଭାଗିୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଅଂଚଳବାସୀ ଙ୍କ ପକ୍ଷରୁ ଦାବୀ ହେଉଛି ।

# ନିମାପଡ଼ା ପ୍ରେସକ୍ଲବର ସାଙ୍ଗଠନିକ ନିର୍ବାଚନ ଅନୁଷ୍ଠିତ

ନିମାପଡ଼ା,୧୭।୬:(ମନ୍ଥନ) ନିମାପଡ଼ାର ଏକମାତ୍ର ସର୍ବପୁରାତନ ସାମ୍ବାଦିକ ଅନୁଷ୍ଠାନ ନିମାପଡ଼ା ପ୍ରେସକ୍ଲବର ସାଙ୍ଗଠନିକ ନିର୍ବାଚନ ବୁଧବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି । ୩୮ଜଣ ସଭ୍ୟ/ ସଭ୍ୟାଙ୍କୁ ନେଇ ଗଠିତ ନିମାପଡ଼ା ପ୍ରେସକ୍ଲବର ଏହି ସଂଘର୍ଷପୂର୍ଣ୍ଣ ନିର୍ବାଚନରେ ପୂର୍ବତନ ସଭାପତି ଅକ୍ଷୟ କୁମାର ବେହେରା ତାଙ୍କ ପ୍ରତିଦ୍ୱନ୍ଦୀ ଚିତ୍ତରଞ୍ଜନ ମହାନ୍ତିଙ୍କ ଠାରୁ ୧୦ଟି ଅଧିକ ଭୋଟ ପାଇ ପୁନଃରବାର ସଭାପତି ଭାବେ ନିର୍ବାଚିତ ହୋଇଥିବା ବେଳେ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ତାଙ୍କ ପ୍ରତିଦ୍ୱନ୍ଦୀ ଅରୁଣ ମହାପାତ୍ରଙ୍କ ଠାରୁ ୮ଟି ଅଧିକ ଭୋଟ ପାଇ ଉପସଭାପତି ଭାବେ ଏବଂ ପ୍ରଦ୍ୟୁମ୍ନ ବେହେରା ତାଙ୍କ ପ୍ରତିଦ୍ୱନ୍ଦୀ ଜୋସେଫ ଲେଙ୍କାଙ୍କ ଠାରୁ ୧୪ଟି ଅଧିକ ଭୋଟ ପାଇ କୋଷାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଥିଲେ । ଏଥିସହିତ ରମାକାନ୍ତ ବେହେରା ସମ୍ପାଦକ ଏବଂ ବିଶ୍ୱଜିତ ମିଶ୍ର ସହ ସମ୍ପାଦକ ଭାବେ ଅପ୍ରତିଦ୍ୱନ୍ଦି ଭାବେ ବିଜୟଲାଭ କରିଥିଲେ। ନବ ନିର୍ବାଚିତ ସଭାପତି ଅକ୍ଷୟ ବେହେରା ଅନୁମୋଦନ




କ୍ରମେ ନିମାପଡା ପ୍ରେସ କ୍ଲବର ସଂଗଠନ ସମ୍ପାଦକ ଭାବେ ପୁନଃବାର ସୁଦର୍ଶନ ବେହେରାଙ୍କୁ ମନୋନୀତ କରାଯାଇଥିଲା ।ଏହି ନିର୍ବାଚନକୁ ସୁଚାରୁ ରୂପେ ପରିଚାଳନା କରିଥିଲେ ବରିଷ୍ଠ ଆଇନଜୀବୀ ତଥା ନିର୍ବାଚନ ଅଧିକାରୀ ଜୟଦେବ ମିଶ୍ରଣ ଆଜିର କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ପ୍ରେସ କ୍ଲବର ଉପଦେଷ୍ଟା ଖ୍ରୀତିଶୀ ମହାନ୍ତି, ହେଲ୍ପଲାଇନ ସଭାପତି ଅକ୍ଷୟ କୁମାର ସାହୁ, କାଉନସିଲର ରାଜକିଶୋର ସାହୁ, ସନ୍ତୋଷ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ରାଜ୍ୟ ଉଚ୍ଚ ଶିକ୍ଷା ମନ୍ତ୍ରୀ ଙ୍କ ସାମ୍ବାଦିକ ସମ୍ମିଳନୀ

ଯାଜପୁର,୧୭।୬:(ମନ୍ଥନ) ରାଜ୍ୟ ସରକାର ଦୁଇ ବର୍ଷ ପୁରଣ କରିଥିବା ବେଳେ ସରକାର ଙ୍କ ସଫଳତା ସାମ୍ବାଦିକ ସମ୍ମିଳନୀ ମାଧ୍ୟମ ରେ ବଖାଣିଛନ୍ତି ରାଜ୍ୟ ଉଚ୍ଚ ଶିକ୍ଷା ମନ୍ତ୍ରୀ ତଥା ଯାଜପୁର ଜିଲ୍ଲା ପ୍ରଭାରୀ ସୂର୍ଯ୍ୟବଂଶୀ ସୁରଜ୍। ବିଗତ ଦୁଇ ବର୍ଷ ମଧ୍ୟରେ ରାଜ୍ୟ ଜାତୀୟ ହାର ରେ ସବୁ କ୍ଷେତ୍ରରେ ଅଗ୍ରଣୀ ଭୂମିକା ନିର୍ବାହ କରିଥିବା ତଥ୍ୟ ଉପସ୍ଥାପନ କରିଥିଲେ। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, କ୍ରୀଡା, ସଂସ୍କୃତି କ୍ଷେତ୍ରରେ ମିଳିଥିବା ସଫଳତା ସମ୍ପର୍କରେ ମଧ କେତେକ ତଥ୍ୟ



ଉପସ୍ଥାପନ କରି ଏଥିପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଏଥିପାଇଁ କୃତଜ୍ଞତା ଅର୍ପଣ କରିଥିଲେ। ଯାଜପୁର ଜିଲାପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଅମ୍ବର୍ କୁମାର କରଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀ ରେ ବଡଚଣା ବିଧାୟକ ଅମର ନାୟକ, ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, ବିଜେପି ଜିଲା ସଭାପତି ତଥା ସମାଜସେବୀ ଦେବଜାନୀ ପ୍ରଧାନ, ଅତିରିକ୍ତ ଜିଲାପାଳ ଯୁଧିଷ୍ଠିର ନାୟକ, ଅତିରିକ୍ତ ଉନ୍ନୟନ ଅଧିକାରୀ ଲମ୍ବୋଧର ଖୁଂଟିଆ ପ୍ରମୁଖ ଉପସ୍ଥିତି ଥିଲେ।

# ଯାଜପୁର ରୋଡ଼ - ଧାମରା ରେଳପଥ ସଂଗ୍ରାମ ସମିତି ଆହ୍ୱାନରେ ବାହାବଳପୁର ଷ୍ଟେସନ କମିଟି ପକ୍ଷରୁ ସାଧାରଣ ସଭା

ଯାଜପୁର,୧୭।୬:(ମନ୍ଥନ)ଯାଜପୁର ରୋଡ଼ - ଧାମରା ରେଳପଥ ସଂଗ୍ରାମ ସମିତି ଆହ୍ୱାନରେ ବାହାବଳପୁର ଷ୍ଟେସନ କମିଟିର ଏକ ସାଧାରଣ ସଭା ନାଥସାହି ଗ୍ରାମ ପଂଚାୟତ ପରିସରରେ ସରପଂଚ ଶ୍ରୀମତୀ ସସ୍ମିତା ପହିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସଂଗ୍ରାମ ସମିତିର ଆବାହକ ସନ୍ତୋଷ ଦାସ ଯୋଗ ଦେଇଥିଲେ। ଷ୍ଟେସନ କମିଟିର ପ୍ରେରଣାର ଉତ୍ସ ଲଳିତ ମୋହନ ରାୟ, ପୂର୍ବତନ ସରପଂଚ ରାମଚନ୍ଦ୍ର ବିହାରୀ, ପୂର୍ବତନ ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ କୁଳମଣି ବେହେରା, ବ୍ରଜକିଶୋର ପରିଡ଼ା, କୈଳାସ ଚନ୍ଦ୍ର ପହି, ଶିକ୍ଷାବିତ୍ ସମାଜସେବୀ ସୁରେନ୍ଦ୍ର କୁମାର ରାୟ, ଗଣେଶ ପ୍ରସାଦ ସାହୁ ପ୍ରମୁଖ ଉଦବୋଧନ ଦେଇ ସଂଗ୍ରାମ ସମିତିର ଅବିରତ ସଂଗ୍ରାମ ଓ ରେଳପଥ କାର୍ଯ୍ୟାରମ୍ଭର ଉପକ୍ରମ ପାଇଁ ସାମଗ୍ରିକ ଭାବେ ସଂଗ୍ରାମ ସମିତି ଓ ନିର୍ଦ୍ଦିଷ୍ଟ ଭାବେ ଆବାହକ ସନ୍ତୋଷ ଦାସଙ୍କ ତ୍ୱରାନ୍ୱିତ ପଦକ୍ଷେପକୁ ପ୍ରଶଂସା କରିଥିଲେ। ମୁଖ୍ୟ ଅତିଥି ସନ୍ତୋଷ ଦାସ ତାଙ୍କ ଉଦବୋଧନରେ ନିମିତ ମାତ୍ର ସାମଗ୍ରିକ ଭାବେ ସଂଗ୍ରାମ ସମିତିର ବିଭିନ୍ନ ପର୍ଯ୍ୟାୟରେ ଜନସାଧାରଣଙ୍କ ଅକୁଣ୍ଠ ସମର୍ଥନ ପାଇଁ ସେମାନଙ୍କୁ ଧନ୍ୟବାଦ ଦେବା ସହିତ ସଂଗ୍ରାମ ଆରମ୍ଭରୁ ଆଜି ପର୍ଯ୍ୟନ୍ତ ବିଭିନ୍ନ ପର୍ଯ୍ୟାୟର କାର୍ଯ୍ୟସୂଚୀ ଓ କେନ୍ଦ୍ର ମନ୍ତ୍ରୀ, ସାଂସଦ ସମେତ ବିଭିନ୍ନ ରାଜନୈତିକ ଦଳର ବ୍ୟକ୍ତି ବିଶେଷଙ୍କ ବିଭିନ୍ନ ସାହାଯ୍ୟ ଓ ସହଯୋଗ ପାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଏହା ବ୍ୟତୀତ ରେଳବାଇ ବୋର୍ଡ଼ର ବିଭିନ୍ନ ପଦାଧିକାରୀଙ୍କ ସହଯୋଗ ପାଇଁ ଏହା କିପରି ସହଜ ସାଧ ହୋଇପାରିଲା ତାହା ଉଲ୍ଲେଖ କରିଥିଲେ। ସଂଗ୍ରାମ ସମିତି ଆଗାମୀ ଦିନରେ ଜମି ଅଧିଗ୍ରହଣ, କ୍ଷତିପୂରଣ ପ୍ରଦାନ ଆଦିରେ ଯେପରି କୌଣସି ଅସୁବିଧା ନହେବ ସେଥିପ୍ରତି ସଂଗ୍ରାମ ସମିତି ଜାଗ୍ରତ ପ୍ରହରୀ ରୂପେ କାର୍ଯ୍ୟ କରିବା ସହିତ ଏଥିରେ ସଂଶ୍ଳିଷ୍ଟ ଥିବା ସମସ୍ତ ଷ୍ଟେସନ କମିଟିର ସଭ୍ୟମାନଙ୍କ ଅକୁଣ୍ଠ ସାହାଯ୍ୟ ପାଇଁ ନିବେଦନ କରିଥିଲେ।

# ଆଇନ ଉପରେ ଆଶା ହରାଇ ଅଧିଷ୍ଠାତ୍ରୀ ଦେବୀ ମା ବିରଜା ଙ୍କ ଶରଣ ରେ ପଶି ନ୍ୟାୟ ଭିକ୍ଷା କରିଛନ୍ତି ପୀଡ଼ିତ ପରିବାର

ଯାଜପୁର,୧୭।୬:(ମନ୍ଥନ) ରାଜ୍ୟ ରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇ ପଡ଼ିଥିବା ବେଳେ ପୋଲିସ ଉପରୁ ନ୍ୟାୟ ଆଶା ହରାଇଲେଣି ଲୋକେ। ପୋଲିସ ଉପରୁ ନ୍ୟାୟ ଆଶା ହରାଇ ଭଗବାନଙ୍କ ଶରଣ ପଶିଲେ ଲୋକେ। ଯାଜପୁର ର ଅଧିଷ୍ଠାତ୍ରୀ ଦେବୀ ମା ବିରଜା ଙ୍କ ଶରଣ ରେ ପଶି ନ୍ୟାୟ ଭିକ୍ଷା କରିଛନ୍ତି ପୀଡ଼ିତ ପରିବାର। ଦୀପ ଜାଳି ମା ବିରଜାଙ୍କୁ ନ୍ୟାୟ ଭିକ୍ଷା ମାଗିଲେ ମହିଳା ଯାଜପୁର ସଦର ଥାନା ସିମିଳିଆ ପଂଚାୟତ ବୁଲାକିପୁର ଗ୍ରାମରେ ଭାଗବତ ଟୁଙ୍ଗୀଙ୍କୁ



ହୋଇଥିବା ଗୋଷ୍ଠୀ ସଂଘର୍ଷ ଓ ବୋମା ମାଡ଼ ଘଟଣାରେ ପୋଲିସର ପକ୍ଷପାତିତା କରାଯାଇଥିବା ଅଭିଯୋଗ କରି ଅଭିଯୁକ୍ତଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଅଭିଯୋଗ କରିବା ପରେ ମଧ ପୋଲିସ ନ୍ୟାୟ ଦେବା ରେ ବିଫଳ ହେବାରୁ ଆଜି ବୁଲାକିପୁର ଗ୍ରାମର ଶତାଧିକ ମହିଳା ମା ବିରଜାଙ୍କୁ ଦୀପ ଜାଳି ନ୍ୟାୟ ଭିକ୍ଷା ମାଗିଛନ୍ତି।

# ଜିଲ୍ଲାପାଳ ଙ୍କ ଅଭିଯୋଗ ଶୁଣାଣି ଅନୁଷ୍ଠିତ

ପିପିଲି,୧୭।୬:(ମନ୍ଥନ)ପିପିଲି ବ୍ଲକ କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳ ଙ୍କ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୋଟ ୫୮ଟି ଅଭିଯୋଗ ହୋଇଥିବା ମଧ୍ୟରେ ୧୧ଟି ଅଭିଯୋଗ ଉପରେ ତତକ୍ଷଣାତ ସମାଧାନ ହୋଇଛି। ଅଭିଯୋଗ ମଧ୍ୟରେ ପିପିଲି ବ୍ଲକ ଏବଂ ନଗର କଂଗ୍ରେସ କମିଟି ତରଫରୁ ୧୯ଟି ଅଭିଯୋଗ କରିଥିବା ବେଳେ ଅଭିଯୋଗ ଗୁଡିକ ହେଲା ପିପିଲି ଏନ୍. ଏ. ସି ରୁ ମାର୍କେଟ ଉଚ୍ଛେଦ ପରେ ଏ ପର୍ଯ୍ୟନ୍ତ କୌଣସି ଉନ୍ନତି ମୂଳକ କାଯ୍ୟ କରାଗଲା ନାହିଁ ।ବେସାହାରା ବ୍ୟବସାୟୀ ମାନଙ୍କୁ ଥଇଥାନ ମଧ୍ୟ କରାଗଲା ନାହିଁ । ପିପିଲି ଏନ୍.ଏ.ସି ରେ ଏକ ବସ ରହଣୀ ସ୍ଥଳ ନିର୍ମାଣ କରାଗଲା ନାହିଁ । ପୁରୀ-ଭୁବନେଶ୍ୱର ଘରୋଇ ତଥା ସରକାରୀ ବସ ବାଇପାସ୍ ରେ ଯିବା ହେତୁ ଅଞ୍ଚଳବାସୀମାନେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ତେଣୁ ସମସ୍ତ ବସ୍ ପିପିଲି ବଜାର ଭିତରେ ଯିବାପାଇଁ ବ୍ୟବସ୍ଥା କରାଯାଉ । ପିପିଲି ହସ୍ପିଟାଲ, ମଙ୍ଗଳପୁର ସି.ଏଚ୍.ସି ଓ ଖୋରାପଦା ସି.ଏଚ୍.ସି ରେ ଡାକ୍ତର ଅଭାବକୁ ତୁରନ୍ତ ପୁରଣ କରାଯାଉ । ଗ୍ରାମମାନଙ୍କରେ ପାଣି ପାଇପ ଯୋଗାଣ କାମରେ ରାସ୍ତା ଖୋଳାଯାଉଛି ହେଲେ ପୁନଶ୍ଚ ଢଳେଇରେ ଅବହେଳା ଯୋଗୁ ଯାତାୟାତରେ ଅସୁବିଧା ହେଉଛି । ଉତରାଛକ ଠାରୁ ସାତଶଙ୍ଖ ପଯ୍ୟନ୍ତ ଜାତୀୟରାଜପଥ ରେ ଆଲୋକି କରଣ କରାଯାଉ । ଖରାପ ଲାଇଟକୁ ମରାମତି କରାଯାଉ । ପୋଲିସ୍ ପେଟ୍ରୋଲିଙ୍ଗ କୁ କଡାକଡି କରାଯାଉ । ଆକ୍ରୋଶମୂଳକ ଭାବରେ ରାସନ କାର୍ଡ ରେ ନାମ କାଟି ଦିଆଯାଇଥୁବା ଗରିବ ହିତାଦିକାରୀ



ମାନଙ୍କର ନାମ ସଂଯୋଗ କରାଯାଉ । ଦଳୀୟ ଭିତିକ ଆବାସ ଯୋଜନା ପରିବର୍ତ୍ତେ ଆବଶ୍ୟକ ଥିବା ଜନସାଧାରଣଙ୍କ ଗୃହ ଯୋଗାଇ ଦିଆଯାଉ । ଯୋଗ୍ୟ ହିତାଧିକାରୀ ମାନଙ୍କୁ ଆବାସ ଯୋଜନା ଅଧୀନ ଗୃହର୍ନିମାଣ ଯୋଗାଇ ଦିଆଯାଉ । ପିପିଲି ଦେଇ ପ୍ରବାହିତ ଦୟାନଦୀ ଓ ଭାର୍ଗବୀ ନଦୀରେ ୧୦ରୁ ଅଧିକ ଅସାଧୁ ବାଲିଘାଟ ଖୋଲାଯାଇ ଦୈନନ୍ଦିନ କୋଟିକୋଟି ଟଙ୍କାର ବାଲି ଚୋରାଚାଲଣ କୁ ତୁରନ୍ତ ବନ୍ଦ କରାଯାଉ। କାଷ୍ଟ ,ରେସିଡ଼େନ୍ସ, ଇନକମ, ଲିଗାଲହେୟାର ସାର୍ଟିଫିକେଟ ତୁରନ୍ତ ପ୍ରଦାନ କରାଯାଉ । ଭୂସଂସ୍କାର ଆଇନି ଅଧୀନ କଲମ ୨ ମାଧ୍ୟମରେ ପଟ୍ଟା ସଂଶୋଧନ କାର୍ଯ୍ୟ ପାଇଁ ସାଧାରଣ ଲୋକେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି, ଏଥିପ୍ରତି ଜରୁରୀ ଦୃଷ୍ଟି ଦେବା ଆବଶ୍ୟକ । ପିପିଲି ଠାରେ ଥିବା ଟୋଲଗେଟ୍ ରେ ପୂର୍ବରୁ ସ୍ଥାନୀୟ ଗାଡି ଟ୩୫୦/-ରେ ମାସିକିଆ। ଯାତାୟାତ କରୁଥିଲେ। କିନ୍ତୁ ଏବେ ତାହା ବନ୍ଦ କରିବା ହେତୁ ଆମ ଅଞ୍ଚଳବାସୀ ଅସୁବିଧା ଭୋଗଛନ୍ତି । ପିପିଲି ସାପ୍ତାହିକ ହାଟର ଅଳିଅ। ଆବର୍ଜନା ସଫା କରିବା ଏବଂ ୧୬ଗୋଟି ଓ୍ୱାର୍ଡର ବର୍ଷା ଜଳ ନିଷ୍କାସନ କରିବା ପାଇଁ ତୁରନ୍ତ ପଦକ୍ଷେପ ନିଆଯାଉ । ୩ମାସରୁ ଉର୍ଦ୍ଧ୍ୱ ସମୟ ହେବ ଗରିବ ହିତାଦିକାରୀ ମାନେ ବାର୍ଦ୍ଧକ୍ୟ ଭତା ପାଇବାରୁ ବଞ୍ଚିତ ଅଛନ୍ତି । ସେମାନଙ୍କୁ ତୁରନ୍ତ ଭତ୍ତା ପ୍ରଦାନ କରଯାଉ । ମରାମତି ନାମରେ ବିନା ସୂଚନାରେ ମନଇଚ୍ଛା ଲାଇନ୍ କାଟି ଝଚଉଙଉଖ ଅସହ୍ୟ ଗରମ ଓ ଗୁଳୁଗୁଳିରେ ସାଧାରଣ ଜନତାଙ୍କୁ ଯେଉଁଭଳି ଭାବରେ ହଇରାଣ କରୁଛି ଏହାକୁ ତଦନ୍ତ କରି ବନ୍ଦକରିବା ପାଇଁ ଅନୁରୋଧ କରୁ ଅଛୁ । ପିପିଲି ଏନ୍. ଏ. ସିରେ ସରକାରୀ ଜମି ଥିବା ସତ୍ତ୍ୱେ ସମସ୍ତ ଅଙ୍ଗନବାଡିର ନିଜସ୍ ଗୃହ ନାହିଁ । ଯାହା ଫଳରେ ଅଭିଭାବକ ମାନଙ୍କ ମନରେ ତିବ୍ର ଅସନ୍ତୋଷ ଦେଖାଯାଉଛି । ଛାତ୍ରଛାତ୍ରୀ ତୁଳନାରେ ବିଦ୍ୟାଳୟରେ ଶିକ୍ଷକ ଶିକ୍ଷୟିତ୍ରୀ ଅଭାବ ପୂରଣ ସମ୍ପର୍କରେ ଦାବି କରୁଅଛୁ । ସମସ୍ତ କେନାଲରେ ଧାଯ୍ୟ ତାରିଖ ଠାରୁ ଅଧିକ ହୋଇଥିଲେ ମଧ କାର୍ଯ୍ୟ ସରି ପାରିନାହିଁ । ଅତି ନିମ୍ନ ମାନର କାର୍ଯ୍ୟ ହୋଇଅଛି । ଯାହାଫଳରେ ଆମ ଅଞ୍ଚଳର ଋଷୀ ମାନେ ହନ୍ତସନ୍ତ ହୋଉଛନ୍ତି । ପିପିଲି ବ୍ଲକ ପିପିଲି ଏନ୍.ଏ.ସି. ରେ ମାତ୍ରାଧିକ ଭାବରେ ଚୋରା ମଦ କାରାବାର ହେଉଅଛି । ଯଥା ବିଦ୍ୟାଳୟ, ମନ୍ଦିର, ମସଜିଦ୍ ଓ ଚର୍ଚ୍ଚ ନିକଟରେ ଥିବା ଛୋଟ ପାନ ଦୋକାନରେ ଚୋରା ମଦ କାରାବାର କରାଯାଉଛି । ଯାହା ଫଳରେ ଭୟର ବାତାବରଣ ସୃଷ୍ଟି କରୁଛି । ଏଥି ପ୍ରତି ଧ୍ୟାନ-ନଦେଇ ଅବକାରୀ ବିଭାଗ ନିଘୋଡ ନିଦ୍ରାରେ ଶୋଇଅଛି । ଉପରୋକ୍ତ ସମସ୍ତ ସମସ୍ୟା ଗୁଡିକର ତୁରିତ ସମାଧାନ ନିମନ୍ତେ ଯଥାଶିଘ୍ର ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପିପିଲି ଡେଲାଙ୍ଗ କଂଗ୍ରେସ ନେତା ପ୍ରିୟବ୍ରତ ସାମନ୍ତରାୟଙ୍କ ନେତୃତ୍ୱ ରେ ପିପିଲି ବ୍ଲକ କଂଗ୍ରେସ ସଭାପତି ଜିତୁ ପ୍ରକାଶ ପରିଡା , ବରିଷ୍ଠ କଂଗ୍ରେସ ନେତା ଗୁଣନିଧି ପ୍ରଧାନ,ଲାଲା ରାକେଶ ରାୟ ପ୍ରମୁଖ ଜିଲ୍ଲାପାଳ ଙ୍କ ଅଭିଯୋଗ ଶୁଣାଣିରେ ଅଭିଯୋଗ କରିଥିଲେ।



‘ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।



## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।

ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

# ରୌଦ୍ରତାପ ଓ କୋମଳମତି ଶିଶୁଙ୍କ ଜୀବନ

ଓଡିଶାରେ ଚଳିତ ବର୍ଷ ଗ୍ରୀଷ୍ମ ପ୍ରବାହ ଏବଂ ପ୍ରଚଣ୍ଡ ରୌଦ୍ରତାପ ଯେଉଁଭଳି ଭାବରେ ସୀମା ପାର କରିଛି ତାହା ସମଗ୍ର ରାଜ୍ୟବାସୀଙ୍କୁ ଅସ୍ତବ୍ୟସ୍ତ କରିଦେଇଛି ଏବଂ ଏହି ଅସହ୍ୟ ଗରମ ମଧ୍ୟରେ ସ୍କୁଲଗୁଡିକର ପୁନଃ ଖୋଲିବା ପ୍ରକ୍ରିୟାକୁ ନେଇ ସାଧାରଣ ଜନତା, ଅଭିଭାବକ ତଥା ବୁଦ୍ଧିଜୀବୀ ମହଲରେ ଗଭୀର ଚିନ୍ତା ପ୍ରକାଶ ପାଇଛି । ପିଲାମାନଙ୍କର ସ୍ୱାସ୍ଥ୍ୟ ଏବଂ ସୁରକ୍ଷାକୁ ଦୃଷ୍ଟିରେ ରଖି ଓଡିଶା ସରକାର ପ୍ରାରମ୍ଭରେ ଗ୍ରୀଷ୍ମକାଳୀନ ଛୁଟିକୁ ଆଗୁଆ ଘୋଷଣା କରିଥିଲେ ମଧ୍ୟ ବର୍ତମାନ ଛୁଟି ଶେଷ ହେବା ପରେ ବିଦ୍ୟାଳୟଗୁଡିକ ପୁନର୍ବାର ଖୋଲିବା ପାଇଁ ପ୍ରସ୍ତୁତି ଚାଲିଛି । କିନ୍ତୁ ବାସ୍ତବ ସ୍ଥିତିକୁ ଦେଖିଲେ ଜଣାପଡେ ଯେ ରାଜ୍ୟର ଅନେକ ଜିଲ୍ଲାରେ ତାପମାତ୍ରା ଏବେ ବି ଅସହ୍ୟ ସ୍ତରରେ ରହିଛି ଏବଂ ବାୟୁମଣ୍ଡଳରେ ଆଦ୍ରତା କାରଣରୁ ଗୁଳୁଗୁଳି ବଢିବାରେ ଲାଗିଛି ଯାହା କୋମଳମତି ଶିଶୁମାନଙ୍କ ପାଇଁ ଅତ୍ୟନ୍ତ କ୍ଷତିକାରକ ପ୍ରମାଣିତ ହୋଇପାରେ । ସରକାରୀ ସ୍ତରରେ ଶିକ୍ଷା ବର୍ଷର କାର୍ଯ୍ୟସୂଚୀ ଏବଂ ପାଠପଢାକୁ ନିୟମିତ କରିବା ପାଇଁ ସ୍କୁଲ ଖୋଲିବା ନିଶ୍ଚିତ ଭାବରେ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତି କିନ୍ତୁ ଏହି ଅସମ୍ଭାଳ ଗରମକୁ ଆଦୌ ଅଣଦେଖା କରାଯାଇପାରିବ ନାହିଁ । ବର୍ତମାନ ସମୟରେ ଓଡିଶାର ଆକାଶରୁ ସତେ ଯେମିତି ନିଆଁ ବର୍ଷୁଛି ଏବଂ ପ୍ରଖର ସୂର୍ଯ୍ୟକିରଣ ମଧ୍ୟରେ ସକାଳ ନଅଟା ପରେ ବାହାରକୁ ବାହାରିବା ପ୍ରାୟତଃ ଅସମ୍ଭବ ହୋଇପଡୁଛି । ଏଭଳି ସ୍ଥିତିରେ ଯଦି କ୍ଷୁଦ୍ର ପିଲାମାନେ ସ୍କୁଲକୁ ଯାଆନ୍ତି ତେବେ ସେମାନେ ଅଂଶୁଘାତର ଶିକାର ହେବାର ଆଶଙ୍କା ବହୁ ଗୁଣା ବୃଦ୍ଧି ପାଇଥାଏ । ରାଜ୍ୟରେ ମୌସୁମୀ ବାୟୁର ଆଗମନକୁ ନେଇ ସମସ୍ତେ ଚାତକ ଭଳି ଅପେକ୍ଷା କରି ରହିଛନ୍ତି କାରଣ କେବଳ ବର୍ଷା ହିଁ ଏହି ଭୟଙ୍କର ଉତାପରୁ ସ୍ଥାୟୀ ମୁକ୍ତି ଦେଇପାରିବ । ଯେପର୍ଯ୍ୟନ୍ତ ସମଗ୍ର ଓଡିଶାରେ ମୌସୁମୀ ବର୍ଷା ସମ୍ପୂର୍ଣ୍ଣ ଭାବରେ ସକ୍ରିୟ ହୋଇନାହିଁ ଏବଂ ପାଣିପାଗ ଅନୁକୂଳ ହୋଇନାହିଁ ସେପର୍ଯ୍ୟନ୍ତ ଶିକ୍ଷାନୁଷ୍ଠାନଗୁଡିକୁ ସମ୍ପୂର୍ଣ୍ଣ ଭାବେ ଚଳାଇବା ବହୁତ କଷ୍ଟ ଆହ୍ୱାନ ସୃଷ୍ଟି କରିବ । ଏଥିପାଇଁ ସରକାରଙ୍କୁ ପାଣିପାଗର ପ୍ରତିଦିନର ସ୍ଥିତିକୁ ଗମ୍ଭୀରତାର ସହ ପର୍ଯ୍ୟବେକ୍ଷଣ କରିବାକୁ ହେବ ଏବଂ ଆବଶ୍ୟକ ସ୍ଥଳେ ସକାଳୁଆ ସ୍କୁଲ କିମ୍ବା ଛୁଟି ଅବଧିକୁ ସାମାନ୍ୟ ପରିବର୍ତନ କରିବାକୁ ପଡିବ । ଗ୍ରାମାଚଂଳରେ ଥିବା ଅନେକ ସରକାରୀ ବିଦ୍ୟାଳୟଗୁଡିକରେ ଏବେ ବି ପର୍ଯ୍ୟାପ୍ତ ପାନୀୟ ଜଳ ଏବଂ ବିଦ୍ୟୁତ ସେବା କିମ୍ବା ପଙ୍ଖାର ସୁବିଧା ଠିକ୍ ଭାବରେ ଉପଲବ୍ଧ ନାହିଁ ଯାହା କାରଣରୁ ଉତପ୍ତ ଶ୍ରେଣୀଗୃହ ମଧ୍ୟରେ ପିଲାମାନେ ବସି ପାଠ ପଢିବା ଏକ ପ୍ରକାରର ଅଗ୍ନିପରୀକ୍ଷା ସଦୃଶ ହେବ । ଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ସ୍କୁଲରେ ଓଆରଏସ ଏବଂ ଶୀତଳ ପାନୀୟ ଜଳର ବ୍ୟବସ୍ଥା କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲେ ମଧ୍ୟ ବାସ୍ତବ ଭୂମିରେ ଏହାର କାର୍ଯ୍ୟକାରିତାକୁ ନିଶ୍ଚିତ କରିବା ଜରୁରୀ । ସୂର୍ଯ୍ୟଙ୍କର ତାପମାତ୍ରା ଯେତେବେଳେ ଚାଳିଶି ଡିଗ୍ରୀରୁ ଉପରକୁ ଚାଲିଯାଏ ସେତେବେଳେ ଶରୀରରେ ଜଳୀୟ ଅଂଶ କମିଯାଏ ଏବଂ ଛୋଟ ପିଲାମାନେ ଖୁବ୍ ଶୀଘ୍ର ଅସୁସ୍ଥ ହୋଇପଡନ୍ତି । ଅଭିଭାବକମାନେ ମଧ୍ୟ ନିଜ ପିଲାମାନଙ୍କୁ ଏଭଳି ପରିସ୍ଥିତିରେ ବିଦ୍ୟାଳୟକୁ ପଠାଇବା ପାଇଁ ଭୟଭୀତ ହେଉଛନ୍ତି କାରଣ ଶିକ୍ଷା ଅପେକ୍ଷା ଜୀବନର ସୁରକ୍ଷା ସର୍ବଦା ପ୍ରାଥମିକତା ପାଇବା ଉଚିତ୍ । ଓଡିଶାର ପଶ୍ଚିମାଚଂଳ ତଥା ଆଭ୍ୟନ୍ତରୀଣ ଜିଲ୍ଲାଗୁଡିକରେ ଗ୍ରୀଷ୍ମର ପ୍ରକୋପ ଉପକୂଳବର୍ତୀ ଅଂଚଳ ଅପେକ୍ଷା ବହୁତ ଅଧିକ ଥାଏ ତେଣୁ ସାରା ରାଜ୍ୟ ପାଇଁ ଗୋଟିଏ ପ୍ରକାରର ନିୟମ ଲାଗୁ ନକରି ଆଂଚଳିକ ପାଣିପାଗ ସ୍ଥିତିକୁ ଦେଖି ନିଷ୍ପତି ନେବା ଅଧିକ ଯୁକ୍ତିଯୁକ୍ତ ହେବ । ମୌସୁମୀର ପ୍ରାରମ୍ଭିକ ବର୍ଷା ଯଦିଓ କିଛି ସ୍ଥାନରେ ତାପମାତ୍ରା ହ୍ରାସ କରିଛି କିନ୍ତୁ ବାୟୁମଣ୍ଡଳରେ ବଢୁଥିବା ଆଦ୍ରତା ଯୋଗୁଁ ଝାଳ ବୋହିବା ଏବଂ ଗୁଳୁଗଳି ଜନିତ କଷ୍ଟ ଅତି ସାଂଘାତିକ ରୂପ ଧାରଣ କରିଛି । ଏଭଳି ପାଣିପାଗରେ ବାୟୁ ଚଳାଚଳ ଠିକ ଭାବେ ହେଉନଥିବା ଶ୍ରେଣୀଗୃହ ମଧ୍ୟରେ ଶହ ଶହ ପିଲା ଏକାଠି ବସିବା ଦ୍ୱାରା ବିଭିନ୍ନ ପ୍ରକାରର ସଂକ୍ରାମକ ରୋଗ ବ୍ୟାପିବାର ଭୟ ମଧ୍ୟ ରହିଥାଏ । ସରକାରୀ ସ୍ତରରେ ଶିକ୍ଷାର ମାନକୁ ବଜାୟ ରଖିବା ପାଇଁ ଏବଂ ପାଠ୍ୟକ୍ରମକୁ ସମୟସୀମା ମଧ୍ୟରେ ଶେଷ କରିବା ପାଇଁ ବିଦ୍ୟାଳୟ ଖୋଲିବା ଜରୁରୀ ବୋଲି ଯେଉଁ ଯୁକ୍ତି ଦର୍ଶାଉଛନ୍ତି ତାହା ସତ୍ୟ କିନ୍ତୁ ମାନବୀୟ ଦୃଷ୍ଟିକୋଣରୁ ଶିଶୁମାନଙ୍କ ସ୍ୱାସ୍ଥ୍ୟ ସହ ବୁଝାମଣା କରାଯାଇପାରିବ ନାହିଁ । ବର୍ତମାନର ଗରମ ନିୟନ୍ତ୍ରଣ ବାହାରକୁ ଚାଲିଯାଇଥିବାରୁ ସ୍ଥାନୀୟ ପ୍ରଶାସନକୁ ସମ୍ପୂର୍ଣ୍ଣ କ୍ଷମତା ଦିଆଯିବା ଉଚିତ ଯେପରି ସେମାନେ ନିଜ ଜିଲ୍ଲାର ତାପମାତ୍ରାକୁ ଅନୁଧ୍ୟାନ କରି ସ୍କୁଲ ବନ୍ଦ ରଖିବା କିମ୍ବା ସମୟ ବଦଳାଇବା ବିଷୟରେ ତତ୍କାଳ ନିଷ୍ପତି ନେଇପାରିବେ । ମୌସୁମୀ ବାୟୁ ସମ୍ପୂର୍ଣ୍ଣ ଭାବରେ ସକ୍ରିୟ ହୋଇ ପ୍ରବଳ ବର୍ଷା ନହେବା ପର୍ଯ୍ୟନ୍ତ ଭୂତଳ ସ୍ତର ଏବଂ ବାୟୁମଣ୍ଡଳ ଥଣ୍ଡା ହେବ ନାହିଁ ଏବଂ ସେ ପର୍ଯ୍ୟନ୍ତ ଏହି ପ୍ରାକୃତିକ ସଙ୍କଟରୁ ରକ୍ଷା ପାଇବା ସହଜ ନୁହେଁ । ବିଦ୍ୟାଳୟ ପ୍ରଶାସନଗୁଡିକୁ ମଧ୍ୟ ସଚେତନ ରହିବାକୁ ହେବ ଏବଂ କୌଣସି ପିଲା ଯଦି ସାମାନ୍ୟ ଅସୁସ୍ଥ ଅନୁଭବ କରେ ତେବେ ତାକୁ ତୁରନ୍ତ ପ୍ରାଥମିକ ଚିକିତ୍ସା ପ୍ରଦାନ କରିବା ସହ ତାର ଅଭିଭାବକଙ୍କୁ ସୂଚନା ଦେବା ଆବଶ୍ୟକ । ଶ୍ରେଣୀଗୃହଗୁଡିକରେ ପର୍ଯ୍ୟାପ୍ତ ବାୟୁ ଚଳାଚଳର ବ୍ୟବସ୍ଥା କରାଯିବା ଉଚିତ୍ ଏବଂ ପ୍ରାର୍ଥନା ସଭା କିମ୍ବା ଖେଳକୁଦ ଭଳି ବାହାରେ ହେଉଥିବା କାର୍ଯ୍ୟକଳାପକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ ରଖାଯିବା ଦରକାର । ଓଡିଶାରେ ଗତ କିଛି ବର୍ଷ ହେବ ଜଳବାୟୁ ପରିବର୍ତନର ପ୍ରଭାବ ସ୍ପଷ୍ଟ ଭାବେ ଦେଖାଯାଉଛି ଯେଉଁଥିପାଇଁ ଗ୍ରୀଷ୍ମ ଋତୁ ଅଧିକ ଦୀର୍ଘ ଏବଂ ଅଧିକ ଭୟଙ୍କର ହେବାରେ ଲାଗିଛି । ପୂର୍ବରୁ ଜୁନ୍ ମାସର ଦ୍ୱିତୀୟ ସପ୍ତାହ ସୁଦ୍ଧା ମୌସୁମୀ ବର୍ଷା ଓଡିଶାକୁ ସମ୍ପୂର୍ଣ୍ଣ ଶୀତଳ କରିଦେଉଥିବାବେଳେ ଏବେ ଏହାର ଗତିପଥ ଏବଂ ସମୟରେ ଅନିଶ୍ଚିତତା ଦେଖାଦେଉଛି । ଏହି ପ୍ରାକୃତିକ ଅନିଶ୍ଚିତତା ମଧ୍ୟରେ ସରକାରଙ୍କୁ ନିଜର ଶିକ୍ଷା ନୀତି ଏବଂ ବିଦ୍ୟାଳୟ କାର୍ଯ୍ୟସୂଚୀର କୋଳହଳତା ଆଣିବାକୁ ହେବ । ପିଲାମାନଙ୍କୁ ସ୍କୁଲ ଆସିବା ପାଇଁ ବାଧ୍ୟ ନକରି ସେମାନଙ୍କର ଉପସ୍ଥାପନ କ୍ଷେତ୍ରରେ ସାମାନ୍ୟ କୋହଳ ମନୋଭାବ ଗ୍ରହଣ କଲେ ଅଭିଭାବକମାନେ ଆଶ୍ୱସ୍ତି ଲାଭ କରିବେ । ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ଏହି ଯୁଗରେ ଯଦି ଅତ୍ୟଧିକ ଗରମ ଯୋଗୁଁ ସ୍କୁଲ ଖୋଲିବା ସମ୍ଭବ ହେଉନାହିଁ ତେବେ କିଛି ଦିନ ପାଇଁ ଅନଲାଇନ ଶିକ୍ଷା ଦାନର ସାହାଯ୍ୟ ମଧ୍ୟ ନିଆଯାଇପାରେ ଯାହା ଦ୍ୱାରା ପିଲାମାନଙ୍କ ପାଠପଢା କ୍ଷତିଗ୍ରସ୍ତ ହେବ ନାହିଁ ଏବଂ ସେମାନେ ଘରେ ସୁରକ୍ଷିତ ରହିପାରିବେ । ଆମକୁ ଏହା ବୁଝିବାକୁ ହେବ ଯେ ସୁସ୍ଥ ଶରୀର ଏବଂ ସୁସ୍ଥ ମନ ହିଁ ଶିକ୍ଷା ଗ୍ରହଣର ପ୍ରଧାନ ମାଧ୍ୟମ ଅଟନ୍ତି ତେଣୁ ଯଦି ଅସହ୍ୟ ଗରମ ଯୋଗୁଁ ଶାରୀରିକ ସ୍ତରରେ ପିଲାମାନେ କ୍ଳାନ୍ତ ଏବଂ କ୍ଷତିଗ୍ରସ୍ତ ହୁଅନ୍ତି ତେବେ ସେମାନଙ୍କର ଶିକ୍ଷା ଗ୍ରହଣର କ୍ଷମତା ମଧ୍ୟ ହ୍ରାସ ପାଇବ । ଓଡିଶାର ପ୍ରତିଟି ଅଂଚଳରେ ମୌସୁମୀ ବାୟୁର ପୂର୍ଣ୍ଣାଙ୍ଗ ପ୍ରବେଶ ଏବଂ ସୁଶୀତଳ ବର୍ଷାର ଆଗମନ ହିଁ ଏହି ସମସ୍ୟାର ଏକମାତ୍ର ପ୍ରାକୃତିକ ସମାଧାନ ଅଟେ ଏବଂ ସେ ପର୍ଯ୍ୟନ୍ତ ସରକାରୀ ଓ ବେସରକାରୀ ସ୍ତରରେ ସତର୍କତା ମୂଳକ ପଦକ୍ଷେପ ଗ୍ରହଣ କରିବା ନିତାନ୍ତ ଜରୁରୀ ଅଟେ ।

## ‘ହିଡ଼ମାଟି’ର ସ୍ରଷ୍ଟା ନିତ୍ୟାନନ୍ଦ ମହାପାତ୍ର

**ଡ଼ଃ.ଅରୁନ୍ଧତୀ ଦେବୀ**

ଆଦ୍ୟ-ଯୌବନରେ ସ୍ୱାଧୀନତା ସଂଗ୍ରାମରେ ଅଂଶ ଗ୍ରହଣ କରି ବାରମ୍ବାର ଜେଲ୍ ଯାଇଥିଲେ ନିତ୍ୟାନନ୍ଦ । ତାଙ୍କ ପାଇଁ ଜେଲ ଥିଲା ଦ୍ୱିତୀୟ ଘର । ଜେଲ୍ ଭିତରେ ଜଣେ ବିଦେଶୀ ବନ୍ଦୀ (ଆୟାରଲାଣ୍ଡର ପ୍ରିମ୍ ରୋଜ୍)ଙ୍କ ଠାରୁ ଶିଖିଥିଲେ ଇଂରେଜୀ । ଆଉ ନିଜ ଚେଷ୍ଟାରେ ସଂସ୍କୃତ । ୧୯୧୨ ଜୁନ୍ ଆଜିର ଦିନରେ ଭଦ୍ରକରେ ଜନ୍ମ ହୋଇଥିଲେ ଓଡ଼ିଆ ସାହିତ୍ୟ ଦୁନିଆର ଏହି ପ୍ରବାଦପୁରୁଷ ।

ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା
ନିରୋଧ ଆନ୍ଦୋଳନ, କଟକ, ଦୂରଭାଷ : ୯୯୩୭୧୭୨୮୧୦

# ଶିବ ବିବାହ

**ଉତ୍କଳାନନ୍ଦ ଅଜୟ କୁମାର ବେହେରା**



ଶୀତଳ ଷଷ୍ଠୀ କେବଳ ଏକ ପ୍ରାଚୀନତମ ଆଧ୍ୟାତ୍ମିକ ଚେତନା ଓ ଲୋକକଳାର ପାରମ୍ପରିକ ସ୍ମାରକୀ ନୁହେଁ ଏହା ହେଉଛି ଏକ ବିଶାଳ ମଞ୍ଚ ଯେଉଁଠି ଲୁପ୍ତପ୍ରାୟ କଳାର ପୁର୍ନରୁତ୍ଥାନ ପ୍ରୟାସ କରାଯାଇଛି । ଦେବଦମ୍ପତିଙ୍କ ଏହି ଅଲୌକିକ ଲୋକ ନାଟକ ବାସ୍ତବିକ ଯେତିକି ଭବ୍ୟ ସେତିକି ଆକର୍ଷଣୀୟ ଓ ଗରିମାପୂର୍ଣ୍ଣ । ଜ୍ୟେଷ୍ଠ ଶୁକ୍ଳ ପଞ୍ଚମୀ ଦିନ ଶିବ ପାର୍ବତୀଙ୍କର ବିବାହ ହୋଇଥାଏ । ଏଥିପାଇଁ କିଛି ଦିନ ପୂର୍ବରୁ ମହାଦେବଙ୍କର ଶ୍ୱଶୁର ଘର ଖୋଜା ହୁଏ । କୌଣସି ମଧ୍ୟବିତ୍ତ ବା ଧନୀଲୋକ ପାର୍ବତୀଙ୍କ ପିତା ହୋଇପାରନ୍ତି । ପୂର୍ବ ବର୍ଷରେ ଯାହାଙ୍କ ଘରେ ପାର୍ବତୀଙ୍କ ବିବାହ ହୋଇଥିବ, ତାଙ୍କ ଘରକୁ ଯାଇ ପଡ଼ା ନେତୃସ୍ଥାନୀୟ ଲୋକେ ଗଣ୍ଡଲା ହିଟା ଉତ୍ସବ ପାଳନ କରନ୍ତି । ଏହାର ଅର୍ଥ ଶିବ ପୂର୍ବ ଶ୍ୱଶୁରଙ୍କ ସହ ସମ୍ପର୍କ ତୁଟାଇବେ । ଏହା ପରେ ପାର୍ବତୀଙ୍କୁ ନୂଆ ବାପା ଘରକୁ ନେଇଯାନ୍ତି । ସେହି ଘର ପଡ଼ାର ମୁରବୀମାନେ ଶିବଙ୍କ ତରଫରୁ ନିର୍ବନ୍ଧ ପାଇଁ ଯାଆନ୍ତି, ଯେପରି କୁମାର ସମ୍ଭବରେ ଦେବର୍ଷି ନାରଦ ପ୍ରମୁଖ ହିମାଚଳ ପାଖକୁ ଯାଇଥିଲେ ଶିବଙ୍କର ବିବାହ ପ୍ରସ୍ତାବ ନେଇ । ପଞ୍ଚମୀର ଦିନେ ଦୁଇଦିନ ପୂର୍ବରୁ ଗୁଆଗୁଣ୍ଡା ଯାତ୍ରା ହୁଏ । ପଞ୍ଚମୀ ଦିନ ରାତିରେ ଉଭୟ ପଡ଼ାର ମହାଦେବଙ୍କର ବାରାତ ବାହାରେ । ବ୍ରାହ୍ମଣମାନେ ବୃଷଭ ଓ ମହାଦେବଙ୍କୁ କାନ୍ଧରେ ବୋହି ମନ୍ଦିର ଠାରୁ କନ୍ୟା ଗୃହକୁ ବିରାଟ ଶୋଭାଯାତ୍ରାରେ ନିଅନ୍ତି । ଏଥି ସହିତ ବାଜା ଓ ବାଣ ଆତସବାଜିର ପ୍ରଦର୍ଶନ ହୁଏ । ସେହି ରାତିରେ ମହାଦେବ କନ୍ୟା ଗୃହରେ ପ୍ରବେଶ କରନ୍ତି ରାତି ମଧ୍ୟରେ ବ୍ରାହ୍ମଣମାନଙ୍କର ବିବାହରୀତି ଅନୁସାରେ ମହାଦେବ ଓ ପାର୍ବତୀଙ୍କର ବିବାହ ସମ୍ପନ୍ନ ହୁଏ । କନ୍ୟାପକ୍ଷ ଯୌତୁକସ୍ୱରୂପ କିଛି ଅଳଙ୍କାର ଓ କିଛି ବାସନକୁଶନ ଦେଇଥାନ୍ତି । ବିଶେଷ କରି ଓଡ଼ିଶାର ସମ୍ବଲପୁର ସହରରେ ଶୀତଳଷଷ୍ଠୀ ପର୍ବ ବଡ଼ ଧରଣରେ ଅନୁଷ୍ଠିତ ହୋଇଥାଏ । ଏତଦ୍‌ବ୍ୟତୀତ ଓଡ଼ିଶାର ବିଭିନ୍ନ ସ୍ଥାନରେ ମଧ୍ୟ ଶିବ ବିବାହ (ଶୀତଳ ଷଷ୍ଠୀ) ପର୍ବ ବେଶ୍ ଧୁମ୍ ଧାମରେ ଅନୁଷ୍ଠିତ ହୋଇଥାଏ । କେତେକ ସ୍ଥାନରେ ଦେଖାଯାଏ ଶିବ ଓ ପାର୍ବତୀଙ୍କ ଭୂମିକାରେ ଅଭିନୟ କରିଥାନ୍ତି ସ୍ଥାନୀୟ ଲୋକ । ବିବାହ ପରେ ଷଷ୍ଠୀ ଦିନ ରାତିରେ ଶିବ ପାର୍ବତୀଙ୍କର ନଗର ପରିକ୍ରମା ଆରମ୍ଭ ହୁଏ । ଏକ ସୁସଜ୍ଜିତ ବିରାଟ ମେଢ଼ ଉପରେ ବୃଷଭ ଉପରେ ମହାଦେବ ଓ ଆଗରେ ସିଂହ ଉପରେ ପାର୍ବତୀ ନାନା ସ୍ୱର୍ଣ୍ଣାଳଙ୍କାରରେ ଭୂଷିତା ହୋଇ ଭକ୍ତଜନଙ୍କୁ ଦର୍ଶନ ଦିଅନ୍ତି । ପ୍ରଧାନ ମେଢ଼ ଛଡ଼ା ହନୁମାନ ନୃସିଂହ ଓ ଅନ୍ୟାନ୍ୟ ଦେବ ଦେବୀଙ୍କର ମେଢ଼ ମଧ୍ୟ ବାହାରିଥାଏ ।

ପୌରାଣିକ ତଥ୍ୟ : ଦେବୀ ସୀତାଙ୍କ ବିୟୋଗ ପରେ ମହାଦେବ ଦୁଃଖରେ ଭାଙ୍ଗି ପଡ଼ିଥିଲେ । ସବୁକିଛି ଭୁଲିଯାଇ ସେ ଦିନରାତି ଦେବୀ ସତୀଙ୍କ ଚିନ୍ତାରେ ନିମଗ୍ନ ରହୁଥିଲେ । ଅନ୍ୟପଟେ ଦେବୀ ସତୀ ଅଗ୍ନିରେ ଝାସ ଦେବା ବେଳେ ସଂକଳ୍ପ କରିଥିଲେ କି ସେ ପୁନର୍ବାର ରାଜା ହିମାଳୟଙ୍କ ପାଖରେ ଜନ୍ମ ନେବେ ଏବଂ ସାରା ଜୀବନ ପାଇଁ ଶିବଙ୍କ ଅର୍ଦ୍ଧାଙ୍ଗିନୀ ଭାବରେ ରହିବେ । ଉଚିତ ସମୟରେ ଦେବୀ ସତୀ ପର୍ବତ ରାଜା ହିମାଳୟଙ୍କ ପତ୍ନୀ ମେନେକାଙ୍କ ଗର୍ଭରୁ ଜନ୍ମଧାରଣ କଲେ । ପର୍ବତଙ୍କ ପୁତ୍ରୀ ହୋଇଥିବାରୁ ତାଙ୍କ ନାମ ପାର୍ବତୀ ଦିଆଗଲଶ । ଧୀରେ ଧୀରେ ସେ ବିବାହ ବୟସରେ ପହଞ୍ଚିଲେ । ଦେବର୍ଷି ନାରାଦ ରାଜା ହିମାଳୟଙ୍କ ପାଖରେ ଦେବୀ ପାର୍ବତୀଙ୍କ ବିବାହ ମହାଦେବଙ୍କ ସହ କରାଇବାକୁ ପ୍ରସ୍ତାବ ଦେଇଥିଲେ । ଏହାପରେ ଜ୍ୟେଷ୍ଠ ଶୁକ୍ଳ ପଞ୍ଚମୀ ତିଥିରେ ଶିବ ପାର୍ବତୀଙ୍କ ବିବାହ ଅନୁଷ୍ଠିତ ହୋଇଥିଲା । ଏହି ଶିବ ବିବାହ ପୂର୍ବକୁ ଶୀତଳ ଷଷ୍ଠୀ ପର୍ବ ଭାବରେ ମଧ୍ୟ ପାଳନ କରାଯାଇଥାଏ ।

ଚଳିତ ବର୍ଷ ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଏକ କୋଟି ଆଠ ଲକ୍ଷ ଟଙ୍କା ଜିଲ୍ଲାର ମୋଟ ଏକୋଇଶଟି କମିଟିକୁ ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି । ଏହି ଭବ୍ୟ ଲୋକନାଟକ ମହୋତ୍ସବରେ ଏକୋଇଶଟି ମହୋତ୍ସବ କମିଟିର ଦଶହଜାରରୁ ଉର୍ଦ୍ଧ୍ୱ କଳାକାର ସାମିଲ ହୋଇଥାନ୍ତି । ଏହି କାର୍ଯ୍ୟକ୍ରମ ମଧ୍ୟରେ ଏକ ଶୋଭା ଯାତ୍ରା କାର୍ଯ୍ୟକ୍ରମ ଯେଉଁଥିରେ ବୃକ୍ଷ ଓ ବନ ସଂରକ୍ଷଣ, ନାରୀ ସୁରକ୍ଷା ଆଦି ଅନେକ ବିଷୟରେ ପ୍ରଜ୍ଞାପନ ମେଢ଼ର ବ୍ୟବସ୍ଥା ହୋଇଥାଏ । ଚଳିତ ବର୍ଷ ଜୁନ ଚଉଦ ତାରିଖରେ ନନ୍ଦପଡ଼ାର ପତ୍ରପେଣ୍ଡି, ପନ୍ଦରରେ ନୃସିଂହ ନିୟୁତା, ଷୋଳରେ ନିର୍ବନ୍ଧ, ସତରରେ ଗୁଆଗୁଣ୍ଡ, ଦେବ ନିମନ୍ତ୍ରଣ ଓ ଅଠର ତାରିଖରେ ଶିବ ବିବାହ କାର୍ଯ୍ୟକ୍ରମ ରହିଛି । ଉଣେଇଶ ତାରିଖରେ ରାତ୍ରିକାଳୀନ ଯୁଗଳ ଦର୍ଶନ ଶୋଭା ଯାତ୍ରା, କୋଡିଏ ତାରିଖରେ ଦିବସ କାଳୀନ ପ୍ରତ୍ୟାବର୍ତ୍ତନ ଶୋଭାଯାତ୍ରାର ବିଧି ରହିଛି । ଭଗବାନ ଶିବ ଓ ପାର୍ବତୀଙ୍କ ଏହି ବିବାହ କାର୍ଯ୍ୟକ୍ରମ ଏକ ପୌରାଣିକ କଥାବସ୍ତୁ ବା ସାଂସାରିକ ଘଟଣା ତତ୍ତ୍ୱ ନୁହେଁ ଏହା ଭିତରେ ରହିଛି ଅନନ୍ତ, ଗଭୀର, ଚେତନା, ମିମାଂଶା ଓ ଆଧ୍ୟାତ୍ମିକ ଶକ୍ତି ।

ବରେଣ୍ୟ ବାଣୀ’ ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩

# ଶିବ ବିବାହ ଓ ଶୀତଳ ଷଷ୍ଠୀ

**ଜ୍ୟୋତ୍ସ୍ନା ମହାପାତ୍ର**

ଜ୍ୟେଷ୍ଠ ଶୁକ୍ଳ ପଞ୍ଚମୀ ଦିନ ଶିବ ପାର୍ବତୀଙ୍କର ବିବାହ ହୋଇଥାଏ । ମୋ ପିଲାବେଳୁ ଶିବ ବିବାହ ଓ ଶୀତଳ ଷଷ୍ଠୀ ସମ୍ପର୍କରେ ଶୁଣିଥିଲି ପରେ ମନ୍ଦିରରେ ଅନୁଷ୍ଠିତ ହେଉଥିବା ଦମ୍ପତିଙ୍କ ବିବାହ ଯେଉଁ ଲୋକାଚାରରେ ଅନୁଷ୍ଠିତ ହୁଏ ତାହା ସବୁ ଦେଖିବାର ଏବଂ ସେହି ମହାନ କାର୍ଯ୍ୟକ୍ରମରେ ସାମିଲ ହେବାର ସୁଯୋଗ ପାଇଲି । ଶୀତଳ ଷଷ୍ଠୀ ବାସ୍ତବରେ ଏକ ମହାନ ସଂସ୍କୃତିର ଚେତନାକୁ ଜାଗରିତ କରେ । ଆମ ଓଡ଼ିଶାର ପଶ୍ଚିମାଞ୍ଚଳ ବିଶେଷକରି ସମ୍ବଲପୁର ସହରର ଶୀତଳ ଷଷ୍ଠୀର ଇତିହାସ ଖୁବ ପୁରୁଣା । ଶୀତଳ ଷଷ୍ଠୀ ହେଉଛି ଏପରି ଏକ ପର୍ବ ଯେଉଁଥିରେ ଦେବ ଦମ୍ପତି ଠିକ ଆମ ମାନଙ୍କ ପରି ମାନବୀୟ ଲୀଳା ପ୍ରଦର୍ଶନ କରିଥାନ୍ତି ।

ଆମ ଓଡ଼ିଆ ଲୋକ ରୀତିନୀତିରେ ସାଧାରଣ ଘରେ କନ୍ୟା ହେଉ ବା ପୁତ୍ର ବିବାହ ସମୟରେ ଯେଉଁପରି ଦେଖା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ ଠିକ ସେହିପରି ଅକ୍ଷୟ ତୃତୀୟା ଦିନରୁ ଥାଳ ଉଠା ରୀତିରୁ ଏହି କାର୍ଯ୍ୟକ୍ରମର ପ୍ରସ୍ତୁତି ଆରମ୍ଭ ହୋଇଥାଏ । କାରଣ ଏହି କାର୍ଯ୍ୟକ୍ରମରେ କନ୍ୟା ପିତାମାତାଙ୍କ ମନୋନୟନ କରାଯାଏ ଓ ପରେ ନିର୍ବନ୍ଧ ବା ପତ୍ରପେଣ୍ଡି ନୀତି ଅନୁଷ୍ଠିତ ହୁଏ । ଏହାର ପରେ ଦେବତା ନିମନ୍ତ୍ରଣ, ତୈଳାଭିଶେକ ଓ ଶୁଭଲଗ୍ନରେ ଶିବ-ପାର୍ବତୀଙ୍କ ବିବାହ ହୁଏ । ଶୋଭାଯାତ୍ରାରେ ବରଯାତ୍ରୀ ଆସି ସମ୍ପୂର୍ଣ୍ଣ ଲୋକାଚାରରେ ଦେବ ଦମ୍ପତିଙ୍କ ବିବାହ ଓ ପାଣିଗ୍ରହଣ କରାଯାଏ । ବିବାହ ପରେ ଷଷ୍ଠୀ ଦିନ ରାତିରେ ଶିବ ପାର୍ବତୀଙ୍କର ନଗର ପରିକ୍ରମା ଆରମ୍ଭ ହୁଏ । ଏକ ସୁସଜ୍ଜିତ ବିରାଟ ମେଢ଼ ଉପରେ ବୃଷଭ ଉପରେ ମହାଦେବ ଓ ଆଗରେ ସିଂହ ଉପରେ ପାର୍ବତୀ ନାନା ସ୍ୱର୍ଣ୍ଣାଳଙ୍କାରରେ ଭୂଷିତା ହୋଇ ଭକ୍ତଜନଙ୍କୁ ଦର୍ଶନ ଦିଅନ୍ତି । ପ୍ରଧାନ ମେଢ଼ ଛଡ଼ା ହନୁମାନ ନୃସିଂହ ଓ ଅନ୍ୟାନ୍ୟ ଦେବ ଦେବୀଙ୍କର ମେଢ଼ ମଧ୍ୟ ବାହାରିଥାଏ ।ବିବାହ ପରବର୍ତ୍ତୀ ରାତି ଯୁଗଳ ଦର୍ଶନ ଶୋଭାଯାତ୍ରା ଓ ଶେଷ ଦିନ ମନ୍ଦିର ପ୍ରତ୍ୟାବର୍ତ୍ତନ ଶୋଭା ଯାତ୍ରା ବେଶ ଭବ୍ୟ ଓ ଆକର୍ଷଣୀୟ ହୋଇଥାଏ । ପୌରାଣିକ ତଥ୍ୟ ଅନୁଯାୟୀ ସତୀଙ୍କ ଚିନ୍ତାରେ ମହାଦେବ ସବୁବେଳେ ଚିନ୍ତିତ ରହୁଥିଲେ । ସେପଟେ ସତୀ ଦେବୀଙ୍କ ସଂକଳ୍ପ ରହିଥିଲା ଯେ ସେ ସାରା ଜୀବନ କେବଳ ଭଗବାନ ଆଶୁତୋଷ ବା ଶିବଙ୍କ ଅର୍ଦ୍ଧାଙ୍ଗିନୀ ଭାବରେ ରହିବେ । ପରବର୍ତ୍ତୀ ସମୟରେ ପର୍ବତ ରାଜା ହିମାଳୟଙ୍କ କନ୍ୟା ଭାବେ ‘ପାର୍ବତୀ’ ନାମରେ ସେ ଜନ୍ମ ହୋଇଥିଲେ ଏବଂ ଜ୍ୟେଷ୍ଠ ଶୁକ୍ଳ ପଞ୍ଚମୀ ତିଥିରେ ଶିବ ପାର୍ବତୀଙ୍କ ବିବାହ ଅନୁଷ୍ଠିତ ହୋଇଥିଲା । ଏହି ଶିବ ବିବାହ ପୂର୍ବକୁ ଶୀତଳ ଷଷ୍ଠୀ ପର୍ବ ଭାବରେ ମଧ୍ୟ ପାଳନ କରାଯାଇଥାଏ ।

‘ଶୈବ ରସାମୃତ’ରୁ ସଂଗୃହୀତ ତଥ୍ୟ ଅନୁଯାୟୀ ଶୀତଳ ଷଷ୍ଠୀ ମହୋତ୍ସବ ହେଉଛି ଦେବାଧିଦେବ ମହାଦେବଙ୍କର ବିବାହ ଉତ୍ସବ ।



ଦାନବ ରାଜା ତାରକାସୁରର ଅତ୍ୟାଚାର, ଅନ୍ୟାୟ ଓ ଦୌରାତ୍ମ୍ୟରୁ ସୃଷ୍ଟିକୁ ରକ୍ଷା କରିବାଲାଗି ଯୋଗେଶ୍ୱର ମହାଦେବ ଓ ଶକ୍ତିସ୍ୱରୂପିଣୀ ମାତା ପାର୍ବତୀଙ୍କ ବିବାହ ବା ମହାମିଳନର ଅବସର । ଶୀତଳ ଷଷ୍ଠୀ ଓଡ଼ିଶାର ବିଭିନ୍ନ ଶୈବଧାମରେ ଅନୁଷ୍ଠିତ ହୋଇଥାଏ । ଶୀତଳଷଷ୍ଠୀ ହେଉଛି ଐତିହ୍ୟ, ସଂସ୍କୃତି, ପରମ୍ପରା ଓ ଧର୍ମବିଶ୍ୱାସର ଆଇନା । ଶିବ-ପାର୍ବତୀଙ୍କୁ ମାନବୀୟ ରୂପଦେଇ ଶୀତଳ ଷଷ୍ଠୀ ଯାତ୍ରାରେ ବିଶ୍ୱ ଭ୍ରାତୃତ୍ୱ, ମୈତ୍ରୀ ସଂହତିର ଯେଉଁ ନିରାଜନା ହୋଇଛି, ତାହା ଏକ ମହାନ ସଂସ୍କୃତିର ସ୍ମାରକୀ । ଦୋଳସବ ସମୟରେ ଭଗବାନ ଶ୍ରୀକୃଷ୍ଣ ଯେଉଁପରି ବିମାନରେ ବସି ଦ୍ୱାରେ ଦ୍ୱାରେ ଭ୍ରମଣ କରି ଶ୍ରଦ୍ଧାଳୁଙ୍କୁ ଆଶୀର୍ବାଦ ଦେଇଥାନ୍ତି ଠିକ୍ ସେହିପରି ମାନବୀୟ ରୂପରେ ଏ ଶୀତଳ ଷଷ୍ଠୀରେ ଶିବ ପାର୍ବତୀଙ୍କ ବିବାହ ଉତ୍ସବ ହୋଇଥାଏ । ଆମ ରାଜ୍ୟର ପଶ୍ଚିମାଞ୍ଚଳରେ ନୂଆଖାଇ ହେଉ ବା ଧନୁଯାତ୍ରା ଠିକ୍ ସେହିପରି ଶୀତଳ ଷଷ୍ଠୀ ଖୁବ୍ ଜାକଜମକ ସହକାରେ ପାଳିତ ହୋଇଥାଏ । ଗ୍ରୀଷ୍ମର ପ୍ରଚଣ୍ଡ ପ୍ରକୋପ ତାପରୁ ରକ୍ଷା ପାଇବା ଉଦ୍ଦେଶ୍ୟରେ ରୁଦ୍ରରୂପୀ ଶିବଙ୍କୁ ପ୍ରସନ୍ନ କରାଇଥାନ୍ତି ଆଧ୍ୟାତ୍ମିକ ଶ୍ରଦ୍ଧାଳୁମାନେ ।

ଶୀତଳ ଷଷ୍ଠୀର ଅନ୍ୟ ଏକ ଅନୁଚିନ୍ତନ ହେଉଛି ଜ୍ୟେଷ୍ଠ ମାସର ଶୁକ୍ଳ ପକ୍ଷର ଷଷ୍ଠୀ ତିଥିର ପରବର୍ତ୍ତୀ ସମୟରେ ପୃଥିବୀ ମାତା କ୍ରମଶଃ ଶୀତଳ ପ୍ରାପ୍ତ ହୋଇଥାନ୍ତି ଓ ସୂର୍ଯ୍ୟଦେବଙ୍କର ଗତି ଆକାଶରେ ମେଘମହ୍ଲାର ସୃଷ୍ଟି କରି ବର୍ଷା କରିଥାନ୍ତି । ଆମ ନିତିଦିନିଆ ଜୀବନରେ ବିବାହ ଉତ୍ସବପରି ଶିବ-ପାର୍ବତୀଙ୍କ ବିବାହ ମାନବ ଜଗତର ସମସ୍ତ ବୈବାହିକ ପ୍ରସ୍ତୁତି, ପରିବେଶ ଓ ସାମାଜିକତା ଅନୁସରଣ କରାଯାଏ । ଏହି ଆନନ୍ଦ ଉଲ୍ଲାସ ମହାପାର୍ବଣରେ ସମସ୍ତେ ସାମିଲ ହୋଇଥାନ୍ତି ଏହି ଆନନ୍ଦ ପ୍ରାପ୍ତି କରିବାକୁ । ଭଗବାନ ଶିବ ସମଗ୍ର ଜୀବସତ୍ତାର ନିଦର୍ଶନ ରୂପେ ପ୍ରତୀକିତ ହେଉଥିବାବେଳେ ପାର୍ବତୀ ବିଶ୍ୱ ପ୍ରକୃତିର ନିଦର୍ଶନ ରୂପରେ ଅଭିଶିକ୍ତ । ଶିବ-ପାର୍ବତୀ ବିବାହ ଏ ପରିପ୍ରେକ୍ଷୀରେ ବିଶ୍ୱ ଏକାତ୍ମବୋଧର ଗଭୀର ଦର୍ଶନ ରହିଛି । ଏହାର ପୃଷ୍ଠଭୂମିରେ ଏକ ଉଚ୍ଚତର ସାମାଜିକ ଆଦର୍ଶ ନିହିତ । ତା’ଛଡ଼ା ଆତ୍ମାର ମୁକ୍ତି ପାଇଁ ଅନ୍ତର୍ଜାଗତିକ ଆତ୍ମସତ୍ତା ସହିତ ବହିର୍ଜାଗତିକ ପ୍ରବୃତ୍ତି ସତ୍ତାକୁ ସମରସିତ କରାଇବା ଲକ୍ଷ୍ୟ ନେଇ ଏହାର ଆୟୋଜନ । ଏଇଠି ପ୍ରକୃତି ସହିତ ଆତ୍ମାର ମିଳନ ଶିବତ୍ୱର ଦ୍ୟୋତକ ରୂପେ ଗୃହୀତ ହେବାବେଳେ ଶିବତ୍ୱର ଅର୍ଥାତ୍ ବ୍ୟକ୍ତି ଦ୍ୱାରା ଉପଲବ୍ଧ ଶିବତ୍ୱର ସହିତ ପରଶିବତ୍ୱର ସମନ୍ୱୟ ହିଁ ଏ ଦର୍ଶନର ଚରମ ଲକ୍ଷ୍ୟ ଭାବେ ଗୃହୀତ । ଏହି ମହାମିଳନକୁ ପରାପର ମିଳନ ବା ପରମଜ୍ୟୋତି ମିଳନ ରୂପେ ଗ୍ରହଣ କରାଯାଇଥାଏ । କଟକ ସହରର ବିଭିନ୍ନ ଶିବ ମନ୍ଦିରରେ ଏହି ଉତ୍ସବ ଲାଗି ରହିଥାଏ । ଭଗବାନ ଆଶୁତୋଷଙ୍କୁ ଭକ୍ତି ବିଭିନ୍ନ ନାମରେ ପ୍ରାର୍ଥନା କରିଥାନ୍ତି । ଶୀତଳ ଷଷ୍ଠୀ ହେଉଛି କେବଳ ପୁରାଣ ଚେତନା ନୁହେଁ, ଶାନ୍ତି, ଆନନ୍ଦ ଓ ମଙ୍ଗଳର ଏକ ଆନନ୍ଦମୟ ଅବସର । ଭଗବାନ ଆଶୁତୋଷ ଶିବ ଓ ଦେବୀ ପାର୍ବତୀ ଆମ ସମସ୍ତଙ୍କୁ କୃପା ଆଶୀର୍ବାଦ ପ୍ରଦାନ କରନ୍ତୁ ଏହା ହିଁ ପ୍ରାର୍ଥନା ।

ଚଣ୍ଡୀମନ୍ଦିର ମାର୍ଗ, କଟକ-୧

# ଟିକସ, ଲାଭ ଏବଂ କ୍ଷତିର ଭିତିରି କଥା !

**ଗୋପାଳ ମହାପାତ୍ର**

ଦେଶରେ ପେଟ୍ରୋଲ, ଡିଜେଲ ଏବଂ ରୋଷେଇ ଗ୍ୟାସର ମୂଲ୍ୟ ବୃଦ୍ଧି ଏବେ କେବଳ ଆର୍ଥୀକ ଆଲୋଚନାର ବିଷୟ ହୋଇ ରହିନାହିଁ ବରଂ ଏହା ସାଧାରଣ ଲୋକଙ୍କ ଦୈନଦିନର ପୀଡ଼ାର ସବୁଠାରୁ ବଡ଼ କାରଣ ପାଲଟିଛି । ନିଜ କାର୍ଯ୍ୟାଳୟକୁ ଯାଉଥିବା କର୍ମଚାରୀ, ଚାଷକାର୍ଯ୍ୟ ପାଇଁ ପମ୍ପ ଚଲାଉଥିବା ଚାଷୀ, ମାଲ ପରିବହନ କରୁଥିବା ଗାଡ଼ି ଚାଳକ ହୁଅନ୍ତୁ ବା ଗ୍ୟାସରେ ରୋଷେଇ କରୁଥିବା ଗୃହିଣୀ ସମସ୍ତେ ଏଇ ବଢୁଥିବା ଦର କାରଣରୁ ତ୍ରସ୍ତ କିନ୍ତୁ ପ୍ରଶ୍ନ ଉଠୁଛି ଯେ ପ୍ରକୃତରେ ଏସବୁର ମୂଲ୍ୟ ବୃଦ୍ଧି ଓ ପେଟ୍ରୋଲ, ଡିଜେଲ ଉପରେ ଲଗାଯାଇଥିବା ଟିକସ ଦାୟୀ ? ମୂଲ୍ୟ ବୃଦ୍ଧି କାରଣରୁ ଅତ୍ୟାବଶ୍ୟକୀୟ ଜିନିଷର ମୂଲ୍ୟ ବୃଦ୍ଧିପାଇଁ ବଜାର ଦାୟୀ ନା କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ପେଟ୍ରୋଲ- ଡିଜେଲ ଦେଶର ଆବଶ୍ୟକତା ପୁରଣ ପାଇଁ ପାଖାପାଖି ୮୫ ପ୍ରତିଶତ ଅଶୋଧିତ ତୈଳ ବିଦେଶରୁ ଆମଦାନୀ କରାଯାଇଥାଏ । ଏଥିପାଇଁ ଆନ୍ତର୍ଯାତୀୟ ବଜାରରେ ଅଶୋଧିତ ତୈଳର ମୂଲ୍ୟ ବୃଦ୍ଧି ହେଲେ ତାର ପ୍ରଭାବ ଭାରତ ଉପରେ ପଡିବା ସ୍ୱାଭାବିକ୍ । ଋଷ-ୟୁକ୍ରେନଯୁଦ୍ଧ, ଇରାନ-ଆମେରିକା ଯୁଦ୍ଧ, ଡ଼ଲାର ତୁଳନାରେ ଟଙ୍କାର ବିନିମୟ ଦରହ୍ରାସ ଏବଂ ବିଶ୍ୱସ୍ତରରେ ଯୋଗାଣ ବ୍ୟବସ୍ଥାକୁ ନେଇ ଦେଖାଦେଇଥିବା ସଙ୍କଟ ଭଳି କାରଣ ବାବଦରେ ତୈଳ କମ୍ପାନୀ ମାନେ ଓ ସରକାର ସବୁବେଳେ କହିଥାନ୍ତି । କିନ୍ତୁ ଏହିସବୁ କାରଣ ଯୋଗୁଁ କ’ଣ ପେଟ୍ରୋଲ, ଡିଜେଲ ରୋଷେଇ ଗ୍ୟାସର ମୂଲ୍ୟ ବୃଦ୍ଧି ହେଉଛି ?ତୈଳ କମ୍ପାନୀ ଓ ସରକାର ଦର୍ଶାଉଥିବା କାରଣ ପୁରାପୁରି ସତ୍ୟ ନୁହେଁ ।

ଯଦି କେବଳ ଆନ୍ତର୍ଯାତୀୟ ବଜାର କାରଣ ହୋଇଥାଏ ତେବେ ଯେତେବେଳେ ଆନ୍ତର୍ଯାତୀୟ ବଜାରରେ ଅଶୋଧିତ ତୈଳର ମୂଲ୍ୟ କମିଯାଏ ସେତେବେଳେ ସେଇ ଅନୁପାତରେ ପେଟ୍ରୋଲିୟମ ପଦାର୍ଥର ମୂଲ୍ୟ କମେ ନାହିଁ କାହିଁକି ? ପେଟ୍ରୋଲ-ଡିଜେଲ ଉପରେ ଟିକସ ବୃଦ୍ଧି କରି ସରକାର କାହିଁକି ରାଜସ୍ୱ ବୃଦ୍ଧି କରୁଛନ୍ତି ? ଏହା ହେଉଛି ପେଟ୍ରୋଲ- ଡିଜେଲର ଟିକସ ରାଜନୀତି । ଭାରତ ବଜାରରେ ବିକ୍ରୀ ହେଉଥିବା ପେଟ୍ରୋଲର ଅଧିକ ଭାଗ ହେଉଛି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଟିକସ । ବିଭିନ୍ନ ରାଜ୍ୟର ସରକାରମାନେ ପେଟ୍ରୋଲ ଉପରେ ସେମାନଙ୍କ ନିଷ୍ପତ୍ତି ଅନୁସାରେ ଭାଟ (ଟିକସ) ବସାଇଥାନ୍ତି । ଡିଜେଲ ଉପରେ ମଧ୍ୟ କେନ୍ଦ୍ର ଓ ରାଜ୍ୟ ସରକାର ଟିକସ ଲଗାଇଥାନ୍ତି । ଏହାର ଅର୍ଥ ହେଉଛି ଯଦି କେହି ବ୍ୟକ୍ତି ୧୦୦ଟଙ୍କାର ପେଟ୍ରୋଲ କିଣେ ତେବେ ସେହି ୧୦୦ଟଙ୍କାର ପାଖାପାଖି ଏକ ତୃତୀୟାଂଶ ବା ତାଠାରୁ ଅଧିକ ଅର୍ଥ କେବଳ ଟିକସ ବାବଦରେ ସରକାରଙ୍କ ପାଖକୁ ଯାଇଥାଏ । ଏହି କାରଣରୁ ଅନେକ ସମୟରେ ଦାବି ଉଠୁଛି ଯେ ପେଟ୍ରୋଲ ଏବଂ ଡିଜେଲକୁ ବସ୍ତୁ ଏବଂ ସେବାକର (ଜିଏସ୍‌ଟି) ପରସରକୁ ଅଣାଯାଉନି କାହିଁକି ? ଏହାର ଉତ୍ତର ମଧ୍ୟ ସ୍ପଷ୍ଟ । ପେଟ୍ରୋଲିୟମ ପଦାର୍ଥ କେନ୍ଦ୍ର ଏବଂ ରାଜ୍ୟ ସରକାର ଉଭୟଙ୍କ ପାଇଁ ଲାଭଜନକ ଅଟେ । ଯଦି ପେଟ୍ରୋଲ-ଡିଜେଲ କୁ ଜିଏସ୍‌ଟି ଭୁକ୍ତ କରାଯାଏ ତେବେ ସରକାର ଯେଉଁ ମନଇଚ୍ଛା ଟିକସ ଅସୁଲ କରୁଛନ୍ତି ତାହା ସିମୀତ ହୋଇଯିବ । ବିଡ଼ମ୍ବନା ହେଉଛି ଯେତେବେଳେ ଆନ୍ତର୍ଯାତୀୟ ବଜାରରେ ଅଶୋଧିତ ତୈଳର ମୂଲ୍ୟ ବୃଦ୍ଧି ହୁଏ ସେତେବେଳେ କେନ୍ଦ୍ର ସରକାର ରାଜ୍ୟ ସରକାରଙ୍କ ବର୍ଦ୍ଧିତ ଟିକସ କାରଣରୁ ପେଟ୍ରୋଲିୟମ ପଦାର୍ଥର ମୂଲ୍ୟ ବଢୁଛି ବୋଲି କହିଥାନ୍ତି । ଅନ୍ୟ ପକ୍ଷରେ ଏସବୁର ମୂଲ୍ୟ ବୃଦ୍ଧି ପାଇଁ କେନ୍ଦ୍ର ସରକାରଙ୍କ ଉତ୍ପାଦ ଶୁଳ୍କ ବୃଦ୍ଧି ବୋଲି କହି ରାଜ୍ୟସରକାର କେନ୍ଦ୍ର ମୁଣ୍ଡରେ ଦୋଷ ଲଦି ଦିଅନ୍ତି । କିନ୍ତୁ ନା କେନ୍ଦ୍ର ଅଥବା ରାଜ୍ୟ ସରକାର କେହି ବି ଲଗାଉଥିବା ଟିକସ କେବେ ହ୍ରାସ କରନ୍ତି ନାହିଁ । କେବଳ ନିର୍ବାଚନ ସମୟରେ ପେଟ୍ରୋଲ-ଡିଜେଲର ମୂଲ୍ୟ କିଛି ଟଙ୍କା କମାଇଦେଇଥାନ୍ତି । କିନ୍ତୁ ନିର୍ବାଚନ ସରିଲେ ଯଥା ପୂର୍ବଂ ତଥା ପରଂ ।

ଏବେ ତୈଳ କମ୍ପାନୀ ମାନଙ୍କ କଥା ବିଚାର କରାଯାଉ । ଇଣ୍ଡିଆନ ଅଏଲ, ଭାରତ ପେଟ୍ରୋଲିୟମ ଏବଂ ହିନ୍ଦୁସ୍ଥାନ ପେଟ୍ରୋଲିୟମ ଭଳି ସରକାରୀ ତୈଳ କମ୍ପାନୀ ମାନେ ସ୍ପଷ୍ଟିକରଣ ଦେଇଥାନ୍ତି ଯେ ଆନ୍ତର୍ଯାତୀୟ ବଜାରରେ ଅଶୋଧିତ ତୈଳର ମୂଲ ବୃଦ୍ଧି କାରଣରୁ ସେମାନଙ୍କୁ କ୍ଷତି ସହିବାକୁ ପଡୁଛି । କିନ୍ତୁ ଏସବୁ କମ୍ପାନୀ ମାନଙ୍କ ଆର୍ଥୀକ ହିସାବ କିତାବ କିଛି (କ୍ରମଶଃ)



# ପେଣ୍ଟାଗନ ଖୁଲାସା: ଇରାନ ଯୁଦ୍ଧରେ ଗ୍ରୋକ୍ ଏଆଇ ବ୍ୟବହାର
# ୯୬ ଘଣ୍ଟାରେ ୨,୦୦୦ ଟାର୍ଗେଟ ଧ୍ୱଂସ

**ନୂଆଦିଲ୍ଲୀ,୧୭।୬(ଏଜେନ୍ସି):** କୃତ୍ରିମ ବୁଦ୍ଧିମତ୍ତା (ଏଆଇ)କୁ ନେଇ ବିଶ୍ୱରେ ଯେଉଁ ଭୟ ରହିଥିଲା ତାହା ଏବେ ସତ୍ୟରେ ପରିଣତ ହୋଇଛି । ୟୁଜରଙ୍କ ପ୍ରଶ୍ନର ମଜାଦାର ଉତ୍ତର ପ୍ରଦାନ କରୁଥିବା ଏଲୋନ ମସ୍କଙ୍କ ଚାଟବଟ୍, 'ଗ୍ରୋକ୍' ଆମେରିକୀୟ ସେନା ଦ୍ୱାରା ଇରାନକୁ ବହୁ କ୍ଷତି ପହଞ୍ଚାଇଛି । ଆମେରିକାର ପ୍ରତିରକ୍ଷା ବିଭାଗ ପେଣ୍ଟାଗନ୍ କୋର୍ଟରେ ସ୍ୱୀକାର କରିଛି ଯେ, ଏହା ଇରାନ ଯୁଦ୍ଧରେ ମସ୍କଙ୍କ ଗ୍ରୋକ୍ ଏଆଇ ବ୍ୟବହାର କରିଥିଲା। ଏହି ପ୍ରଯୁକ୍ତିବିଦ୍ୟା ଦ୍ୱାରା ଆମେରିକୀୟ ସେନା ମାତ୍ର ୯୬ ଘଣ୍ଟା ମଧ୍ୟରେ ୨,୦୦୦ ବିଭିନ୍ନ ଲକ୍ଷ୍ୟସ୍ଥଳ ଉପରେ ସଠିକ କ୍ଷେପଣାସ୍ତ୍ର ଆକ୍ରମଣ କରିପାରିଥିଲା । ଏହି ଚାଞ୍ଚଲ୍ୟକର ପ୍ରକାଶ ସମଗ୍ର ବିଶ୍ୱକୁ ଚକିତ କରିଛି। ଏହି ସମ୍ପୂର୍ଣ୍ଣ ଖୁଲାସା ଏକ କୋର୍ଟ ମାମଲା ସମୟରେ ହୋଇଛି । ପ୍ରକୃତରେ ଏଲୋନ୍ ମସ୍କଙ୍କ କମ୍ପାନି, ଏକ୍ସଏଆଇର ଡାଟା ସେଣ୍ଟର ପରିବେଶଗତ ନିୟମ ଉଲ୍ଲଂଘନ କରିଥିବା ଅଭିଯୋଗ ହୋଇଥିଲା । ଡାଟା ସେଣ୍ଟରକୁ ବନ୍ଦ କରିବା ରୋକିବା ପାଇଁ ଆମେରିକାର ନ୍ୟାୟ ବିଭାଗ (ଡିଓଜେ) ହସ୍ତକ୍ଷେପ କରିଥିଲା। ସରକାର ଯୁକ୍ତି ଦେଇଥିଲେ ଯେ, ମସ୍କଙ୍କ ଡାଟା ସେଣ୍ଟରକୁ ବନ୍ଦ କରାଯାଇପାରିବ ନାହିଁ କାରଣ ଏହା ଆମେରିକାର ଜାତୀୟ ସୁରକ୍ଷା ସହିତ ଜଡିତ । ଏହି ସମୟରେ ପେଣ୍ଟାଗନର ମୁଖ୍ୟ ଡିଜିଟାଲ୍ ଏବଂ ଏଆଇ ଅଧିକାରୀ କାମେରୁନ୍ ଷ୍ଟାନଲି କୋର୍ଟରେ ଏକ ସତ୍ୟପାଠ ଦାଖଲ କରି ଗ୍ରୋକ୍ ଏଆଇର ସାମରିକ ବ୍ୟବହାରକୁ ସ୍ୱୀକାର କରିଛନ୍ତି । ଆମେରିକୀୟ ସେନା ବହୁ ଦିନ ଧରି 'ପ୍ରୋଜେକ୍ଟ ମାଭେନ୍' ନାମକ ଏକ ଗୁପ୍ତ କାର୍ଯ୍ୟକ୍ରମ ଚଳାଉଛି । ଏହା ଏକ ଏଆଇ-ସହାୟକ ଟାର୍ଗେଟିଂ ସିଷ୍ଟମ୍ ଯାହା ଯୁଦ୍ଧକ୍ଷେତ୍ରରେ ଶତ୍ରୁ ଟାର୍ଗେଟକୁ ଚିହ୍ନଟ କରିବା ପାଇଁ ଡିଜାଇନ୍ କରାଯାଇଛି । ପେଣ୍ଟାଗନ୍ କହିଛି ଯେ, ମସ୍କଙ୍କ 'ଗ୍ରୋକ୍ ଗଭ୍ ମଡେଲ୍' ଏତେ ବଡ଼ ସାମରିକ ଅପରେସନ୍ ପରିଚାଳନା କରିବାରେ ସକ୍ଷମ କିଛି ଏଆଇ ମଡେଲ୍ ମଧ୍ୟରୁ ଗୋଟିଏ ।ଏହି ସିଷ୍ଟମ୍ ହିଁ ଆମେରିକୀୟ ସେନାକୁ ଅପରେସନ୍ ଏପିକ୍ ଫ୍ୟୁରି କରିବାରେ ସାହାଯ୍ୟ କରିଥିଲା । କ୍ୟାମେରନ ଷ୍ଟାନଲିଙ୍କ ଅନୁଯାୟୀ, ଗ୍ରୋକ୍ ଏଆଇ ଯୋଗୁଁ ଆମେରିକୀୟ ସେନାର ଶକ୍ତି ଦ୍ରୁତ ଗତିରେ ବୃଦ୍ଧି ପାଇଛି । ଏହି ଚାଟବଟ୍ ସାହାଯ୍ୟରେ, ସେନା ମାତ୍ର ୯୬ ଘଣ୍ଟା ଅର୍ଥାତ ମାତ୍ର ଚାରି ଦିନ ମଧ୍ୟରେ ୨,୦୦୦ ରୁ ଅଧିକ ଲକ୍ଷ୍ୟସ୍ଥଳରେ ୨,୦୦୦ ରୁ ଅଧିକ ଘାତକ ଅସ୍ତ୍ର ଏବଂ କ୍ଷେପଣାସ୍ତ୍ର ନିକ୍ଷେପ କରିଛି । ଏଆଇ ଏତେ ଶୀଘ୍ର ତଥ୍ୟ ପ୍ରକ୍ରିୟାକରଣ କରିଥିଲା ଯେ, ମାନବ କମାଣ୍ଡରମାନେ ମଧ୍ୟ ଆଶ୍ଚର୍ଯ୍ୟ ହୋଇଯାଇଥିଲେ । ଆମେରିକା ସରକାର କହିଛନ୍ତି, ମସ୍କଙ୍କ ପ୍ରଯୁକ୍ତିବିଦ୍ୟା ସେମାନଙ୍କ କାମକୁ ବହୁତ ସହଜ ଏବଂ ଦ୍ରୁତ କରିଛି। ତେବେ ଟେକ୍ କମ୍ପାନିଗୁଡ଼ିକ ମଧ୍ୟରେ ନୂଆ ବିବାଦ ଦେଖାଦେଇଛି । ସାମରିକ କାର୍ଯ୍ୟରେ ଏଆଇର ବର୍ଦ୍ଧିତ ବ୍ୟବହାର ଏକ ନୂତନ ବିତର୍କ ସୃଷ୍ଟି କରିଛି । ଚଳିତ ବର୍ଷ ଫେବ୍ରୁଆରି ଶେଷ ଭାଗରେ, ଆନ୍ଥ୍ରୋପିକ୍ ନାମକ ଏକ ଏଆଇ କମ୍ପାନି ସମ୍ପୂର୍ଣ୍ଣ ସ୍ୱୟଂଚାଳିତ ଆକ୍ରମଣ ପାଇଁ ଏହାର ଏଆଇ ଉପକରଣ ବ୍ୟବହାର କରିବାକୁ ମନା କରିବା ପରେ ଆମେରିକା ସରକାର କମ୍ପାନି ସହିତ ଚୁକ୍ତିନାମା ବାତିଲ କରିଦେଇଥିଲେ । ଏହା ପରେ ପେଣ୍ଟାଗନ୍ ଗୁଗଲ,ଓପନଏଆଇ ଏବଂ ମସ୍କଙ୍କର ଏକ୍ସଏଆଇ ଆଡକୁ ମୁହାଁଇଥିଲା । ୬୦୦ ରୁ ଅଧିକ ଗୁଗଲ କର୍ମଚାରୀ ମଧ୍ୟ ଦାବି କରିଛନ୍ତି ଯେ, ସେମାନଙ୍କ କମ୍ପାନି ସାମରିକ ବାହିନୀକୁ ଏଆଇ ଯୋଗାଣ ନ କରୁ। ଏହି ପ୍ରକାଶ ପରେ, ମାନବାଧିକାର ସଂଗଠନ ଏବଂ ଅନେକ ଆମେରିକୀୟ ଆଇନ ପ୍ରଣୟନକାରୀ ଚିନ୍ତା ପ୍ରକାଶ କରିଛନ୍ତି । ପୂର୍ବରୁ ଆମେରିକା ଆକ୍ରମଣରେ ସାଧାରଣ ନାଗରିକଙ୍କ ମୃତ୍ୟୁର ରିପୋର୍ଟ ପ୍ରକାଶ ପାଇଛି । ଏବେ ବିଶେଷଜ୍ଞମାନେ କହିଛନ୍ତି ଯେ, ଯଦି ଏଆଇ ସଫ୍ଟୱେର୍ ଜୀବନ ଏବଂ ମୃତ୍ୟୁର ନିଷ୍ପତ୍ତି ନେବ ତେବେ ଏହା ମାନବତା ପାଇଁ ଅତ୍ୟନ୍ତ ବିପଜ୍ଜନକ ପ୍ରମାଣିତ ହୋଇପାରେ । ଲୋକମାନେ ଦାବି କରିଛନ୍ତି ଯେ, ଯୁଦ୍ଧରେ ଚୂଡ଼ାନ୍ତ ନିଷ୍ପତ୍ତି ସର୍ବଦା ଜଣେ ମାନବ କମାଣ୍ଡରଙ୍କ ପାଖରେ ରହିବା ଉଚିତ । ରୋବୋଟ୍ କିମ୍ବା ଚାଟବଟ୍ ପାଖରେ ନୁହେଁ ।

# ଆମେରିକା 'ଇଣ୍ଡୋ'କୁ ହଟାଇବା ନେଇ କହିଲେ ଶଶି ଥରୁର

**ନୂଆଦିଲ୍ଲୀ,୧୭।୬(ଏଜେନ୍ସି):** ଆମେରିକା ୟୁଏସ୍ ଇଣ୍ଡୋ-ପାସିଫିକ୍ କମାଣ୍ଡ (ୟୁଏସଇଣ୍ଡୋପାକମ୍)କୁ ୟୁଏସ ପାସିଫିକ୍ କମାଣ୍ଡ(ୟୁଏସଇଣ୍ଡୋପାକମ୍) ଭାବେ ପୁନଃନାମିତ କରିଛି । ଏନେଇ ଭାରତର ଚିନ୍ତା ବଢ଼ିଛି । ଏପରି କରି ଆମେରିକା ଏହା ଆଠ ବର୍ଷ ପୂର୍ବେ ନିଆଯାଇଥିବା ନିଷ୍ପତ୍ତିକୁ ଓଲଟାଇ ଦେଇଛି । ବିଶେଷଜ୍ଞମାନଙ୍କ ଅନୁସାରେ କମାଣ୍ଡର ନାମରୁ 'ଇଣ୍ଡୋ' ଶବ୍ଦ ହଟାଇବା ଦ୍ୱାରା ଏହା ସୂଚିତ ହୋଇପାରେ ଯେ ଯୁକ୍ତରାଷ୍ଟ୍ର ଏହାର ଇଣ୍ଡୋ-ପାସିଫିକ୍ ରଣନୀତି ଏବଂ କ୍ୱାଡ୍ ଭଳି ଗୋଷ୍ଠୀଗୁଡ଼ିକ ଉପରେ ନିଜର ମତ ବଦଳାଇବାକୁ ଯାଉଛି । ଆମେରିକାର ଘୋଷଣା ଉପରେ ପ୍ରତିକ୍ରିୟା ଦେଇ କଂଗ୍ରେସ ସାଂସଦ ଶଶି ଥରୁର ସୋସିଆଲ ମିଡିଆ ଏକ୍ସରେ ଲେଖିଛନ୍ତି, କ୍ୱାଡ୍ କଫିନରେ ଆଉ ଏକ କଣ୍ଟାୟ ସେ ତାଙ୍କ ପୋଷ୍ଟ ସହିତ ଆମେରିକା ଯୁଦ୍ଧ ବିଭାଗର ନିର୍ଦ୍ଦେଶର ଏକ ସ୍କ୍ରିନସଟ୍ ସେୟାର କରିଛନ୍ତି ।୨୦୧୮ ମସିହାରେ ଏହାର ନାମ ପରିବର୍ତ୍ତନ କରାଯାଇଥିଲା । ତତ୍କାଳୀନ ପ୍ରତିରକ୍ଷା ସଚିବ ଜେମ୍ସ ମାଟିସ୍ କହିଥିଲେ ଯେ ଭାରତ ମହାସାଗର ଏବଂ ପ୍ରଶାନ୍ତ ମହାସାଗର ମଧ୍ୟରେ ବଢୁଥିବା ଆନ୍ତଃସଂଯୁକ୍ତତା ଯୋଗୁଁ






ନାମ ପରିବର୍ତ୍ତନ ହୋଇଥିଲା । ସେତେବେଳେ, ଏହି ପରିବର୍ତ୍ତନକୁ ଆମେରିକା ଦ୍ୱାରା ସ୍ୱୀକାର କରାଯିବା ଭାବରେ ବ୍ୟାଖ୍ୟା କରାଯାଇଥିଲା ଯେ ଭାରତ ମହାସାଗର ଏବଂ ଦକ୍ଷିଣ ଏସିଆରେ କାର୍ଯ୍ୟକଳାପ ବର୍ତ୍ତମାନ ପ୍ରଶାନ୍ତ ମହାସାଗର ସୁରକ୍ଷା ସହିତ ଗଭୀର ଭାବରେ ଜଡିତ । ସମୟ ସହିତ, ଏହି କମାଣ୍ଡ ଭାରତ ଏବଂ ଯୁକ୍ତରାଷ୍ଟ୍ର ମଧ୍ୟରେ ପ୍ରତିରକ୍ଷା ସହଯୋଗ ବୃଦ୍ଧି ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ପାଲଟିଛି । ଭାରତ-ପ୍ରଶାନ୍ତ ମହାସାଗରୀୟ ଡାଞ୍ଚା ମଧ୍ୟରେ, ଏହି କମାଣ୍ଡ ଭାରତ ଏବଂ ଯୁକ୍ତରାଷ୍ଟ୍ର ମଧ୍ୟରେ ସାମରିକ ସହଯୋଗକୁ ପ୍ରୋତ୍ସାହିତ କରିଛି । ଏଥିରେ ମିଳିତ ସାମରିକ ଅଭ୍ୟାସ, ସାମୁଦ୍ରିକ ସମନ୍ୱୟ, ଗୁପ୍ତ ସୂଚନା ଆଦାନପ୍ରଦାନ ଏବଂ ବ୍ୟାପକ ରଣନୈତିକ

# ସେନ୍ସେକ୍ସ ୩୪୭ ପଏଣ୍ଟ ବଢ଼ିଲା

**ନୂଆଦିଲ୍ଲୀ,୧୭।୬(ଏଜେନ୍ସି):** ଭାରତୀୟ ଷ୍ଟକ୍ ବଜାରରେ ବୁଧବାର ମଧ୍ୟ ଉତ୍ସାହଜନକ କାରବାର ହୋଇଥିଲା । ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ସେନ୍ସେକ୍ସ ୩୪୭ ପଏଣ୍ଟ ବୃଦ୍ଧି ପାଇ ୭୭,୧୫୬ ପଏଣ୍ଟରେ ବନ୍ଦ ହୋଇଥିଲା । ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜର ନିଫ୍ଟି ୯୭ ପଏଣ୍ଟ ବଢ଼ି ୨୪,୦୮୬ ପଏଣ୍ଟରେ ବନ୍ଦ ହୋଇଥିଲା । ଆଜି ସୂଚନା ପ୍ରଯୁକ୍ତି, ଧାତବ, ସରକାରୀ ବ୍ୟାଙ୍କ ଓ କଞ୍ଜ୍ୟୁମର ଡ୍ୟୁରେବଲ କମ୍ପାନିଗୁଡ଼ିକର ସେୟାରକୁ ନିବେଶକମାନେ ଅଧିକ ସଂଖ୍ୟାରେ କିଣିଥିଲେ । ଟ୍ରେଣ୍ଟ, ବିଇଏଲ୍ ଓ ହିଣ୍ଡାଲ୍କୋର ସେୟାର ମୂଲ୍ୟ ବିଥିଲା ଓ ଟାଟା ମୋଟର୍ସ ପାସେଞ୍ଜର ଭେଇକିଲ, ସିପ୍ଲା ଓ ବଜାଜ ଫିନ୍ସର୍ଭର ସେୟାର ମୂଲ୍ୟରେ ହ୍ରାସ ଘଟିଥିଲା ।




ଇରାନ ଯୁଦ୍ଧ ବନ୍ଦ ହେବା, ହର୍ମୁଜ ପ୍ରଣାଳୀ ପୁନର୍ବାର ଖୋଲିବା ଆଶା ଓ ଅଶୋଧିତ ତୈଳ ଦର ବ୍ୟାରେଲ ପ୍ରତି ୭୯ ଡଲାରକୁ ହ୍ରାସ ପାଇବାରୁ ନିବେଶକମାନେ ବେଶ ଖୁସି ଅଛନ୍ତି । ତେଲ ଦରରେ ହ୍ରାସକୁ ଭାରତୀୟ ଅର୍ଥନୀତି ପାଇଁ ଏକ ଶୁଭ ସଙ୍କେତ ଭାବେ ବିଚାର କରାଯାଉଛି। ସେଥିପାଇଁ ନିବେଶକମାନେ ଆଜି ବିଭିନ୍ନ ସେୟାରରେ ନିବେଶ କରିଥିଲେ । ସେଥିପାଇଁ ଆଜି ସେନ୍ସେକ୍ସର ଅଂଶ ଥିବା ଟ୍ରେଣ୍ଟ, ବିଇଏଲ, ଇଟରନାଲ୍, ଟାଟା ଷ୍ଟିଲ୍, ଇନ୍ଫୋସିସ୍, ଭାରତୀ ଏୟାରଟେଲ୍, ଟିସିଏସ୍, ସନ୍ ଫାର୍ମା, ଷ୍ଟେଟ୍ ବ୍ୟାଙ୍କ ଓ ଟେକ୍ ମହିନ୍ଦ୍ରାର ସେୟାର ମୂଲ୍ୟ ବଢ଼ିଥିଲା । କିନ୍ତୁ କେତେକ କମ୍ପାନିର ସେୟାରକୁ ନିବେଶକମାନେ ମଧ୍ୟ ବିକ୍ରି କରିଥିଲେ । ସେଥିପାଇଁ ବଜାଜ ଫିନ୍ସର୍ଭ, ଆକ୍ସିସ୍ ବ୍ୟାଙ୍କ, କୋଟକ୍ ମହିନ୍ଦ୍ରା ବ୍ୟାଙ୍କ, ମହିନ୍ଦ୍ରା ଆଣ୍ଡ୍ ମହିନ୍ଦ୍ରା, ମାରୁତି ଓ ଏସିଆନ ପେଣ୍ଟସ୍ର ସେୟାର ମୂଲ୍ୟ ଖସିଥିଲା ।

# ସାଇବର ଅପରାଧୀଙ୍କ ଉପରେ ବର୍ଷିଲେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୧୭।୬(ଏଜେନ୍ସି):** ଦେଶରେ କାୟା ମେଲାଉଥିବା ସାଇବର ଅପରାଧକୁ ନେଇ ସର୍ବୋଚ୍ଚ ଅଦାଲତ ଶକ୍ତ ଆଭିମୁଖ୍ୟ ଗ୍ରହଣ କରିଛନ୍ତି । ବୁଧବାର ସୁପ୍ରିମକୋର୍ଟ ସାଇବର ପ୍ରତାରଣା ମାମଲାର ଜଣେ ଅଭିଯୁକ୍ତର ଜାମିନ ଆବେଦନକୁ ସିଧାସଳଖ ଖାରଜ କରିଦେଇଛନ୍ତି । କେବଳ ସେତିକି ନୁହେଁ, ଆବେଦନର ଶୁଣାଣି ବେଳେ ଭାରତର ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତଙ୍କ ନେତୃତ୍ୱାଧୀନ ବେଞ୍ଚ ଏଭଳି ଅପରାଧୀଙ୍କ ସମ୍ପର୍କରେ ଅତ୍ୟନ୍ତ ଗମ୍ଭୀର ଓ କଠୋର ଟିପ୍ପଣୀ କରିଛନ୍ତି । ସମାଜର ହିତ ପାଇଁ ଏଭଳି ଲୋକ ଜେଲ୍ ଭିତରେ ରହିବା ଆବଶ୍ୟକ ବୋଲି କୋର୍ଟ କହିଛନ୍ତି । ସାଇବର ଅପରାଧ ମାମଲାରେ ଜାମିନ ଆବେଦନ ଖାରଜ କରି ସିଜେଆଇ ସୂର୍ଯ୍ୟକାନ୍ତଙ୍କ ବେଞ୍ଚ କହିଛନ୍ତି ଯେ, ଏଭଳି ଅପରାଧୀମାନେ ସାରା ଦେଶର ନିରୀହ ଲୋକଙ୍କୁ ନିଜର ଶିକାର ବନାଉଛନ୍ତି । ଏହାଦ୍ୱାରା ସାଧାରଣ ଜନତା ମାନସିକ ଓ ବଡ଼ ଧରଣର ଆର୍ଥିକ କ୍ଷତି ସହୁଛନ୍ତି । ଅନଲାଇନ୍ ଠକେଇ କରୁଥିବା ସାଇବର ଅପରାଧୀଙ୍କୁ କଡ଼ା ଭାଷାରେ ଭର୍ତ୍ସନା କରି ପ୍ରଧାନ ବିଚାରପତି ଏହି ଟିପ୍ପଣୀ ଦେଇଛନ୍ତି । ଶୁଣାଣି ସମୟରେ ସୁପ୍ରିମକୋର୍ଟ ଦେଶର ସାଇବର ସୁରକ୍ଷା ଓ ଅପରାଧର ଚେରକୁ ନେଇ ଚିନ୍ତା ପ୍ରକାଶ କରିଛନ୍ତି । ସାଇବର ଅପରାଧୀମାନେ ପ୍ରାୟତଃ ଏକାସଙ୍ଗେ ଏକାଧିକ ରାଜ୍ୟରେ



ନିଜର ବେଆଇନ କାର୍ଯ୍ୟକଳାପ ଚଳାଉଛନ୍ତି । ବିଭିନ୍ନ ରାଜ୍ୟରେ ନେଟୱର୍କ ରହୁଥିବାରୁ ଏହି ଅପରାଧର ଚିହ୍ନଟ କରିବା ଏବଂ ଏହାର ସଠିକ୍ ତଦନ୍ତ କରିବା ପୁଲିସ ପାଇଁ ଅତ୍ୟନ୍ତ କଷ୍ଟକର ହୋଇପଡୁଛି । ଏଭଳି ସ୍ଥିତିରେ ଦେଶ ଏବଂ ସମାଜକୁ ସୁରକ୍ଷିତ ରଖିବା ପାଇଁ ଏହି ମାମଲାଗୁଡ଼ିକ ପ୍ରତି ଅତ୍ୟନ୍ତ କଠୋର ଆଭିମୁଖ୍ୟ ଗ୍ରହଣ କରିବାର ସମୟ ଆସିଛି ବୋଲି ଅଦାଲତ ସଂକେତ ଦେଇଛନ୍ତି । ସୂଚନାଯୋଗ୍ୟ ଯେ, ଗତ ଏକ ମାସ ମଧ୍ୟରେ ଏହା ଦ୍ୱିତୀୟ ଘଟଣା, ଯେଉଁଠାରେ ସିଜେଆଇ ସୂର୍ଯ୍ୟକାନ୍ତ କୌଣସି ମାମଲାରେ ନିଷ୍ପତ୍ତି ଶୁଣାଇବା ପୂର୍ବରୁ ଏଭଳି କଡ଼ା ଆଭିମୁଖ୍ୟ ପ୍ରଦର୍ଶନ କରିଛନ୍ତି । ଗତ ମେ' ମାସରେ ମଧ୍ୟ ଏକ ମାମଲାର ଶୁଣାଣି ବେଳେ ପ୍ରଧାନ ବିଚାରପତିଙ୍କ ସମାନ ଆଭିମୁଖ୍ୟ ଦେଖିବାକୁ ମିଳିଥିଲା । ଜଣେ ଓକିଲ ନିଜକୁ 'ସିନିୟର ଆଡଭୋକେଟ୍' ମାନ୍ୟତା ଦେବା ପାଇଁ ଆବେଦନ କରି ସୁପ୍ରିମକୋର୍ଟରେ ପହଞ୍ଚିଥିଲେ । ସେତେବେଳେ ଦେଶର ଗୁରୁତ୍ୱପୂର୍ଣ୍ଣ ସଂସ୍ଥାଗୁଡ଼ିକୁ ବିନା କୌଣସି ଦାୟିତ୍ୱବୋଧରେ ଟାର୍ଗେଟ୍ କରୁଥିବା ଲୋକଙ୍କ ଉପରେ ସିଜେଆଇ ବର୍ଷିଥିଲେ । ସିଜେଆଇ ସୂର୍ଯ୍ୟକାନ୍ତ କହିଥିଲେ ସମାଜରେ ପୂର୍ବରୁ ହିଁ କିଛି ଏଭଳି ପରଜୀବୀ ଅଛନ୍ତି, ଯେଉଁମାନେ ବ୍ୟବସ୍ଥା ଉପରେ ଆକ୍ରମଣ କରନ୍ତି ଏବଂ ଆପଣ ସେମାନଙ୍କ ସହ ସାମିଲ ହେବାକୁ ଚାହୁଁଛନ୍ତି । ସେ ଆହୁରି ମଧ୍ୟ କହିଥିଲେ, କିଛି ଏଭଳି ଯୁବକ ଅଛନ୍ତି, ଯେଉଁମାନେ 'ଅସରପା' ଭଳି; ଯେଉଁମାନଙ୍କୁ କୌଣସି ରୋଜଗାର ମିଳେନାହିଁ କିମ୍ବା ନିଜ ପେସାରେ ସେମାନଙ୍କର କୌଣସି ସ୍ଥାନ ନଥାଏ । ସେମାନଙ୍କ ମଧ୍ୟରୁ କିଛି ମିଡିଆ ବନିଯାନ୍ତି, କିଛି ସୋସିଆଲ ମିଡିଆ, ଆରଟିଆଇ ଆକ୍ଟିଭିଷ୍ଟ କିମ୍ବା ଅନ୍ୟ ଆକ୍ଟିଭିଷ୍ଟ ସାଜି ସମସ୍ତଙ୍କ ଉପରେ ଆକ୍ରମଣ କରିବା ଆରମ୍ଭ କରିଦିଅନ୍ତି ।

## ରାୟପୁରରେ ଏୟାର ଇଣ୍ଡିଆ ବିମାନ ସହ ପକ୍ଷୀ ଧକ୍କା: ବଡ଼ ବିପଦରୁ ବର୍ତ୍ତିଲେ ଯାତ୍ରୀ

**ନୂଆଦିଲ୍ଲୀ,୧୭।୬(ଏଜେନ୍ସି):** ଦିଲ୍ଲୀରୁ ଯାତ୍ରୀମାନଙ୍କୁ ନେଇ ଆସୁଥିବା ଏୟାର ଇଣ୍ଡିଆର ଏକ ବିମାନ ବୁଧବାର ସକାଳେ ଛତିଶଗଡ଼ର ରାୟପୁର ବିମାନବନ୍ଦରରେ ଅବତରଣ କରୁଥିବା ସମୟରେ ଏକ ପକ୍ଷୀ ସହ ଧକ୍କା ହୋଇଥିଲା, କିନ୍ତୁ ଭାଗ୍ୟବସତଃ ବିମାନଟି ପ୍ରୋଟୋକଲ୍ ଅନୁଯାୟୀ ସୁରକ୍ଷିତ ଅବତରଣ କରିଛି ଏବଂ ବିମାନର ସମସ୍ତ ଯାତ୍ରୀ ଓ କ୍ରୁ ସଦସ୍ୟ ସମ୍ପୂର୍ଣ୍ଣ ସୁରକ୍ଷିତ ଅଛନ୍ତି । ରାୟପୁର ବିମାନବନ୍ଦର କର୍ତ୍ତୃପକ୍ଷଙ୍କ ସୂଚନା ଅନୁଯାୟୀ, ଦୁର୍ଘଟଣା ପରେ ଏୟାରଲାଇନ୍ସ ପକ୍ଷରୁ ନିର୍ଦ୍ଧାରିତ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସେସିଡ୍ୟୁର (ଏସଓପି) ଆଧାରରେ ବିମାନର ସମସ୍ତ ବୈଷୟିକଯାଞ୍ଚକରାଯାଇଥିଲା । ବିମାନର କୌଣସି ବଡ଼ ଧରଣର କ୍ଷତି ହୋଇନଥିବା ସ୍ପଷ୍ଟ ହେବା ଏବଂ ଏୟାରୱର୍ଦ୍ଦିନେସ୍ ପ୍ରମାଣପତ୍ର ମିଳିବା ପରେ ବିମାନଟିକୁ ପରବର୍ତ୍ତୀ ଉଡ଼ାଣ ପାଇଁ ଅନୁମତିଦିଆଯାଇଥିଲା ଓ ଏହା ନିଜ ଗନ୍ତବ୍ୟ ସ୍ଥଳ ଅଭିମୁଖେ ଯାତ୍ରା କରିଛି ।

# କମିଲା ସୁନା ଦର

**ନୂଆଦିଲ୍ଲୀ,୧୭।୬(ଏଜେନ୍ସି):** ବର୍ତ୍ତମାନ ସୁନା ଦର ହେଉ କି ରୂପା ସବୁଥିରେ ଏବେ ଦର ବଢିବା କମିବା ସାଧାରଣ ଗ୍ରାହକଙ୍କ ପାଇଁ କାଳ ସାଜୁଛି, କାରଣ ଏବେ ସାଧାରଣ ମଧ୍ୟବିତ୍ତ ପରିବାରରେ ସୁନା କିଣିବା ଏବେ ସାତ ସପନ । କିନ୍ତୁ ବର୍ତ୍ତମାନ ଏବେ ସାମାନ୍ୟ ଆଶ୍ୱସ୍ତ ଆଣିଛି । ସୁନା ଦରରେ ସ୍ଥିରତା ଆସିଛି । ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର । ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର । ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୫୧,୧୦୦ ଟଙ୍କା ରହିଛି । ସେହିପରି ୨୨ କ୍ୟାରେଟ ସୁନା ଦର ୧,୩୮,୫୦୦ ଟଙ୍କା ଛୁଇଁଛି । ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୫୧,୧୦୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ହଜାର ୧,୩୮,୫୦୦ ଟଙ୍କାକୁ ପହଞ୍ଚିଛି । ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୫୧,୧୦୦ ଟଙ୍କା ଓ ୨୨ କ୍ୟାରଟେ ମୂଲ୍ୟ ୧,୩୮,୫୦୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ ୧,୫୧,୨୫୦ ଟଙ୍କା ଓ ୨୨ କ୍ୟାରଟେ ୧,୩୮,୬୫୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରଟେ ମୂଲ୍ୟ ୧,୫୩,୦୬୦ ଟଙ୍କା ଥିବାବେଳେ ୨୨ କ୍ୟାରେଟ ମୂଲ୍ୟ ୧,୪୦,୩୦୦ ଟଙ୍କା ରହିଛି । ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୫୧,୧୦୦ ଓ ୨୨ କ୍ୟାରେଟ ମୂଲ୍ୟ ୧,୩୮,୫୦୦ ଟଙ୍କା ରହିଛି । ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୬୫,୦୦୦ ଟଙ୍କା ହୋଇଛି । ଅନ୍ୟପକ୍ଷରେ ରୁପାକୁ କେବଳ ଗହଣା ଭାବେ ବ୍ୟବହାର କରାଯାଉନାହିଁ । ସୋଲାର, ଇଲେକ୍ଟ୍ରୋନିକ୍ସ ଓ ଇଭି ଶିଳ୍ପରେ ଏହାର ବ୍ୟବହାର ବଢୁଛି।ଏଥିସହିତ ଅନ୍ୟ କେତେକ କାରଣରୁ ବଜାରରେ ରୁପା ଦର ବଢୁଛି ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି ।

## ପାକିସ୍ତାନୀ ଲିଙ୍କ୍‌ରେ ଦିଲ୍ଲୀରୁ ଗିରଫ ହେଲେ ୫ ଆତଙ୍କୀ

**ନୂଆଦିଲ୍ଲୀ,୧୭।୬(ଏଜେନ୍ସି):** ନୂଆଦିଲ୍ଲୀର ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଓ ପଡ଼ୋଶୀ ରାଜ୍ୟର ଥାନା ଏବଂ ପୋଲିସଙ୍କୁ ଉପରେ ଆକ୍ରମଣ କରିବା ପାଇଁ କରିଥିଲେ ପୂରା ପ୍ଲାନ୍ । କେଉଁ ଥାନାକୁ କେତେବେଳେ ଆକ୍ରମଣ କରିବେ, ସେଥିପାଇଁ ପୂରା ପ୍ରସ୍ତୁତି ସାରିଥିଲେ । ଖାଲି ପାକିସ୍ତାନର ଗୁପ୍ତଚର ସଂସ୍ଥା(ଆଇଏସ୍ଆଇ)ର ନିର୍ଦ୍ଦେଶକୁ ଅପେକ୍ଷା କରିଥିଲେ । ହେଲେ ଦୁର୍ଭାଗ୍ୟକୁ ଦିଲ୍ଲୀ ସ୍ପେଶାଲ୍ ସେଲ ହାତରେ ଧରାପଡ଼ିଗଲେ ୫ ଆତଙ୍କୀ। ପୋଲିସ୍ ୫ ଅଭିଯୁକ୍ତଙ୍କୁ ଗିରଫ କରିଥିବା ବେଳେ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଜବତ କରିଛି। ଏହି ମାମଲାରେ ପୂର୍ବରୁ ୩ ଜଣ ଗିରଫ ହୋଇଥିଲେ। ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି ଗିରଫ ହୋଇଥିବା ୫ ଅଭିଯୁକ୍ତମାନେ ସୋହେଲ, ସୋନୁ ମୀଣା, ସଚିନ କୁମାର ମୀଣା, ମହମ୍ମଦ କୈଫ ଓ ମହମ୍ମଦ ରିହାନ ପାକିସ୍ତାନରେ ବସିଥିବା ଆଇଏସ୍ଆଇ ହ୍ୟାଣ୍ଡଲର ଶାହଜାଦ ଭଟ୍ଟିଙ୍କ ନିର୍ଦ୍ଦେଶରେ କାମ କରୁଥିଲେ । ସେମାନଙ୍କର ଉଦ୍ଦେଶ୍ୟ ଥିଲା ଦିଲ୍ଲୀ ଓ ଆଖପାଖ ରାଜ୍ୟ ଗୁଡ଼ିକରେ ପୋଲିସ କର୍ମଚାରୀଙ୍କୁ ଟାର୍ଗେଟ କରିବା । ପାକିସ୍ତାନ ସମର୍ଥିତ ତତ୍ତ୍ୱମାନଙ୍କର ପ୍ରଚାର କରିବା । ଯୁବକମାନଙ୍କୁ ଆତଙ୍କୀ କାର୍ଯ୍ୟ କଳାପରେ ସାମିଲ କରାଇବା । ଅଭିଯୁକ୍ତମାନେ ଦିଲ୍ଲୀ-ଏନସିଆରର ଅନେକ ଅଞ୍ଚଳରେ କଥିତ ଆତଙ୍କୀ ସଂଗଠନ 'ତହରିକ-ଏ-ତାଲିବାନ ହିନ୍ଦୁସ୍ତାନ'(ଟିଟିଏଚ୍) ନାମରେ କାନ୍ଥରେ ପେଣ୍ଟିଂ କରିଥିଲେ । ପରେ ତା'ର ଭିଡିଓ ପାକିସ୍ତାନ ପଠାଉଥିଲେ । ଏହା ବଦଳରେ ସେମାନଙ୍କୁ ଟଙ୍କା ମିଳୁଥିଲାପୋଲିସର ତଥ୍ୟ ଅନୁସାରେ ନିକଟରେ ପଞ୍ଜାବର ଅମୃତସର ଜିଲ୍ଲାର ମଜିଠାରେ ଜଣେ ପୋଲିସ୍ ଏଏସ୍ଆଇଙ୍କ ହତ୍ୟାର ଦାୟିତ୍ୱ ଏହି ସଂଗଠନ ନେଇଥିଲା । ଗ୍ରେନେଡ ଫିଙ୍ଗି ଆକ୍ରମଣ କରିବାର ନିର୍ଦ୍ଦେଶ ଥିଲା । ଗିରଫ ଅଭିଯୁକ୍ତ ସୋହେଲ ଦିଲ୍ଲୀ ଓ ଫରିଦାବାଦରେ ଟିଟିଏଚ୍ ନାମରେ କାନ୍ଥରେ ଲେଖୁଥିଲାୟ ତା'ର ଭିଡିଓ ନିଜ ପାକିସ୍ତାନୀ ହ୍ୟାଣ୍ଡଲରକୁ ପଠାଉ ଥିଲା । ଏହା ବଦଳରେ ତାକୁ ୫ ହଜାର ଟଙ୍କା ମିଳୁଥିଲା । ସେହିପରି ସୋନୁ ମୀଣା ଓ ସଚିନ ମୀଣା ଅସ୍ତ୍ରଶସ୍ତ୍ରର ବ୍ୟବସ୍ଥା କରିବା ଓ ମଡ୍ୟୁଲର ଅନ୍ୟ ସଦସ୍ୟମାନଙ୍କୁ ଆର୍ଥିକ ସହାୟତା ପହଞ୍ଚାଇବା କାମ କରୁଥିଲେ । ସେମାନଙ୍କ ପାଖରୁ ଅନେକ ପିସ୍ତଲ ଓ କାର୍ତ୍ତୁସ ଜବତ କରାଯାଇଛି ।

## ଆମେରିକାରେ ଭାରତୀୟ ଆଇଟି କର୍ମଚାରୀଙ୍କୁ ଶୋଷଣ

**ନୂଆଦିଲ୍ଲୀ,୧୭।୬(ଏଜେନ୍ସି):** ଆମେରିକାରେ ଚାକିରି ଓ ଏଚ୍-୧ବି ଭିସା ବୈଧତା ବଜାୟ ରଖିବା ପାଇଁ ନିଜ ନିଯୁକ୍ତିଦାତାଙ୍କ ଦ୍ୱାରା ୧ ଲକ୍ଷ ଡଲାରର ମୋଟା ଅଙ୍କର ଦେୟ ଦେବାକୁ ଜବରଦସ୍ତ ବାଧ୍ୟ କରାଯାଉଥିବା ନେଇ ଋଷିକେଶ ରାଜ ନାମକ ଜଣେ ଭାରତୀୟ କର୍ମଚାରୀ ଭାରତୀୟ-ଆମେରିକୀୟ ବ୍ୟବସାୟୀ ସାଇ ଜିତେନ୍ଦ୍ର କାଲାଗ୍ରା ଓ ତାଙ୍କ ଟେକ୍ସାସସ୍ଥିତ କମ୍ପାନୀ ଅଧିକାରୀଙ୍କ ବିରୋଧରେ ଆମେରିକାର ଫେଡେରାଲ୍ କୋର୍ଟରେ ଏକ ମାମଲା ଦାୟର କରିଛନ୍ତି ।'ବାନିଆସ୍ ଲ' ଇମିଗ୍ରେସନ୍ ଫାର୍ମ ଜରିଆରେ ଦାୟର ହୋଇଥିବା ଏହି ମାମଲାରେ ଅଭିଯୋଗ ହୋଇଛି ଯେ, ୨୦୨୩ରେ ଆମେରିକାରେ ମାଷ୍ଟର ଡିଗ୍ରୀ ସରିବା ପରେ ଏହି କମ୍ପାନୀ ତାଙ୍କୁ ଏଚ୍-୧ବି ଭିସା ସ୍ପନସରଶିପ୍ ଦେଇଥିଲା, ମାତ୍ର ଯୋଗଦେବା ପରେ କୌଣସି ପ୍ରକଳ୍ପ ନଦେଇ ଭିସା ଓ ଗ୍ରୀନ୍ କାର୍ଡ ପ୍ରକ୍ରିୟାର ସୁଯୋଗ ନେଇ କମ୍ପାନୀ ତାଙ୍କ ଉପରେ ପ୍ରବଳ ଆର୍ଥିକ ଚାପ ପକାଇବା ଆରମ୍ଭ କରିଥିଲା । ଟଙ୍କା ଦେବାକୁ ମନା କରିବାରୁ କମ୍ପାନୀ ତାଙ୍କର ପେସ୍ଲିପ୍ ଓ ପେରୋଲ୍ ରେକର୍ଡ ଅଟକାଇ ରଖିବା ସହ ଆମେରିକୀୟ ଇମିଗ୍ରେସନ୍ ଏଜେନ୍ସି 'ଆଇସିଇ' କୁ ରିପୋର୍ଟ କରି ଦେଶରୁ ବାହାର କରିଦେବାକୁ ଧମକ ଦେଇଥିଲା, ଯାହା ଭୟରେ ପୀଡ଼ିତ ଶେଷରେ ୮,୮୦୦ଡଲାର ନଗଦ ଟଙ୍କା ଦେବାକୁ ବାଧ୍ୟ ହୋଇଥିଲେ । ଏହି ମାମଲାରେ ଲ' ଫାର୍ମ ପକ୍ଷରୁ କମ୍ପାନୀ ଉପରେ ଶ୍ରମିକ ଚାଲାଣ, ବଳପୂର୍ବକ ଶ୍ରମ ଓ ଦଲିଲଭୁକ୍ତ ବଳପ୍ରୟୋଗର ଗମ୍ଭୀର ଅଭିଯୋଗ ଅଣାଯିବା ସହ ମିସାଲାଙ୍କ ବାକି ମଜୁରୀ ଓ ବାଧ୍ୟତାମୂଳକ ଦେୟ ବାବଦକୁ ଅତିକମରେ ୯୭,୨୪୮.୯୪ ଡଲାରର କ୍ଷତିପୂରଣ ଦାବି କରାଯାଇଛି । ତେବେ ଏହି ଅଭିଯୋଗଗୁଡ଼ିକ ଏପର୍ଯ୍ୟନ୍ତ କୋର୍ଟରେ ପ୍ରମାଣିତ ହୋଇନାହିଁ ଏବଂ ସାଇ ଜିତେନ୍ଦ୍ର କିମ୍ବା ତାଙ୍କ କମ୍ପାନୀ ଏନେଇ କୌଣସି ଆଧିକାରିକ ମନ୍ତବ୍ୟ ଦେଇନାହାନ୍ତି । ଏହି ଘଟଣା ଏପରି ଏକ ସମୟରେ ସାମ୍ନାକୁ ଆସିଛି ଯେତେବେଳେ ଆମେରିକାରେ ଏଚ୍-୧ବି ଭିସା ଶୋଷଣକୁ ନେଇ ବିତର୍କ ତୀବ୍ର ହେବାରେ ଲାଗିଛି, କାରଣ ୨୦୨୪ ତଥ୍ୟ ଅନୁଯାୟୀ ସମଗ୍ର ଆମେରିକାରେ ଜାରି ହୋଇଥିବା ଏଚ୍-୧ବି ଆବେଦନର ୭୧ ପ୍ରତିଶତ କେବଳ ଭାରତୀୟ ନାଗରିକ ଅଟନ୍ତ।

## ତୁର୍କୀକୁ ମହଙ୍ଗା ପଡ଼ିଲା ପାକିସ୍ତାନ ସହ ବନ୍ଧୁତା
# ଭାରତର ଗୋଟିଏ ନିଷ୍ପତ୍ତିରେ ବୁଡ଼ିଲା ୪,୩୦୦ କୋଟି

**ନୂଆଦିଲ୍ଲୀ,୧୭।୬(ଏଜେନ୍ସି):** ପାକିସ୍ତାନ ବିରୁଦ୍ଧରେ 'ଅପରେସନ୍ ସିନ୍ଦୂର' ସମୟରେ ପାକିସ୍ତାନକୁ ସମର୍ଥନ କରିବା ତୁର୍କୀକୁ ବେଶ ମହଙ୍ଗା ପଡ଼ିଛି । ପାକିସ୍ତାନ ସପକ୍ଷରେ ଛିଡ଼ା ହେବା କାରଣରୁ ତୁର୍କୀର ପ୍ରମୁଖ ବିମାନ ସେବା କମ୍ପାନି 'ସେଲେବି ଆଭିଏସନ୍'କୁ ଭାରତରୁ ବେଦଖଲ ହେବାକୁ ପଡ଼ିଛି । ଭାରତ ସରକାରଙ୍କ ଏହି କଡ଼ା ନିଷ୍ପତ୍ତି ଯୋଗୁଁ କମ୍ପାନୀକୁ ପ୍ରାୟ ୫୦୦ ମିଲିୟନ ଡଲାର (ପ୍ରାୟ ୪,୩୦୦ କୋଟି ଟଙ୍କା)ର ବଡ଼ ଆର୍ଥିକ ଝଟ୍କା ଲାଗିଛି ଏବଂ ମାତ୍ର ଗୋଟିଏ ଦିନରେ କମ୍ପାନିର ବ୍ୟବସାୟିକ ମୂଲ୍ୟ ଶୂନ ହୋଇଯାଇଛି । କମ୍ପାନୀର ଚେୟାରପର୍ସନ କ୍ୟାନନ୍ ସେଲେବିଓଗ୍ଲୁ ଏକ ସାକ୍ଷାତକାରରେ ପ୍ରକାଶ କରିଛନ୍ତି ଯେ, ଏହା କେବଳ ଏକ ବ୍ୟବସାୟିକ କ୍ଷତି ନୁହେଁ, ବରଂ ଦୁଇ ଦଶନ୍ଧିର କଠିନ ପରିଶ୍ରମର ଅନ୍ତ ହୋଇଛି । ସେଲେବି ଆଭିଏସନ୍ ୨୦ଲଲ ମସିହାରୁ ଭାରତରେ ନିଜର ବ୍ୟବସାୟ ଆରମ୍ଭ କରି ଦେଶର ସବୁଠାରୁ ବଡ଼ ଗ୍ରାଉଣ୍ଡ ହ୍ୟାଣ୍ଡଲିଂ କମ୍ପାନି ଭାବେ ଉଭା ହୋଇଥିଲା ।ଏହି କମ୍ପାନି ଦିଲ୍ଲୀ, ମୁମ୍ବାଇ ଏବଂ ବେଙ୍ଗାଲୁରୁ ଭଳି ୯ଟି ପ୍ରମୁଖ ବିମାନବନ୍ଦରରେ କାର୍ଯ୍ୟ କରୁଥିଲା । ବାର୍ଷିକ ପ୍ରାୟ ୫୮ ହଜାର ବିମାନ ଏବଂ ୫.୪୦ ଲକ୍ଷ ଟନ୍ କାର୍ଗୋ ପରିଚାଳନା



କରିବା ସହ ଏୟାରପୋର୍ଟ ଗ୍ରାଉଣ୍ଡ ହ୍ୟାଣ୍ଡଲିଂ, କାର୍ଗୋ ସେବା, ସୁରକ୍ଷା ଯାଞ୍ଚ ଏବଂ ଯାତ୍ରୀଙ୍କ ଦସ୍ତାବିଜ୍ ଯାଞ୍ଚ ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରୁଥିଲା ।ଏହି ସମ୍ବେଦନଶୀଳ ଦାୟିତ୍ୱଗୁଡ଼ିକ ଜାତୀୟ ସୁରକ୍ଷା ସହ ଜଡ଼ିତ ଥିଲା ।'ଅପରେସନ୍ ସିନ୍ଦୂର' ସମୟରେ ତୁର୍କୀ ପାକିସ୍ତାନକୁ ଖୋଲାଖୋଲି ଭାବେ ଅସ୍ତ୍ରଶସ୍ତ୍ର, ଡ୍ରୋନ୍ ଏବଂ ସାମରିକ ସହାୟତା ଯୋଗାଇ ଦେଇଥିବା ଖବର ସାମ୍ନାକୁ ଆସିବା ପରେ ଭାରତରେ ତୁର୍କୀର କମ୍ପାନିଗୁଡ଼ିକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା । ଏହାକୁ ଦୃଷ୍ଟିରେ ରଖି ଭାରତ ସରକାର ମେ' ୨୦୨୫ ରେ ସେଲେବି କମ୍ପାନିର ସିକ୍ୟୁରିଟି କ୍ଲିୟରାନ୍ସ' (ସୁରକ୍ଷା ମଞ୍ଜୁରୀ)କୁ ତୁରନ୍ତ ରଦ୍ଦ କରିଦେଇଥିଲେ । ସୁରକ୍ଷା ମଞ୍ଜୁରୀ ରଦ୍ଦ ହେବା ମାତ୍ରେ ଭାରତ ସରକାର କମ୍ପାନୀର ସମସ୍ତ କାର୍ଯ୍ୟ ବନ୍ଦ କରିଦେଇଥିଲେ ଏବଂ ଏହାର ସମସ୍ତ ଯନ୍ତ୍ରପାତି ଜବତ କରାଯାଇଥିଲା । ଏହାସହ କମ୍ପାନିରେ କାର୍ଯ୍ୟରତ ପ୍ରାୟ ୧୦,୦୦୦ କର୍ମଚାରୀଙ୍କୁ ଅନ୍ୟ ଅପରେଟରଙ୍କ ପାଖକୁ ସ୍ଥାନାନ୍ତର କରାଯାଇଥିଲା । ଏହି କାର୍ଯ୍ୟାନୁଷ୍ଠାନ ସେଲେବି କମ୍ପାନିର ସମ୍ପୂର୍ଣ୍ଣ ବ୍ୟବସାୟିକ ଢାଞ୍ଚାକୁ ଧ୍ୱଂସ କରିଦେଇଥିଲା । କମ୍ପାନୀର ଚେୟାରପର୍ସନଙ୍କ ଅନୁଯାୟୀ, ଭାରତ ସେମାନଙ୍କ ପାଇଁ ଦ୍ୱିତୀୟ ଘର ସଦୃଶ ଥିଲା, କିନ୍ତୁ ପାକିସ୍ତାନର କାର୍ଯ୍ୟକଳାପ ଯୋଗୁଁ ସେମାନଙ୍କୁ ଏଭଳି ପରିଣାମ ଭୋଗିବାକୁ ପଡ଼ିଛି ।

# ୨୦୩୦ ସୁଦ୍ଧା ଏଆଇ ନେଇଯିବ ୨୨% ଚାକିରି

**ନୂଆଦିଲ୍ଲୀ,୧୭।୬(ଏଜେନ୍ସି):** ଏଆଇର ପ୍ରସାର ଫଳରେ ଦେଶରେ ଆଇଟି, ଆଇନ, ଅନୁବାଦ, ଡିଜାଇନ ଏବଂ ଲାଇବ୍ରେରୀ ବିଜ୍ଞାନ ଭଳି କ୍ଷେତ୍ରଗୁଡ଼ିକ ଲାଗି ରିସ୍କ ବିଗଲାଣି । ଏଆଇ ବା ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଟୁଲ୍ ଉକ୍ତ ପ୍ରୋଗ୍ରାମଗୁଡ଼ିକୁ ଶେଷ କରିଦେଲାଣି କିମ୍ବା ସଂକୁଚିତ କରିଛି, ଯେଉଁଥିପାଇଁ ଲକ୍ଷ ଲକ୍ଷ ଛାତ୍ରଛାତ୍ରୀ ପ୍ରତିବର୍ଷ ଡିଗ୍ରୀ ହାସଲ କରିଥାନ୍ତି । ଅନୁବାଦ କ୍ଷେତ୍ରରେ ୮୮% ରିସ୍କ ରହିଛି । ବିସିଏ ଏବଂ ଏମ୍ବିଏ କ୍ଷେତ୍ରରେ ୮୨%, ଗ୍ରାଫିକ୍ସ(ଡିପ୍ଲୋମା) କ୍ଷେତ୍ରରେ ୭୯%, ଏଲ୍ଏଲ୍ବି/ବିଏ-ଏଲ୍ଏଲ୍ବି କ୍ଷେତ୍ରରେ ୭୦%, ବି.କମ୍/ ଏମ୍.କମ୍ କ୍ଷେତ୍ରରେ ୬୧% ଏବଂ ଲାଇବ୍ରେରୀ ବିଜ୍ଞାନ କ୍ଷେତ୍ରରେ ୫୫% ରିସ୍କ ରହିଛି ।



ମାନବ ସମ୍ବଳ ସଂସ୍ଥା ଟିମ୍ଲିଜର୍ କହିବାନୁସାରେ, ୪୦% କମ୍ପାନି ହାଇବ୍ରିଡ୍ ଦକ୍ଷତା ବା ଡିଗ୍ରୀ ସହ ଏଆଇ ଟୁଲ୍ ଉପରେ ଜ୍ଞାନକୁ ଅନିବାର୍ଯ୍ୟ କରିଦେଲେଣି । ଆଇଟି ଶିଳ୍ପସଂଘ ନାସ୍କମ୍ ୨୦୨୪ ରିପୋର୍ଟ ଅନୁସାରେ, ଦେଶରେ ୮୨% ବିସିଏ ଏବଂ ଏମ୍ବିଏ ସ୍ନାତକଙ୍କ ପାଖରେ ଏଆଇ ଟୁଲର ଔପଚାରିକ ତାଲିମ ନାହିଁ । ବିଶ୍ୱ ଅର୍ଥନୈତିକ ଫୋରମର ରିପୋର୍ଟ ଅନୁସାରେ, ଚାକିରି ସେଇମାନଙ୍କ ପାଖରେ ରହିବ, ଯେଉଁମାନେ ଏଆଇ ଟୁଲର ବ୍ୟବହାର କରି ଉତ୍ପାଦକତା ୪୦% ପର୍ଯ୍ୟନ୍ତ ବାଢ଼ାଇପାରିବେ । ଆଇବିଏମ୍ ଇନ୍ଷ୍ଟିଚ୍ୟୁଟ୍ ଫର୍ ବିଜ୍ନେସ୍ ଭ୍ୟାଲ୍ୟୁର ରିପୋର୍ଟ ଅନୁସାରେ, ଏଆଇ ଲୋକଙ୍କ ସ୍ଥାନ ନେବ ନାହିଁ ବରଂ ଯେଉଁ ଲୋକେ ଏଆଇର ଉପଯୋଗ କରୁନାହାନ୍ତି ସେମାନଙ୍କ ସ୍ଥାନ ଏଆଇ ନେଇଯିବ । ଯେଉଁମାନେ ଏଆଇ ଟୁଲ୍ସଗୁଡ଼ିକୁ ନେଇ ବିଜ୍ଞ ସେମାନଙ୍କ ଚାକିରି ସୁରକ୍ଷିତ । 'ଫ୍ୟୁଚର ଅଫ୍ ଜବ୍ସ ରିପୋର୍ଟ-୨୦୨୫' ଅନୁସାରେ, ୨୦୩୦ ସୁଦ୍ଧା ଏଆଇ ଯୋଗୁ ୨୨% ନିଯୁକ୍ତି ପ୍ରଭାବିତ ହୋଇପାରେ । ଅନ୍ୟପକ୍ଷରେ, ଚୀନ୍ ୨୦୨୧ ଏବଂ ୨୦୨୫ ମଧ୍ୟରେ ନିଜର ବିଶ୍ୱବିଦ୍ୟାଳୟ ଗୁଡ଼ିକରେ ୧୨,୨୦୦ରୁ ଅଧିକ ଅଣ୍ଡରଗ୍ରାଜୁଏଟ୍ କୋର୍ସଗୁଡ଼ିକୁ ସମାପ୍ତ କରିଦେଇଛି । ଏହା ୧୦,୨୦୦ ନୂଆ ଏଆଇ କୋର୍ସ ଆରମ୍ଭ କରିଛି । ବିଶେଷଜ୍ଞଙ୍କ କହିବାନୁସାରେ, ପାରମ୍ପରିକ ଡିଗ୍ରୀ ସମ୍ପୂର୍ଣ୍ଣ ଭାବେ ବେକାର ହେବ ନାହିଁ କିନ୍ତୁ ଏଗୁଡ଼ିକର ମହତ୍ୱ କମୁଛି । ପାଠପା ଶୈଳୀ ଏବଂ କଣ୍ଟେଣ୍ଟ ନ ବଦଳିଲେ ଉକ୍ତ ଡିଗ୍ରୀର କୌଣସି ମୂଲ୍ୟ ରହିବ ନାହିଁ । ନିଜକୁ ଅପ୍ଗ୍ରେଡ୍ କରିବାକୁ ହେବ । ଯେଉଁ ଛାତ୍ରଛାତ୍ରୀମାନେ ଦ୍ୱିତୀୟ କିମ୍ବା ତୃତୀୟ ବର୍ଷରେ ଅଛନ୍ତି, ସେମାନେ ଲାଇଭ୍ ପ୍ରୋଜେକ୍ଟରେ କାମ ଆରମ୍ଭ କରିବା ଉଚିତ । ଏଆଇ ଟୁଲ୍ସର ପ୍ରଫେସନାଲ ଲାଇସେନ୍ସ ନିଅନ୍ତୁ ଏବଂ ଏହା ଉପରେ ୬ ମାସ ରାତି ଦିନ କାର୍ଯ୍ୟ କରି ସଫ୍ଟୱେର୍ କିମ୍ବା ୱେବ୍ସାଇଟ୍ ବନାନ୍ତୁ ବୋଲି ବିଶେଷଜ୍ଞ ମତ ଦେଇଛନ୍ତି ।



# ଆଇସିଆଇସିଆଇ ପ୍ରୁ ସିଗ୍ନେଚର ସିକ୍ୟୋର୍‌ର ଶୁଭାରମ୍ଭ




ଭୁବନେଶ୍ୱର, ୧୭।୬ (ନି.ପ୍ର): ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ ଇନ୍ସୁରାନ୍ସ ପକ୍ଷରୁ ଆଇସିଆଇସିଆଇ ପ୍ରୁ ସିଗ୍ନେଚର ସିକ୍ୟୋର୍ ଶୁଭାରମ୍ଭ କରାଯାଇଛି। ଏହା ହେଉଛି ଏକ ଇନ୍-ବିଲ୍ଟ ଗ୍ୟାରେଂଟିଡ ମାଚ୍ୟୁରିଟି ଲାଭ ସହ ଭାରତୀୟ ଜୀବନ ବୀମାର ପ୍ରଥମ ୟୁନିଟ ଲିଙ୍କ୍‌ଡ ଇନ୍ସୁରାନ୍ସ ପ୍ଲାନ (ୟୁଏଲଆଇପି)। ଆଇସିଆଇସିଆଇ ପ୍ରୁ ସିଗ୍ନେଚର ସିକ୍ୟୋର ହେଉଛି ଏକ ନନ୍ ପାର୍ଟିସିପେଟିଙ୍ଗ ଲିଙ୍କ୍‌ଡ ଇଣ୍ଡିଭିଜୁଆଲ ସେଭିଙ୍ଗ୍‌ସ ଲାଇଫ ଇନ୍ସୁରାନ୍ସ ପ୍ଲାନ ଏବଂ ଏହାକୁ ଟିକସ ଦକ୍ଷ ନିଶ୍ଚିତ ଲାଭର ଆଶ୍ୱାସନା ଚାହୁଁଥିବା ଗ୍ରାହକଙ୍କ ପାଇଁ ଡିଜାଇନ କରାଯାଇଛି। ଏହି ଉତ୍ପାଦ ମାଧ୍ୟମରେ ଥରେ ନିବେଶ କରି ଗ୍ରାହକମାନେ ବୀମା ଅବଧି ସମୟରେ ଲାଇଫ କଭର ମାଧ୍ୟମରେ ସୁରକ୍ଷିତ ରହିପାରିବେ ଏବଂ ୫ ବର୍ଷ ଶେଷରେ ଏକ ମାଚ୍ୟୁରିଟି ଲାଭ ପାଇପାରିବେ। ଏହି ଉତ୍ପାଦ ପଇଠ କରାଯାଇଥିବା ପ୍ରାରମ୍ଭିକ ପ୍ରିମିୟମର ୧୪୦% ପର୍ଯ୍ୟନ୍ତ ନିଶ୍ଚିତ ମାଚ୍ୟୁରିଟି ଲାଭ ପ୍ରଦାନ କରିଥାଏ। ମାଚ୍ୟୁରିଟି ହେବା ପରେ ଗ୍ରାହକମାନେ ଫଣ୍ଡ ମୂଲ୍ୟର ସର୍ବାଧିକ ରାଶି କିମ୍ବା ନିଶ୍ଚିତ ମାଚ୍ୟୁରିଟି ଲାଭ ପାଇଥାନ୍ତି। ଏହାବ୍ୟତୀତ ଏହି ଉତ୍ପାଦ ଶୂନ ପ୍ରିମିୟମ ଆଲୋକେଶନ ଚାର୍ଜ ଓ ପଲିସି ଆଡ୍‌ମିନିଷ୍ଟ୍ରେଶନ ଚାର୍ଜ ସହିତ ଆସୁଛି। ଏହି ଶୁଭାରମ୍ଭ ସମ୍ପର୍କରେ ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ ଇନ୍ସୁରାନ୍ସର ମୁଖ୍ୟ ଉତ୍ପାଦ ଅଧିକାରୀ ବିକାଶ ଗୁପ୍ତା କହିଛନ୍ତି, 'ଆଇସିଆଇସିଆଇ ପ୍ରୁ ସିଗ୍ନେଚର ସିକ୍ୟୋରକୁ ଏକ ୟୁଏଲଆଇପି, ଏକ ଇନ୍-ବିଲ୍ଟ ଗ୍ୟାରେଂଟିଡ ମାଚ୍ୟୁରିଟି ଲାଭ ଓ ଲାଇଫ କଭରର ଲାଭଗୁଡ଼ିକୁ ଗୋଟିଏ ଏକକ ପ୍ରସ୍ତାବ ମଧ୍ୟରେ ଏକତ୍ରିତ କରି ଏହି ଆବଶ୍ୟକତାକୁ ପୂରଣ କରିବା ପାଇଁ ଡିଜାଇନ କରାଯାଇଛି। ଏହି ଉତ୍ପାଦ ଗ୍ରାହକଙ୍କୁ ଏକ ୱାନ-ଟାଇମ ନିବେଶ କରିବା ପାଇଁ ସକ୍ଷମ କରୁଥିବା ବେଳେ ଅଧିକ ଆତ୍ମବିଶ୍ୱାସର ସହ ନିଜର ଦୀର୍ଘକାଳିନ ଆର୍ଥିକ ଲକ୍ଷ୍ୟ ଉପରେ ଧ୍ୟାନ ବଜାୟ ରଖିବାରେ ସାହାଯ୍ୟ କରିଥାଏ। ଏହି ପ୍ଲାନ ବୀମା ଅବଧି ସମୟରେ ଲାଇଫ କଭର ପ୍ରଦାନ କରିଥାଏ, ଯାହା ଗ୍ରାହକଙ୍କୁ ନିଜ ପ୍ରିୟଜନଙ୍କ ଆର୍ଥିକ ଭବିଷ୍ୟତକୁ ସୁରକ୍ଷିତ ରଖିବାରେ ସାହାଯ୍ୟ କରିଥାଏ।'

# ମାଲାବାର ଗୋଲ୍ଡ ଆଣ୍ଡ୍ ଡାଇମଣ୍ଡ୍‌ସ ପକ୍ଷରୁ 'ନୂଆ' ଉନ୍ମୋଚିତ

ଭୁବନେଶ୍ୱର,୧୭।୬ (ନି.ପ୍ର): ମାଲାବାର ଗୋଲ୍ଡ ଆଣ୍ଡ୍ ଡାଇମଣ୍ଡ୍‌ସ ପକ୍ଷରୁ ନୂଆ ଉନ୍ମୋଚନ କରାଯାଇଛି ଯାହା ହେଉଛି ପ୍ରକୃତିର ସୂକ୍ଷ୍ମ ରୂପରେଖ, ଭାବ ଓ ବିବରଣୀରୁ ଅନୁପ୍ରାଣିତ ଏକ ନାଚୁରାଲ ଡାଇମଣ୍ଡ୍ (ପ୍ରାକୃତିକ ହୀରା) ଅଳଙ୍କାର କଲେକ୍ସନ। ପ୍ରାକୃତିକ ଜଗତର ଦୃଷ୍ଟିକୋଣରୁ ଆଧୁନିକ ବିଳାସିତାର ଏକ ଉତ୍ସବ ଭାବେ ପରିକଳ୍ପିତ, ନୂଆ ପ୍ରକୃତିର ସେହି ସୂକ୍ଷ୍ମ ଓ ଜଟିଳ ବିବରଣୀଗୁଡ଼ିକରୁ ପ୍ରେରଣା ନେଇଛି, ଯାହା ଅନେକ ସମୟରେ ଆମ ଦୃଷ୍ଟିରୁ ଅଣଦେଖା ହୋଇ ରହିଯାଏ। ଷ୍ଟ୍ରାଇପର ରିଦିମ ଓ ମହୁଫେଣା ର ଆକର୍ଷଣୀୟ ଲୟରୁ ଆରମ୍ଭ କରି ପୃଥିବୀ ନିଜେ ଗଢ଼ିଥିବା ତରଳ ଆକୃତି ଏବଂ ସ୍ୱାଭାବିକ ନମୁନା ପର୍ଯ୍ୟନ୍ତ, ଏହି ସଂଗ୍ରହ ପ୍ରକୃତିର ଅଦ୍ଭୁତ ସୌନ୍ଦର୍ଯ୍ୟକୁ ଆଧୁନିକ ବିଳାସିତାର ଭାଷାରେ ଅଭିବ୍ୟକ୍ତ କରେ। ବିଶ୍ୱସ୍ତରୀୟ ସମୃଦ୍ଧତା ସହ ୧୮ କ୍ୟାରେଟ୍ ଓ ୧୪ କ୍ୟାରେଟ୍ ସୁନାରେ ପ୍ରସ୍ତୁତ ନୂଆ ସଂଗ୍ରହରେ ପ୍ରାକୃତିକ ହୀରାକୁ ରଙ୍ଗିନ ରତ୍ନପଥର, ସେରାମିକ୍ ରଙ୍ଗ ଏନାମେଲିଂ ଏବଂ ବିବିଧ ରୋଡିଅମ୍ ଫିନିଶ୍ ଦ୍ୱାରା ଆହୁରି ଆକର୍ଷଣୀୟ କରାଯାଇଛି।ଏହି ସଂଗ୍ରହ ଦୃଢ଼ ଗଠନ ଓ କୋମଳତା ମଧ୍ୟରେ ସୁନ୍ଦର ସନ୍ତୁଳନ ସୃଷ୍ଟି କରି, ଏପରି ଅଳଙ୍କାର ତିଆରି କରେ ଯାହା ପୁନଃମାର୍ଜିତ, ବହୁମୁଖୀ ଏବଂ ବିଭିନ୍ନ ଅବସର ପାଇଁ ଉପଯୁକ୍ତ ମନେହୁଏ। ପ୍ରତ୍ୟେକ ଡିଜାଇନ୍ ପ୍ରକୃତିର ନମୁନା ଓ ଆକୃତିର ଖେଳକୁ ସୂକ୍ଷ୍ମ କାରୁକାର୍ଯ୍ୟ, ପ୍ରବାହମୟ ରୂପ ଏବଂ ଏକ ସ୍ୱଚ୍ଛ ଆଧୁନିକ ସୌନ୍ଦର୍ଯ୍ୟବୋଧ ମାଧ୍ୟମରେ ଅନୁବାଦ କରିଛି। ମାଲାବାର ଗୋଲ୍ଡ ଆଣ୍ଡ୍ ଡାଇମଣ୍ଡ୍‌ସର ସଦ୍ୟତମ ଏଡିସନ୍ ନୂଆ ନାଚୁରାଲ ଡାଇମଣ୍ଡ୍‌ସ ଜରିଆରେ ଆଧୁନିକ ବିଳାସକୁ ପାଳନ କରୁଛି ଯାହା ପ୍ରକୃତିର ସୁନ୍ଦର ସୃଷ୍ଟି ଓ ବିଶ୍ୱସ୍ତରୀୟ ଡିଜାଇନ ପ୍ରଭାବରୁ ପ୍ରେରଣା ନେଇଛି। ଏହି ସଂଗ୍ରହର ଏକ ଅଂଶ ଭାବେ, ପ୍ରସିଦ୍ଧ



ଅଭିନେତ୍ରୀ କରୀନା କପୁର ଖାନ ନୂଆର ଚେହେରା ହୋଇଛନ୍ତି। ତାଙ୍କର ସ୍ୱାଭାବିକ ସୌନ୍ଦର୍ଯ୍ୟ, ଆତ୍ମବିଶ୍ୱାସ ଏବଂ ଚିରସ୍ଥାୟୀ ଆକର୍ଷଣ ପାଇଁ ପରିଚିତ କରୀନା, ବ୍ୟକ୍ତିତ୍ୱର ସ୍ୱତନ୍ତ୍ରତା, ଆଧୁନିକ ନାରୀତ୍ୱ ଏବଂ କାଳାତୀତ ପରିଷ୍କୃତତାର ଉତ୍ସବକୁ ପାଳନ କରୁଥିବା ଏହି ସଂଗ୍ରହର ମୂଲ୍ୟବୋଧକୁ ସଠିକ୍ ଭାବରେ ପ୍ରତିଫଳିତ କରନ୍ତି। ଏହି ସଂଗ୍ରହର ଉନ୍ମୋଚନ ଅବସରରେ ମତ ପ୍ରକାଶ କରି, ଏମ୍. ପି. ଆହମ୍ମଦ, ମାଲାବାର ଗ୍ରୁପ୍‌ର ଅଧ୍ୟକ୍ଷ, କହିଥିଲେ: 'ଏହି ସଂଗ୍ରହର କେନ୍ଦ୍ରରେ ରହିଛି ରୂପରେଖର ପ୍ରଶଂସା ଯାହା ଆମ ଚାରି ପାଖରେ ଦୁନିଆରେ ଥିବା ସୂକ୍ଷ୍ମ ରୂପରେଖ, ଗଠନଶୈଳୀ ଓ ବିବରଣୀରେ ରହିଛି। ନୂଆ ସହିତ, ଆମେ ସେହି ସୌନ୍ଦର୍ଯ୍ୟକୁ ଏକ ଆଧୁନିକ ହୀରା ଅଳଙ୍କାର ସଂଗ୍ରହରେ ପରିଣତ କରିବାକୁ ଚାହୁଁଥିଲୁ, ଯାହା ପରିଷ୍କୃତ, ବହୁମୁଖୀ ଏବଂ ଆଜିର ନାରୀଙ୍କ ପାଇଁ ପ୍ରସଙ୍ଗିକ ମନେହୁଏ। ପ୍ରତ୍ୟେକ ଅଳଙ୍କାରରେ ସୂକ୍ଷ୍ମ କାରୁକାର୍ଯ୍ୟ ଏବଂ ସ୍ୱାଭାବିକ ସୌନ୍ଦର୍ଯ୍ୟର ଏକ ସୁନ୍ଦର ସନ୍ତୁଳନ ପ୍ରତିଫଳିତ ହୋଇଛି, ଯାହା ଏପରି ଗହଣା ସୃଷ୍ଟି କରେ ଯାହାକୁ ବିଭିନ୍ନ ଅବସରରେ ଏବଂ ପିଢ଼ି ପରେ ପିଢ଼ି ପିନ୍ଧିବା ଓ ଉପଭୋଗ କରିବା ସମ୍ଭବ। ବିଳାସ ଓ ଅର୍ଥପୂର୍ଣ୍ଣ ଡିଜାଇନକୁ ବୁଝୁଥିବା ତଥା ପ୍ରଶଂସା କରୁଥିବା ମହିଳାମାନଙ୍କ ପାଇଁ ଏହି କଲେକ୍ସନ ପ୍ରସ୍ତୁତ କରାଯାଇଛି। ପ୍ରକୃତିରେ ଲୁଚି ରହିଥିବା ସୌହାର୍ଦ୍ଦ୍ୟରୁ ଅନୁପ୍ରାଣିତ ନୂଆରେ ସୂକ୍ଷ୍ମ ବିବରଣୀ ସହିତ ଦୃଢ଼ ଭିଜୁଆଲ ଚରିତ୍ରର ମିଶ୍ରଣ ରହିଛି ଯାହା ଏକ ଆଧୁନିକ ହୀରା ଗହଣାର ଏକ ଭିନ୍ନ ପରିପ୍ରକାଶ ପ୍ରଦାନ କରୁଛି। ନୂଆ ସହିତ ମାଲାବାର ଗୋଲ୍ଡ ଆଣ୍ଡ୍ ଡାଇମଣ୍ଡ୍‌ସ ନାଚୁରାଲ ଡାଇମଣ୍ଡ୍‌ସ ପୋର୍ଟଫୋଲିଓକୁ ଏକ କଲେକ୍ସନ ଜରିଆରେ ଦୃଢ଼ କରିଛି ଯେଉଁଥିରେ କାରିଗରୀ, ଡିଜାଇନ ନବସୃଜନ ଓ ସମସାମୟିକ ବିଳାସର ମିଶ୍ରଣ ରହିଛି ଓ ତାହା ଅସୀମ ପ୍ରେରଣା ସହ ଯୋଡ଼ିହୋଇରହିଛି।

# ଇନଫିନିକ୍ସ ସ୍ମାର୍ଟ-୨୦ ନୂତନ ବୈଶିଷ୍ଟ୍ୟ ସହିତ ମୂଲ୍ୟ ୧୧,୯୯୯/ରୁ ଆରମ୍ଭ

ଭୁବନେଶ୍ୱର, ୧୭।୬ (ନି.ପ୍ର) : ଏକ ନୂତନ ଯୁଗର ସ୍ମାର୍ଟଫୋନ୍ ବ୍ରାଣ୍ଡ ଇନଫିନିକ୍ସ ଏହାର ନୂତନ ଲଂଚ ହୋଇଥିବା ସ୍ମାର୍ଟ ୨୦ର ବିକ୍ରି ଜୁନ୍ ୧୨, ୨୦୨୬ ରୁ ଫ୍ଲିପକାର୍ଟ ଏବଂ ବଛା ବଛା ଖୁଚୁରା ଷ୍ଟୋରରେ ଆରମ୍ଭ କରିବାକୁ ଯାଉଛି। ସ୍ଲିମ୍, ସ୍ମୁଥ୍ ଏବଂ ଷ୍ଟ୍ରଙ୍ଗ୍ ସ୍ତମ୍ଭରେ ଡିଜାଇନ୍ ହୋଇଥିବା ଏହି ସ୍ମାର୍ଟଫୋନ୍ ଲଂଚ ଅଫର ସହିତ ମୂଲ୍ୟ ୧୧,୯୯୯ ର ପ୍ରାରମ୍ଭିକ ପ୍ରଭାବଶାଳୀ ମୂଲ୍ୟରେ ଉପଲବ୍ଧ ହେବ। ସ୍ମାର୍ଟ ୨୦ ରେ ଏକ ପ୍ରିମିୟମ୍ ୭.୭ ଏମ୍‌ଏମ୍ ଅଲଟ୍ରା-ସ୍ଲିମ୍ ଡିଜାଇନ୍, ୧୨୦ଏଚ୍‌ଜେଡ୍ ରିଫ୍ରେସ୍ ରେଟ୍




ସହିତ ୬.୭୮-ଇଂଚ ପଂଚ-ହୋଲ୍ ଡିସପ୍ଲେ ଏବଂ ଏକ ଇମର୍ସିଭ୍ ଦେଖିବା ଅଭିଜ୍ଞତା ପାଇଁ ୭୦୦ ନିଟସ୍ ପର୍ଯ୍ୟନ୍ତ ଉଜ୍ଜ୍ୱଳତା ରହିଛି। ୪୮ ମାସର ଫ୍ଲୁଏନ୍ସି ସାର୍ଟିଫିକେଟ୍ ସହିତ ମିଡିଆଟେକ୍ ହେଲିଓ ଜି୮୧ ଅଲ୍ଟିମେଟ୍ ପ୍ରୋସେସର୍ ଦ୍ୱାରା ସଂଚାଳିତ, ଡିଭାଇସ୍ ୮ଜିବି ପର୍ଯ୍ୟନ୍ତ ବର୍ଦ୍ଧିତ ର୍ୟାମ (୪ ଜିବି + ୪ ଜିବି ଏକ୍ସଟେଣ୍ଡେଡ୍) ଏବଂ ୧୨୮ ଜିବି ଷ୍ଟୋରେଜ୍ ସହିତ ସୁଗମ ଦୈନନ୍ଦିନ କାର୍ଯ୍ୟଦକ୍ଷତା ପ୍ରଦାନ କରେ। ସ୍ମାର୍ଟ ୨୦ କିଣୁଥିବା ଉପଭୋକ୍ତାମାନେ ୫୦୦ ଟଙ୍କା ପର୍ଯ୍ୟନ୍ତ ଆକର୍ଷଣୀୟ ବ୍ୟାଙ୍କ ଅଫର ପାଇପାରିବେ, ଯାହା ଡିଭାଇସକୁ ଅଧିକ ସୁଗମ କରିବ। ଛାୟା ବ୍ଲାକ୍, ପୋଲାରିସ୍ ଟାଇଟାନିୟମ୍, ସନ୍‌ଲାଇକ୍ ଅରେ ଏବଂ କ୍ଲାଉଡଲାଇନ୍ ବ୍ଲୁ ରଙ୍ଗ ବିକଳ୍ପରେ ଉପଲବ୍ଧ ଏହି ସ୍ମାର୍ଟଫୋନ୍ ଉଭୟ ଫ୍ଲିପକାର୍ଟ ଏବଂ ରିଟେଲ୍ ଷ୍ଟୋରରେ ପ୍ରଦାନ କରାଯିବ, ଯାହା ଏକ ଅସାଧାରଣ ମୂଲ୍ୟ ପ୍ରସ୍ତାବରେ ଏକ ସୁଗମ ୧୨୦ଏଚ୍‌ଜେଡ ଡିସପ୍ଲେ, ନିର୍ଭରଯୋଗ୍ୟ କାର୍ଯ୍ୟଦକ୍ଷତା ଏବଂ ଦୀର୍ଘସ୍ଥାୟୀ ବ୍ୟାଟେରୀ ଜୀବନର ଏକ ଶକ୍ତିଶାଳୀ ମିଶ୍ରଣ ପ୍ରଦାନ କରିବ।

# ଜିଓହଟଷ୍ଟାର୍‌ର 'କୈସେ ବନ୍‌ତା ହେ'ରେ ନୁଭୋକୋ

ଭୁବନେଶ୍ୱର, ୧୭।୬ (ନି.ପ୍ର) : ଭାରତର ବିଶ୍ୱସନୀୟ ନିର୍ମାଣ ସାମଗ୍ରୀ କମ୍ପାନୀ, ନୁଭୋକୋ ଭିସ୍ତାସ କର୍ପୋରେଶନ ଲିମିଟେଡକୁ ଏବେ ଜିଓହଟଷ୍ଟାରରେ ଷ୍ଟ୍ରିମ୍ ହେଉଥିବା ଲୋକପ୍ରିୟ ଶିକ୍ଷ-କେନ୍ଦ୍ରିତ ସିରିଜ 'କୈସେ ବନ୍‌ତା ହେ'ର ୩ୟ ସିଜନରେ ପ୍ରଦର୍ଶିତ କରାଯାଇଛି। ଏହି ପ୍ଲାଟଫର୍ମରେ ପ୍ରଦର୍ଶିତ ହୋଇଥିବା ନୁଭୋକୋ ଅଧ୍ୟାୟ ଦର୍ଶକଙ୍କୁ ସିମେଂଟ ଉତ୍ପାଦନ ପାଇଁ ଆବଶ୍ୟକ ହେଉଥିବା ବିଜ୍ଞାନ, ଟେକ୍ନୋଲୋଜି ଓ ବିଶେଷଜ୍ଞତାର ଏକ ସ୍ୱତନ୍ତ୍ର ପରଦା ପଛର ଦୃଶ୍ୟ ପ୍ରଦାନ କରୁଛି। କୈସେ ବନ୍‌ତା ହେ' ହେଉଛି ଏକ ସ୍ୱତନ୍ତ୍ର ଇନ୍‌ଫୋଟେନମେଂଟ ସିରିଜ ଯାହା ଦର୍ଶକଙ୍କୁ ଭାରତର କିଛି ଅଗ୍ରଣୀ ଉତ୍ପାଦନ କାରଖାନା ଭିତରକୁ ନେଇଥାଏ ଏବଂ କିଭଳି ଦୈନନ୍ଦିନ ଉତ୍ପାଦଗୁଡିକୁ ଅତ୍ୟାଧୁନିକ ଟେକ୍ନୋଲୋଜି, ଇଞ୍ଜିନିୟରିଂ ଉତ୍କର୍ଷତା, ଉଦ୍ଭାବନ ଓ ଦକ୍ଷ ମାନବିକ ପ୍ରୟାସ ମାଧ୍ୟମରେ ନିର୍ମାଣ କରାଯାଉଛି ତାହାକୁ ପ୍ରଦର୍ଶିତ କରିଥାଏ। ଏହି ସିରିଜ ଦର୍ଶକଙ୍କ ମଧ୍ୟରେ ଶିଳ୍ପ ପ୍ରକ୍ରିୟାଗୁଡ଼ିକୁ ରହସ୍ୟମୁକ୍ତ କରିବା ଏବଂ ଆଧୁନିକ ଉତ୍ପାଦନ ପାଇଁ




ଅଧିକ ସଚେତନତା ଓ ପ୍ରଶଂସା ସୃଷ୍ଟି କରିବା ପାଇଁ ଲକ୍ଷ୍ୟ ରଖିଛି।

ନୁଭୋକୋ ଅଧ୍ୟାୟ ଦର୍ଶକଙ୍କୁ କଂଚାମାଲ ସୋର୍ସିଙ୍ଗଠାରୁ ଆରମ୍ଭ କରି ପ୍ରକ୍ରିୟାକରଣ, କ୍ଲିଙ୍କରାଇଜେଶନ, ଗ୍ରାଇଣ୍ଡିଙ୍ଗ, ଗୁଣବତା ନିଶ୍ଚିତତା ଓ ଡିସ୍‌ପାଚ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ସିମେଂଟ ଉତ୍ପାଦନ ପ୍ରକ୍ରିୟା ପ୍ରଦର୍ଶିତ କରିଛି। ଏହା ଆଧୁନିକ ସିମେଂଟ ଉତ୍ପାଦନର ବ୍ୟାପକତା ଓ ଜଟିଳତାକୁ ହାଇଲାଇଟ କରିଥିବା ବେଳେ ଅତ୍ୟାଧୁନିକ ଟେକ୍ନୋଲୋଜି, କଠୋର ଗୁଣବତା ନିୟନ୍ତ୍ରଣ ଓ ପରିଚାଳନାଗତ ଉତ୍କର୍ଷତାକୁ ପ୍ରଦର୍ଶିତ କରିଛି ଯାହା ନୁଭୋକୋର ଉତ୍ପାଦନ ପ୍ରକ୍ରିୟାଗୁଡିକୁ ସୁଦୃଢ଼ କରୁଛି। ଏହି ଅଧ୍ୟାୟ ସ୍ଥାୟିତ୍ୱ, ସମ୍ବଳ ଦକ୍ଷତା, ସୁରକ୍ଷା ଓ ନିରନ୍ତର ଉଦ୍ଭାବନ ପ୍ରତି କମ୍ପାନୀର ପ୍ରତିବଦ୍ଧତା ଉପରେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରଦାନ କରିଛି। ଏହି ଅଧ୍ୟାୟ ରାଷ୍ଟ୍ର ନିର୍ମାଣରେ ସହଯୋଗ କରୁଥିବା ସଡକ, ସେତୁ, ବିମାନ ବନ୍ଦର, ଗୃହ ଓ ଅନ୍ୟାନ୍ୟ ଜରୁରୀ ଭିତିଭୂମିର ନିର୍ମାଣ କ୍ଷେତ୍ରରେ ସିମେଂଟ ଗ୍ରହଣ କରୁଥିବା ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଏକ ବିସ୍ତୃତ ଦୃଷ୍ଟିକୋଣ ପ୍ରଦାନ କରୁଛି। 'କୈସେ ବନ୍‌ତା ହେ' ସିଜନ ୩ ଏବେ ଜିଓହଟ୍‌ଷ୍ଟାରରେ ଷ୍ଟ୍ରିମ ହେଉଛି, ଯାହା ଦର୍ଶକଙ୍କୁ ଉତ୍ପାଦନର ରୋମାଂଚକର ଦୁନିଆକୁ ଆବିଷ୍କାର କରିବା ଏବଂ ଭାରତର ଅଭିବୃଦ୍ଧି କାହାଣୀକୁ ସଶକ୍ତ କରୁଥିବା ପ୍ରକ୍ରିୟାଗୁଡିକ ଉପରେ ଗଭୀର ତଥ୍ୟ ହାସଲ କରିବା ପାଇଁ ସକ୍ଷମ କରୁଛି।

# ମୋଟିସନ୍ ଜୁଏଲର୍ସ ଲିମିଟେଡ କ୍ୟୁଆଇପି, ଏଫପିଆଇ ଏବଂ ଏଆଇଏଫ ଜରିଆରେ ଆବଂଟନକାରୀଙ୍କ ମଧ୍ୟରେ ୧୫୦ କୋଟି ଟଙ୍କା ସଂଗ୍ରହ କରିଛି

ଭୁବନେଶ୍ୱର, ୧୭।୬ (ନି.ପ୍ର) : ଅଳଙ୍କାର ଶିଳ୍ପରେ ଏକ ବଢୁଥିବା ଖେଳାଳି ମୋଟିସନ୍ ଜୁଏଲର୍ସ ଲିମିଟେଡ୍ (୧୧ ଜୁନ୍ ୨୦୨୬ ରେ ଅନୁଷ୍ଠିତ ଏହାର ବୋର୍ଡ ବୈଠକରେ ଯୋଗ୍ୟ ଯୋଗ୍ୟ ଅନୁଷ୍ଠାନିକ କ୍ରେତା (କ୍ୟୁଆଇବି)ଙ୍କୁ ଇକ୍ୱିଟି ସେୟାର ପିଛା ୧୧.୦୫ ଟଙ୍କା ଇସ୍ୟୁ ମୂଲ୍ୟରେ ୧୩,୫୭,୪୬,୬୦୦ ଇକ୍ୱିଟି ସେୟାର ଆବଂଟନ କରିବାକୁ ଅନୁମୋଦନ କରିଛି। ମୋଟିସନ୍ ଜୁଏଲର୍ସ ଲିମିଟେଡ୍ ଅଳଙ୍କାର ଖୁଚୁରା ଶିଳ୍ପରେ ଏକ ପ୍ରମୁଖ ଖେଳାଳି, ଯାହାର ଦୁଇ ଦଶନ୍ଧିରୁ ଅଧିକ ସମୃଦ୍ଧ ଇତିହାସ ରହିଛି। ଏହା ସୁନା, ହୀରା, କୁନ୍ଦନ ଏବଂ ଅନ୍ୟାନ୍ୟ ମୂଲ୍ୟବାନ ଏବଂ ଅର୍ଦ୍ଧ-ମୂଲ୍ୟବାନ ପଥର ସହିତ ବିଭିନ୍ନ ପ୍ରକାରର ଅଳଙ୍କାର ବିକ୍ରିରେ ବିଶେଷଜ୍ଞ। ଏହା ବ୍ୟତୀତ, କମ୍ପାନୀ ବିଭିନ୍ନ ପ୍ରକାରର ଅନ୍ୟାନ୍ୟ ଉତ୍ପାଦ ଯେପରିକି ମୋତି, ରୂପା, ପ୍ଲାଟିନମ୍ ଏବଂ ଅନ୍ୟାନ୍ୟ ଧାତୁ ସହିତ ସୁନା ଏବଂ ରୂପା ମୁଦ୍ରା, ବାସନକୁସନ ଏବଂ ଅନ୍ୟାନ୍ୟ କଳାକୃତି ପ୍ରଦାନ କରେ। ପ୍ରାୟ ୨୫ ବର୍ଷର ପ୍ରମାଣିତ ଟ୍ରାକ୍ ରେକର୍ଡ ସହିତ, ମୋଟିସନ୍ ଜୁଏଲର୍ସ ଉଲ୍ଲେଖନୀୟ ଅଭିବୃଦ୍ଧି ହାସଲ କରିଛି ଏବଂ ଏହାର ବ୍ରାଣ୍ଡ 'ପାର୍ଟିୱେୟାର, ଜୁଏଲମୋଟିସନ୍ସ'କୁ ଦୃଢ଼ ଭାବରେ ପ୍ରତିଷ୍ଠିତ କରିଛି। କମ୍ପାନୀ ଏକ ବିସ୍ତୃତ ସଂଗ୍ରହ ପ୍ରଦାନ କରି ନିଜକୁ ଗର୍ବିତ କରେ ଯେଉଁଥିରେ ପୁରାତନ ସମାପ୍ତ, ମୋତି, କୁନ୍ଦନ ଏବଂ ହୀରା ଅଳଙ୍କାର ଅନ୍ତର୍ଭୁକ୍ତ। ମୋଟିସନ୍ ଜୁଏଲର୍ସର ବିସ୍ତୃତ ଉତ୍ପାଦ ପୋର୍ଟଫୋଲିଓରେ ୩୦୦,୦୦୦ ରୁ ଅଧିକ ଡିଜାଇନ୍ ରହିଛି, ଯାହା ବିଭିନ୍ନ ପ୍ରକାରର ମୂଲ୍ୟ ପଏଟକୁ ଅନ୍ତର୍ଭୁକ୍ତ କରେ।

# କ୍ଲାଉଡ କଂଟାକ୍ଟ ସେଂଟର୍ ଗ୍ରହଣ କରିଛି ଉଜ୍ଜୀବନ ସ୍ମଲ ଫାଇନାନ୍ସ ବ୍ୟାଙ୍କ

ଭୁବନେଶ୍ୱର, ୧୭।୬ (ନି.ପ୍ର) : ଉଜ୍ଜୀବନ ସ୍ମଲ ଫାଇନାନ୍ସ ବ୍ୟାଙ୍କ ପକ୍ଷରୁ ଆଜି ଏହାର କଷ୍ଟମର ଏନ୍‌ଗେଜମେଂଟ ଇନ୍‌ଫ୍ରାଷ୍ଟ୍ରକ୍‌ଚରର ଏକ ରଣନୈତିକ ରୂପାନ୍ତରଣ ଘୋଷଣା କରାଯାଇଛି। ଏକ ପାରମ୍ପରିକ ସିଷ୍ଟମରୁ ଏକ କ୍ଲାଉଡ-ଆଧାରିତ କଂଟାକ୍ଟ ସେଂଟରକୁ ରୂପା'ର ଭାବେ ପରେ ଏହାର କଲ୍ ଡ୍ରପ ଅଫ୍‌ରେ ୨୭% ହ୍ରାସ ହୋଇଥିବା ବେଳେ ଗ୍ରାହକ ସନ୍ତୁଷ୍ଟିକରଣ ସ୍କୋର ୯୦% ଅତିକ୍ରମ କରିଛି। ବ୍ୟାଙ୍କିଙ୍ଗ ସିଷ୍ଟମ ରିଅଲ-ଟାଇମ, ଡିଜିଟାଲ-ପ୍ରଥମ ମଡେଲ ଆଡକୁ ଅଗ୍ରସର ହେଉଥିବା ସମୟରେ ଉଜ୍ଜୀବନ ସ୍ମଲ ଫାଇନାନ୍ସ ବ୍ୟାଙ୍କ ଏହାର ସେବା ପରିଚାଳନାକୁ ଏକ ଅଧିକ ଏକୀକୃତ ଓ ବିସ୍ତୃତ ଗ୍ରାହକ ସମ୍ପୃକ୍ତି ପ୍ଲାଟଫର୍ମରେ ପରିଣତ କରିଛି। ୧୦ ମିଲିୟନରୁ ଅଧିକ ଗ୍ରାହକଙ୍କୁ ସେବା ଯୋଗାଉଥିବା ଏହି ବ୍ୟାଙ୍କ ବର୍ଦ୍ଧିତ ପରିମାଣ ଓ ଜଟିଳତା ସହ ତାଳ ଦେବା ପାଇଁ ଏହାର କଷ୍ଟମର ଏନ୍‌ଗେଜମେଂଟ



ଇନ୍‌ଫ୍ରାଷ୍ଟ୍ରକ୍‌ଚରକୁ ବିସ୍ତାର କରିଛି। ଏକ କ୍ଲାଉଡ-ଆଧାରିତ ପ୍ଲାଟଫର୍ମକୁ ଏହାର ପରିବର୍ତ୍ତନ ବ୍ୟାଙ୍କକୁ ଭଏସ ଓ ଆଉଟରିଚ ଚ୍ୟାନେଲଗୁଡିକୁ ଏକତ୍ରିତ କରିବା, ବ୍ୟାପକ ସ୍ତରରେ ସେଲ୍ଫ-ସର୍ଭିସ ଓ ଆଇଭିଆର-ଭିତିକ ଅଟୋମେଶନ ଆରମ୍ଭ କରିବା ଏବଂ ମାନୁଆଲ ପ୍ରୋସେସର ଓ ପରିଚାଳନାଗତ ବାଧା ଦୂର କରି ଗ୍ରାହକ ଯାତ୍ରାକୁ କେନ୍ଦ୍ରୀଭୂତ କରିବା ପାଇଁ ସକ୍ଷମ କରିବ।

ଉଜ୍ଜୀବନ ସ୍ମଲ ଫାଇନାନ୍ସ ବ୍ୟାଙ୍କର ମୁଖ୍ୟ ପରିଚାଳନା ଅଧିକାରୀ ମାର୍ଟିନ ପି ଏସ କହିଛନ୍ତି, 'ଜେନେସିସ୍ କ୍ଲାଉଡ୍‌କୁ ରୂପାନ୍ତରଣ ଗ୍ରାହକଙ୍କ ସମ୍ପର୍କ କିପରି ବିକଶିତ ହେଉଛି ତାହା ସହିତ ତାଳମେଳ ରଖି ଏକ ସୁଚିନ୍ତିତ ପଦକ୍ଷେପ ଥିଲା। ଏହା ଆମକୁ ଆମର କାର୍ଯ୍ୟ ବୃଦ୍ଧି କରିବା ଓ ଆଧୁନିକୀକରଣ କରିବାରେ ସାହାଯ୍ୟ କରିଥିବା ବେଳେ, ଏଥିପାଇଁ ଅନୁପାଳନ ଆବଶ୍ୟକତା ମଧ୍ୟ ଥିଲା ଏବଂ ନିୟାମକ ସହିତ ଘନିଷ୍ଠ ଭାବରେ ସମନ୍ୱୟ ରକ୍ଷା କରିବାକୁ ପଡିଥିଲା। ଏହି ପଦକ୍ଷେପ ବ୍ୟାଙ୍କିଙ୍ଗ୍ କ୍ଷେତ୍ରରୁ ଆଶା କରାଯାଉଥିବା ଢାଂଚା ମଧ୍ୟରେ କାର୍ଯ୍ୟ କରିବା ଏବଂ ନିୟାମକ ଆବଶ୍ୟକତା ସହିତ ସମନ୍ୱିତ ରହି ଏକ ଅଧିକ ମଜବୁତ ଏବଂ ସ୍ଥିର ସମ୍ପର୍କ ଭିତିଭୂମି ନିର୍ମାଣ କରିବା ଉପରେ ଆମର ଧ୍ୟାନକୁ ପ୍ରତିଫଳିତ କରୁଛି।' ସେହିପରି ଜେନେସିସ୍‌ର ଭାରତ ଏବଂ ସାର୍କର ଉପାଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ରାଜା ଲକ୍ଷ୍ମୀପତି କହିଛନ୍ତି, 'ଏହି ରୂପାନ୍ତରଣରେ ଉଜ୍ଜୀବନ ସ୍ମଲ ଫାଇନାନ୍ସ ବ୍ୟାଙ୍କ ସହିତ ସହଭାଗୀ ହୋଇ ଆମେ ଖୁସି। ଏହି ଏକୀକୃତ ସ୍ଥାପତ୍ୟ ଗ୍ରାହକଙ୍କ ସହ ଯୋଗାଯୋଗରେ ଏଆଇ ଓ ବିଶ୍ଳେଷଣ-ନେତୃତ୍ୱାଧୀନ କ୍ଷମତାର ଅଧିକ ଗ୍ରହଣ ପାଇଁ ଏକ ଆଧାର ଭାବରେ କାର୍ଯ୍ୟ କରିବ, ପରିଚାଳନା ଦକ୍ଷତାକୁ ଉନ୍ନତ କରିବ ଏବଂ ସମୟ ସହିତ ନୂତନ କ୍ଷମତା ସହିତ ଅଧିକ ସୁସଙ୍ଗତ ଗ୍ରାହକ ଅନୁଭୂତିକୁ ସମର୍ଥନ କରିବ ବୋଲି ଆଶା କରାଯାଉଛି।

# ଆକ୍ସିସ ମ୍ୟାକ୍ସ ଲାଇଫ ପକ୍ଷରୁ ୯୯.୮୦%ରେ ସର୍ବାଧିକ ଦାବି ଦେୟ ଅନୁପାତ ହାସଲ

ଭୁବନେଶ୍ୱର, ୧୭।୬ (ନି.ପ୍ର) : ଆକ୍ସିସ ମ୍ୟାକ୍ସ ଲାଇଫ ଇନ୍ସୁରାନ୍ସ ଲିମିଟେଡ (ପୂର୍ବରୁ ମ୍ୟାକ୍ସ ଲାଇଫ ଇନ୍ସୁରାନ୍ସ କମ୍ପାନୀ ଲିମିଟେଡ ଭାବେ ପରିଚିତ) ୨୦୨୫-୨୬ ଆର୍ଥିକ ବର୍ଷରେ ୧୬୪୧ କୋଟି ଟଙ୍କା ମୂଲ୍ୟର ମୋଟ ୨୦୫୨୯ଟି ବ୍ୟକ୍ତିଗତ ମୃତ୍ୟୁ ଦାବିର ସମାଧାନ କରିପାରିଛି। ଏଥିସହିତ ୯୯.୮୦%ର ଏହାର ସର୍ବାଧିକ ସ୍ୱାଧୀନ ମୃତ୍ୟୁ ଦାବି ଦେୟ ଅନୁପାତ (ଡେଥ୍ କ୍ଲେମ ପେଡ୍ ରେସିଓ) ହାସଲ କରିଛି। ଏହା ୨୦୨୧-୨୨ରେ ୯୯.୩୪%ରୁ ୯୯.୮୦%କୁ ଏକ ନିର'ର ବୃଦ୍ଧିକୁ ସୂଚିତ କରୁଛି, ଯାହା ବିଶ୍ୱାସ-ଇଣ୍ଡିଆ କେ ଭରୋସେ କା ନମ୍ବର ପାଇଁ କମ୍ପାନୀର ନୂତନ ମାନଦଣ୍ଡ ଭାବେ ସୁଦୃଢ଼ ହୋଇଛି। ଏହାର ଆରମ୍ଭ ପରଠାରୁ ଆକ୍ସିସ ମ୍ୟାକ୍ସ ଲାଇଫ ୨୪୩,୫୨୪ଟି ବୀମା ଉପରେ ମୃତ୍ୟୁ ଦାବି ବାବଦରେ ମୋଟ ୧୧,୭୭୨.୨୧ କୋଟି ଟଙ୍କା ପଇଠ କରିଛି। ଆକ୍ସିସ ମ୍ୟାକ୍ସ ଲାଇଫର ସ୍ୱାଧୀନ ମୃତ୍ୟୁ ଦାବି ଦେୟ ଅନୁପାତ ୨୦୨୧-୨୨ରେ ୯୯.୩୪%, ୨୦୨୨-୨୩ରେ ୯୯.୫୧%, ୨୦୨୩-୨୪ରେ ୯୯.୬୫%, ୨୦୨୪-୨୫ରେ ୯୯.୭୦% ଓ ୨୦୨୫-୨୬ରେ ୯୯.୮୦% ରହିଛି।

ଏହି ସଫଳତା ସମ୍ପର୍କରେ ଆକ୍ସିସ ମ୍ୟାକ୍ସ ଲାଇଫର ପରିଚାଳନା ନିର୍ଦ୍ଦେଶକ ଓ ସିଇଓ ସୁମିତ ମଦନ କହିଛନ୍ତି, 'ଆକ୍ସିସ ମ୍ୟାକ୍ସ ଲାଇଫରେ ଆମେ ଦାବିଗୁଡ଼ିକର ଶୀଘ୍ର ସମାଧାନ ପାଇଁ ପ୍ରେଡିକ୍ଟିଭ ଆନାଲିଟିକ୍ସ ଓ ଡିଜିଟାଲ ଫରେନ୍ସିକ୍‌ଗୁଡ଼ିକୁ ପେୟାର କରୁଛି, ଯାହା ୨୦୨୫-୨୬ରେ ୯୯.୮୦%ର ଆମର ସର୍ବୋଚ୍ଚ ସ୍ୱାଧୀନ ମୃତ୍ୟୁ ଦାବି ଦେୟ ଅନୁପାତକୁ ପରିଚାଳନା କରିଛି। ଏହି ମାନଦଣ୍ଡ କେବଳ ନମ୍ବରଠାରୁ ବହୁ ଆଗକୁ ବଢ଼ିଛି, ଏହା ଆମର ଗ୍ରାହକମାନେ ଆମ ଉପରେ ଦେଖାଇଥିବା ବିଶ୍ୱାସର ଏକ ଶକ୍ତିଶାଳୀ ପ୍ରମାଣ ଏବଂ ଏକ ସ୍ମରଣକାରୀ ଯେ ପ୍ରତ୍ୟେକ ଦାବି ପଛରେ ଏଭଳି ଏକ ପରିବାର ରହିଛି, ଯାହାକୁ ସୁରକ୍ଷିତ ରଖି ଆମେ ଗର୍ବିତ। ଦ୍ରୁତ ଦାବି ପ୍ରକ୍ରିୟାକରଣକୁ ସମର୍ଥନ କରିବା ପାଇଁ ଆକ୍ସିସ ମ୍ୟାକ୍ସ ଲାଇଫ ପ୍ରେଡିକ୍ଟିଭ ଆନାଲିଟିକ୍ସ ସହ ଏହାର ଅଣ୍ଡରରାଇଟିଂ ଦକ୍ଷତାକୁ ମଜବୁତ କରିଛି ଏବଂ ଡିଜିଟାଲ ଫରେନ୍ସିକ୍ ଟୁଲ ମାଧ୍ୟମରେ ଠକେଇ ନିୟନ୍ତ୍ରଣ ବୃଦ୍ଧି କରିଛି। ଏହା କମ୍ପାନୀକୁ ହାନ୍‌ସା ରିସର୍ଚ୍ଚର ଲାଇଫ ଇନ୍ସୁରାନ୍ସ ସିୟୁଇଏସ ୨୦୨୬ ଷ୍ଟଡିରେ ଭାରତୀୟ ଜୀବନ ବୀମାକାରୀଙ୍କ ମଧ୍ୟରେ ଏକ ନମ୍ବର ସ୍ଥାନ ହାସଲ କରିବା ପାଇଁ ସକ୍ଷମ କରିଥିଲା।

# ଇସୁଜୁ ମୋଟର୍ସ ଇଣ୍ଡିଆ ଦେଶବ୍ୟାପୀ 'ଇସୁଜୁ ଆଇ-କେୟାର ପ୍ରି-ମନସୁନ୍ ସର୍ଭିସ୍ କ୍ୟାମ୍ପ' ଆୟୋଜନ ସମ୍ପର୍କରେ ଘୋଷଣା କରିଛି

ଭୁବନେଶ୍ୱର, ୧୭।୬ (ନି.ପ୍ର) : ସର୍ବୋତମ ସେବା ଏବଂ ମାଲିକାନା ଅଭିଜ୍ଞତା ପ୍ରଦାନ କରିବା ପାଇଁ ଇସୁଜୁର ପ୍ରତିବଦ୍ଧତାକୁ ପୁନଃନିର୍ଦ୍ଦିଷ୍ଟ କରିବା ପାଇଁ ଏକ ନିରନ୍ତର ପ୍ରୟାସରେ, ଇସୁଜୁ ମୋଟର୍ସ ଇଣ୍ଡିଆ ଏହାର ଇସୁଜୁ ଡି-ମାକ୍ସ ପିକ୍-ଅପ୍ସ ଏବଂ ଏସୟୁଭି ପାଇଁ ଏକ ଦେଶବ୍ୟାପୀ 'ଇସୁଜୁ




ଆଇ-କେୟାର ପ୍ରି-ମନସୁଆନ୍ କ୍ୟାମ୍ପ' ଆୟୋଜନ କରିବ। ଏହି ସେବା ଶିବିରର ଲକ୍ଷ୍ୟ ହେଉଛି ଦେଶବ୍ୟାପୀ ଋତୁରେ ଗ୍ରାହକମାନଙ୍କୁ ଏକ ଅସୁବିଧାମୁକ୍ତ ଡ୍ରାଇଭିଂ ଅଭିଜ୍ଞତା ପାଇଁ ଆକର୍ଷଣୀୟ ସୁବିଧା ଏବଂ ପ୍ରତିରୋଧକ ରକ୍ଷଣାବେକ୍ଷଣ ଯାଂଚ ପ୍ରଦାନ କରିବା। 'ଇସୁଜୁ କେୟାର'ର ଏକ ପ୍ରୟାସ, ପ୍ରାକ୍-ମନସୁନ୍ କ୍ୟାମ୍ପ ୧୮ ରୁ ୨୪ ଜୁନ୍ ୨୦୨୬ ମଧ୍ୟରେ ସମସ୍ତ ଇସୁଜୁ ଅନୁମୋଦିତ ଡିଲର ସର୍ଭିସ୍ ଆଉଟଲେଟ୍‌ରେ ଆୟୋଜିତ ହେବ। ଏହି ସମୟ ମଧ୍ୟରେ, ଗ୍ରାହକମାନେ ସେମାନଙ୍କ ଯାନ ପାଇଁ ସ୍ୱତନ୍ତ୍ର ଅଫର ଏବଂ ସୁବିଧା ମଧ୍ୟ ପାଇପାରିବେ। ଆଗ୍ରା, ଅହଲ୍ୟାନଗର, ଅହମ୍ମଦାବାଦ, ଅମ୍ବିକାପୁର, ଅନନ୍ତପୁର, ବାରାମୁଲ୍ଲା, ବରେଲି, ବାରମେର, ବାରୁଚ, ଭଟିଣ୍ଡା, ବେଙ୍ଗାଲୁରୁ, ଭୋପାଳ, ଭୁବନେଶ୍ୱର, ବିକାନପୁର, ଚେନ୍ନାଇ, ଚିକମାଗାଲୁରୁ କୋଏମ୍ବାଟୁର, ଧୁଲେ, ଦିଲ୍ଲୀ, ଡିବ୍ରୁଗଡ, ଦିମାପୁର, ଦୁର୍ଗାପୁର, ଏର୍ନାକୁଲମ, ଗାନ୍ଧୀଧାମ, ଗୋରଖପୁର ଆଦି ସହରରେ ପ୍ରି-ମନସୁନ୍ କ୍ୟାମ୍ପର ଆୟୋଜନ କରାଯିବ।

# ଲଙ୍କା ପ୍ରିମିୟର ଲିଗର ପ୍ରତିଷ୍ଠାତା ଆଇପିଜି ଗ୍ରୁପ୍ ପକ୍ଷରୁ ଆମେରିକାରୁ ପାଣ୍ଠି ସଂଗ୍ରହ

ଭୁବନେଶ୍ୱର, ୧୭।୬ (ନି.ପ୍ର) : ଲଙ୍କା ପ୍ରିମିୟର ଲିଗ୍(ଏଲପିଏଲ)ର ସିଜନ୍ ୨୦୨୬ ଜୁଲାଇ ୧୦ ରେ ଆରମ୍ଭ ହେବାକୁ ଯାଉଛି। ଏହା ପୂର୍ବରୁ ଲିଗକୁ ବଡ଼ ଆର୍ଥିକ ଶକ୍ତି ମିଳିଛି। ଏଲପିଏଲ୍ ପ୍ରତିଷ୍ଠାତା ଇନୋଭେଟିଭ୍ ପ୍ରଡକ୍ସନ୍ ଗ୍ରୁପ୍ (ଆଇପିଜି) ଯୁକ୍ତରାଷ୍ଟ୍ର ଆମେରିକାର ଏକ ତାଲିକାଭୁକ୍ତ ସଂସ୍ଥାଠାରୁ ବହୁ କୋଟି ଡଲାର ପାଣ୍ଠି ସହାୟତା ହାସଲ କରିଛି।

ଫ୍ଲାସ୍ ସ୍ପୋର୍ଟସ୍ ଆଣ୍ଡ ମିଡିଆ ସହିତ ଆଇପିଜି ଏହାର ରଣନୀତିକ ସମସ୍ତ-ଷ୍ଟକ୍ ମିଶ୍ରଣ ସମାପ୍ତ କରିଛି। ଏହି ପଦକ୍ଷେପ ଆଇପିଜି ଏବଂ ଏହା ପରିଚାଳନା କରୁଥିବା ଲିଗ୍ ଗୁଡ଼ିକ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଯାହା ସେମାନଙ୍କୁ ବ୍ୟାପକ କରିବାରେ ସହାୟକ ହେବ। ଆଇପିଜି ଆସନ୍ତା ଦୁଇ ବର୍ଷ ମଧ୍ୟରେ ଏଲପିଏଲ ଏକ ବଡ଼ ଓ ଉନ୍ନତ ସଂସ୍କରଣ ପ୍ରସ୍ତୁତ କରିବା ପାଇଁ ୨୦ ନିୟୁତ ଆମେରିକୀୟ ଡଲାର ବିନିଯୋଗ କରିବ। ଏଲପିଏଲ ପାଇଁ,ଏହି ପରିବର୍ତ୍ତନ ଏକ ଅଧିକ ସଂଗଠିତ ଓ ଅଭିବୃଦ୍ଧି ଆଧାରିତ ପର୍ଯ୍ୟାୟର ଆରମ୍ଭକୁ ଦର୍ଶାଉଛି। ଏଲପିଏଲ ଶ୍ରୀଲଙ୍କା କ୍ରିକେଟ୍ ମାଲିକାନାରେ ଥିବା ବୌଦ୍ଧିକ ସମ୍ପତି ହୋଇ ରହିଥିବା ବେଳେ, ଆଇପିଜି ଏହାର ସ୍ୱତନ୍ତ୍ର ବାଣିଜ୍ୟିକ ଓ ଗଣମାଧ୍ୟମ ଅଧିକାର ବଜାୟ ରଖିଛି। ଆଇପିଜି ଗ୍ଲୋବାଲର ପ୍ରତିଷ୍ଠାତା ଓ ଅଧ୍ୟକ୍ଷ ଅନିଲ ମୋହନ କହିଛନ୍ତି ଯେ, 'ଏହି ନୂତନ ପଦକ୍ଷେପର ସବୁଠାରୁ ବଡ଼ ହିତାଧିକାରୀ ହେବ ଏଲପିଏଲ। ଏକ ସାର୍ବଜନୀନ ଭାବେ ପରିଚାଳିତ ଗଠନରେ ଏହାର ସମନ୍ୱୟ ଲିଗ୍‌କୁ ଦାୟିତ୍ୱପୂର୍ଣ୍ଣ ଭାବେ ବିସ୍ତାର କରିବାରେ ଆମ କ୍ଷମତାକୁ ଅଧିକ ସୁଦୃଢ଼ କରିଛି। ବର୍ଦ୍ଧିତ ସ୍ୱଚ୍ଛତା, ପୁଞ୍ଜି ପ୍ରାପ୍ତିର ସୁବିଧା ଏବଂ ଉନ୍ନତ ପରିଚାଳନା ମାନଦଣ୍ଡ ସହିତ, ଦୀର୍ଘମିଆଦି ବାଣିଜ୍ୟିକ ଶୃଙ୍ଖଳାକୁ ବଜାୟ ରଖି ଆମେ ଫ୍ରାଞ୍ଚାଇଜମାନଙ୍କର ମୂଲ୍ୟ ବୃଦ୍ଧି କରିବା ପାଇଁ ସୁଦୃଢ଼ ସ୍ଥିତିରେ ଅଛୁ।'

ଏଲପିଏଲ ବ୍ୟତୀତ ମାଲେସିଆ ଓ ଜିମ୍ବାୱେ ଟି୨୦ ଲିଗ୍ ବିକାଶ ପାଇଁ ଆଇପିଜି ଗ୍ରୁପ୍ର ଦୀର୍ଘକାଳୀନ ସ୍ୱତନ୍ତ୍ର ଚୁକ୍ତିନାମା ରହିଛି। ଆଇପିଜି ଏବଂ ବିନିଯୋଗକାରୀମାନେ ମଧ୍ୟ ଏହି ନୂତନ ଲିଗ୍ ଗୁଡ଼ିକରେ ସମ୍ପ୍ରସାରଣ ଯୋଜନାର ରୂପରେଖ ପ୍ରସ୍ତୁତ କରିଛନ୍ତି। ଫ୍ଲାସ୍ ସ୍ପୋର୍ଟସ୍ ଆଣ୍ଡ ମିଡିଆର ମୁଖ୍ୟ ନିର୍ବାହୀ ଅଧିକାରୀ ବ୍ରାଡଲି ନାଟ୍ରାସ୍ କହିଛନ୍ତି ଯେ, 'ଆମେ ବିଶ୍ୱାସ କରୁ ଯେ ଏହି ମିଶ୍ରଣ ଏକାଧିକ କ୍ରିକେଟ୍ ଅର୍ଥନୀତିରେ ଏକ ସଙ୍ଗେ କାର୍ଯ୍ୟକାରୀ କରିବାର ଆମର ସାମର୍ଥ୍ୟକୁ ତ୍ୱରାନ୍ୱିତ କରିବ। କେନ୍ଦ୍ରୀକୃତ ବାଣିଜ୍ୟିକ ନିୟନ୍ତ୍ରଣ ଓ ସମାନ ଫ୍ରାଂଚାଇଜ୍ ପ୍ରୋତ୍ସାହନ ସହିତ ଆମେ ବିଭିନ୍ନ ବଜାରରେ ଗଭୀର ପ୍ରାୟୋଜକ ଏକୀକରଣ, ଦୃଢ଼ ପ୍ରସାରଣ ସହଭାଗିତା ଓ ଅଧିକ ପ୍ରଶଂସକଙ୍କ ସହ ଯୋଡ଼ିହେବାର ଲକ୍ଷ୍ୟ ରଖିଛୁ। ଆମର ଧ୍ୟାନ ପରିବର୍ତ୍ତନ କାର୍ଯ୍ୟକ୍ଷମ କ୍ରିୟାନ୍ୱୟନ ଦ୍ରୁତତା ଓ ସଠିକତା ସହିତ ପ୍ଲାଟଫର୍ମକୁ ବୃଦ୍ଧି କରିବା ଓ ଦୀର୍ଘକାଳୀନ ଅଂଶଧନକାରୀମାନଙ୍କ ମୂଲ୍ୟ ସୃଷ୍ଟି ଉପରେ ରହିଛି। ଫ୍ଲାସ୍ ସ୍ପୋର୍ଟସ୍ ଆଣ୍ଡ ମିଡିଆର ମୁଖ୍ୟ ଆର୍ଥିକ ଅଧିକାରୀ ଏରିକ ଶେର୍ବ କହିଛନ୍ତି ଯେ, 'ସାର୍ବଜନୀନ ବଜାର ଗଠନ କଠୋର ନିବେଶରୁ ଲାଭ (ଆରଓଆଇ) ଶୃଙ୍ଖଳା ବଜାୟ ରଖିବା ସହିତ ଲିଗ୍ ଭିତିଭୂମି ମଧ୍ୟରେ ପର୍ଯ୍ୟାୟକ୍ରମେ ପୁଞ୍ଜି ନିୟୋଜନକୁ ସକ୍ଷମ କରିଥାଏ। ଆମର ଧ୍ୟାନ ଦୀର୍ଘକାଳୀନ ବାଣିଜ୍ୟିକ ବିକାଶକୁ ମଜବୁତ କରିବା ଓ ସମଗ୍ର ପୋର୍ଟଫୋଲିଓରେ ପୁନରାବୃତ୍ତି ରାଜସ୍ୱ ସ୍ରୋତ ଗଠନ କରିବା ଉପରେ ରହିବ।

# ଟାଟା ପାୱାରଙ୍କ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ବ୍ୟକ୍ତିଗତ ହାଜରା ପାଇଁ ନିର୍ଦ୍ଦେଶ

ନବରଙ୍ଗପୁର,୧୭।୬: ନବରଙ୍ଗପୁରର ବରିଷ୍ଠ ସାମ୍ବାଦିକ ଶ୍ରୀ ଈଶ୍ୱର ରାଓଙ୍କ ଘରକୁ ବିଦ୍ୟୁତ୍ ସଂଯୋଗ ପାଇଁ ଦୁଇ ବର୍ଷ ତଳେ ଆବଶ୍ୟକୀୟ ଜମାରାଶି ସହ ଦେୟ ପୈଠ କରିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ତାଙ୍କ ଘରକୁ ବିଦ୍ୟୁତ୍ ସଂଯୋଗ ଦିଆଯାଇ ନଥିଲା। ବାରମ୍ବାର ଅଭିଯୋଗ କଲେ ମଧ୍ୟ ଟାଟା ପାୱାରର ଅଧୀକ୍ଷଣ ଯନ୍ତ୍ରୀ ଓ କର୍ମଚାରିମାନେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିଲେ । ଏ ସଂପର୍କରେ ଆଇନ୍ ?ଜୀବୀଙ୍କ ମାଧ୍ୟମରେ ନବରଙ୍ଗପୁର ଜିଲ୍ଲା ଖାଉଟି ଅଦାଲତରେ ଶ୍ରୀ ରାଓ ଏକ ମକୋଦ୍ଦମା ଦାଖଲ କରିଥିଲେ ଖାଉଟି ଅଦାଲତ ଏହି ମକୋଦ୍ଦମାର ବିଫୁରକରି ତୁରନ୍ତ ବିଦ୍ୟୁତ୍ ସଂଯୋଗ ଦେବାକୁ ଓ ପ୍ରତ୍ୟେକ ଦିନ ଉପଭୋକ୍ତାଙ୍କୁ ୨୦୦ ଟଙ୍କା ଜୋରିମାନା ଦେବାକୁ ନିର୍ଦ୍ଦେଶ ଦେଇଥିଲେ । ନବରଙ୍ଗପୁର ଜିଲ୍ଲା ଖାଉଟି ଅଦାଲତର ନିର୍ଦ୍ଦେଶ ବିରୁଦ୍ଧରେ ଟାଟା ପାୱାରର ଅଧୀକ୍ଷଣ ଯନ୍ତ୍ରୀଙ୍କ ପକ୍ଷରୁ ରାଜ୍ୟ ଖାଉଟି ଅଦାଲତରେ ଅନ୍ତରୀଣ ସୁରକ୍ଷା ଦେବାକୁ ଏକ ପିଟିସନ୍ ଦାଖଲ କରିଥିଲେ । ମାତ୍ର ରାଜ୍ୟ ଖାଉଟି କମିଶନର ବିଭିନ୍ନ ଦିନରେ ଏହି ମାମଲାର ଶୁଣାଣି କରି ଆସନ୍ତା ତା ୨୩/ ୦୬/ ୨୦ ୨୬ରିଖ ଦିନ ରାଜ୍ୟ ଖାଉଟି ଅଦାଲତରେ ନବରଙ୍ଗପୁର ଜିଲ୍ଲାର ଟାଟା ପାୱାରର ଅଧୀକ୍ଷଣ ଯନ୍ତ୍ରୀ ବ୍ୟକ୍ତିଗତ ଭାବରେ ହାଜର ହେବାକୁ ରାଜ୍ୟ ଖାଉଟି କମିଶନଙ୍କ ପକ୍ଷ ନିର୍ଦ୍ଦେଶ ଦିଆଯାଇଛି ।

ଟାଟା ପାୱାରର ଅଧୀକ୍ଷଣ ଯନ୍ତ୍ରୀଙ୍କ ପକ୍ଷରୁ ଅଗତ କରାଯାଇଥିବା ସତ୍ୟପାଠକୁ ନାକଚ କରିବା ସଙ୍ଗେ ସଙ୍ଗେ ନୂଆ ସତ୍ୟପାଠ ବ୍ୟକ୍ତିଗତ ହଜରା ମାଧ୍ୟମରେ ଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଏହି ମାମଲାକୁ ରାଜ୍ୟ ଖାଉଟି କମିଶନରେ ବରିଷ୍ଠ ଆଇନ୍ ?ଜୀବୀ ସୁବ୍ରତ କୁମାର ନନ୍ଦ ଓ ତାଙ୍କ ସହଯୋଗୀ– ବ୍ରଜେନ୍ଦ୍ର କୁମାର ସିହ୍ନା ପରିଚାଳନା କରୁଥିଲେ ।



ଲୋକସେବା ଭବନରେ ଭାରତରେ ସିଙ୍ଗାପୁର ହାଇକମିଶନର ସାଇମନ ୱଙ୍ଗଙ୍କ ସହ ଆଲୋଚନା କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

# ବିଧାୟକଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ

ନବରଙ୍ଗପୁର : ସ୍ଥାନୀୟ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ଶ୍ରୀ ଗୌରୀଶଙ୍କର ମାଝି ଙ୍କ ଦ୍ୱାରା ସହରର ବିକାଶକୁ ଆହୁରି ଗତିଶୀଳ କରିବା ଲକ୍ଷ୍ୟରେ ବିଭିନ୍ନ ଜନହିତକର ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏହି ଅବସରରେ ଶିଶୁ ବାଟିକା ଠାରେ ଶୌଚାଳୟ, ଗାୟତ୍ରୀ ମନ୍ଦିର ନିକଟରେ ଭାଗବତ ଟୁଙ୍ଗୀ,ହରିଜନ ସାହି ଓଁ ଶାନ୍ତି ଯୁବକ ସଂଘ ଗୃହ ନିର୍ମାଣ,ଗୌଡ ସାହି ଦୂର୍ଗା ମଣ୍ଡପ ପାଚେରୀ କାନ୍ଥ ନିର୍ମାଣ, ଭଗବତୀ ସାହି ମାଁ ଦୁଆର ମଣ୍ଡେଇନି ମନ୍ଦିର ନିର୍ମାଣ,,ଅଲେଖ ମହିମା ଗାଦି ରେ ପ୍ରାର୍ଥନା ଗୃହ ନିର୍ମାଣ,କାର୍ଯ୍ୟର ଶୁଭାରମ୍ଭ କରାଯାଇଥିଲା।



ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବରେ କୁନୁ ନାୟକ, ପୌରପାଳିକା ଅଧ୍ୟକ୍ଷ, ଅମୁଲ୍ୟ ମିଶ୍ର,ବିଜେପି ନଗର ମଣ୍ଡଳ ସଭାପତି, ଦେବଦାସ ମହାଙ୍କୁଡ, ଜିଲ୍ଲା ସାଧାରଣ ସମ୍ପାଦକ, ସୁରେଶ ଶାସ୍ତି, ସଞ୍ଜିବ ନନ୍ଦ,ଭୁବନ ନାୟକ, ଅଶ୍ୱିନୀ ଦାସ,ସର୍ମିଷ୍ଠା ଦେଓ କାଉନସିଲର, ଏମ୍ ଉଷାରାଣୀ କାଉନସିଲର,ଆଇ ମୁରଲି କ୍ରିଷ୍ଣା କାଉନସିଲର,ମମତା ମହାରଣା କାଉନସିଲର,କିଶୋରୀ ପଟ୍ଟନାୟକ, ଜ୍ୟୋତି ବେନ୍ୟା,ଅମିତ ପ୍ରଧାନ କାଉନସିଲର,ଏ.ସତିସ୍ କାଉନସିଲର ସୋମେସ ଖୋରା କାଉନସିଲର,ସଞ୍ଜିବ ସାହୁ,ବିଟୁ,ସହ ବିଭିନ୍ନ ଜନପ୍ରତିନିଧି, ସରକାରୀ ଅଧିକାରୀ ଓ ବହୁ ସଂଖ୍ୟକ ସ୍ଥାନୀୟ ବାସିନ୍ଦା ଉପସ୍ଥିତ ଥିଲେ। ବର୍ଦ୍ଧିତ ଜନସଂଖ୍ୟା ଦୃଷ୍ଟିରୁ ଜନସାଧାରଣଙ୍କ ମୌଳିକ ସୁବିଧା ବୃଦ୍ଧି ସହ ସହରର ସାମଗ୍ରିକ ବିକାଶ ପାଇଁ ଏହି ପ୍ରକଳ୍ପଗୁଡ଼ିକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ଶ୍ରୀ ଗୌରୀଶଙ୍କର ମାଝି କହିଥିଲେ। ସ୍ଥାନୀୟ ଲୋକମାନେ ଏହି ବିକାଶମୂଳକ ପଦକ୍ଷେପକୁ ସ୍ୱାଗତ କରି ବିଧାୟକଙ୍କୁ ଧନ୍ୟବାଦ ଜଣାଇଥିଲେ। ଆଗାମୀ ଦିନରେ ମଧ୍ୟ ଅଞ୍ଚଳର ବିକାଶ ପାଇଁ ଏଭଳି ଅନେକ ପ୍ରକଳ୍ପ କାର୍ଯ୍ୟକାରୀ କରାଯିବ ବୋଲି ବିଧାୟକ ପ୍ରକାଶ କରିଥିଲେ।

## ଚନ୍ଦାହାଣ୍ଡି ଠାରେ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ

ନବରଙ୍ଗପୁର : ଆଜି ଚନ୍ଦାହାଣ୍ଡି ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ ସାଧାରଣ ଡ଼ ପ୍ରମୋଦ କୁମାର ପୃଷ୍ଟି ଏବଂ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଉମରକୋଟ ଶୁଭେନ୍ଦୁ କୁମାର ଶବର ଙ୍କ ଯୁଗ୍ମ ଅଧ୍ୟକ୍ଷତାରେ ଏକ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ,ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ,ଅତିରିକ୍ତ ଉପ ଜିଲ୍ଲାପାଳ ଶରତ କୁମାର ମାଝୀ, ବି ଡି ଓ ଚୈତନୁ ଗଣ୍ଡ,ତହସିଲଦାର ସହଦେବ କୁଟୁକାଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗ ଶୁଣିଥିଲେ ।ଶିବିରରେ ମୋଟ ୬୨ ଜଣ ଆବେଦନକାରୀ ନିଜର ଅଭିଯୋଗ ପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ୪୮ଟି ବ୍ୟକ୍ତିଗତ ସମସ୍ୟା ସମ୍ବନ୍ଧୀୟ ଏବଂ ୧୪ଟି ଗ୍ରାମ୍ୟ ଓ ସାମୁହିକ ସମସ୍ୟା ଆବେଦନ ଥିଲା ।ରେଡକ୍ରସ ପାଣ୍ଠିରୁ ୧ ଜଣଙ୍କୁ ଚିକିତ୍ସା ବାବଦ ଆର୍ଥିକ ସହାୟତା ମଞ୍ଜୁର କରାଗଲା।

# ଅମାନିଆ ବାଇକ୍ ଚାଳକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ

## ୩୧ ସାଇଲିନ୍ସର୍ ନଷ୍ଟ କଲା ପୋଲିସ

ନବରଙ୍ଗପୁର ନବରଙ୍ଗପୁର,୧୬।୬()- ଜିଲ୍ଲାରେ ଅମାନିଆ ମଟରସାଇକେଲ ଚାଳକ ଏବଂ ଶବ୍ଦ ପ୍ରଦୂଷଣକୁ ନେଇ ବହୁ ଅଭିଯୋଗ ଆସିବା ପରେ ଏସ ପି ପାର୍ଥ ଜଗଦୀଶ କଶ୍ୟପଙ୍କ ନିର୍ଦ୍ଦେଶ କ୍ରମେ ଯାନବାହନ ଯାଞ୍ଚ ଅଭିଯାନ ଚାଲାଯାଇଥିଲା। ଏହି ଅଭିଯାନ ସମୟରେ ୩୧ ମଟର ସାଇକେଲରେ କମ୍ପାନୀ ପକ୍ଷରୁ ଲଗାଯାଇଥିବା ଅସଲି ସାଇଲେନ୍ସର ବଦଳରେ ଅତ୍ୟଧିକ ଶବ୍ଦ ସୃଷ୍ଟି କରୁଥିବା ନକଲି ଏବଂ ପରିବର୍ତ୍ତିତ ସାଇଲେନ୍ସର ବ୍ୟବହାର ଗାଡ଼ି ଯାଞ୍ଚ କରାଯାଇଥିଲା । ସେହିଭଳି ଯାଞ୍ଚ ସମୟରେ ମଦ୍ୟପାନ କରି ମଟର ସାଇକେଲ ଚଲାଉଥିବା ଘଟଣାରେ ୨୦ଟି ମଟର ସାଇକେଲ ଜବତ କରିଛି ନବରଙ୍ଗପୁର ଥାନା ପୋଲିସ । ଗୋଟିଏ ମଟର ସାଇକଲ ବାବଦକୁ ୧୦ ହଜାର ଟଙ୍କା ଲେଖାଏଁ ଫାଇନ ପକାଯାଇଛି । କୋର୍ଟର ନିର୍ଦ୍ଦେଶ ଆଣିବା ପରେ ମଟର ସାଇକେଲ ଗୁଡିକ ଛଡ଼ା ଯାଉଛି ବୋଲି ଥାନା ଅଧିକାରୀ ସମ୍ବିତ ବେହେରା ସୂଚନା ଦେଇଛନ୍ତି । ପୋଲିସ ଏପରି ମଟରସାଇକେଲଗୁଡ଼ିକୁ ଜବତ କରିବା ସହ ସେଥିରୁ ଶବ୍ଦ ପ୍ରଦ୍ୟୁଷଣ ସାଇଲେନ୍ସର ଖୋଲି ଜବତ କରିଥିଲା। ଏହି ପ୍ରକାର ସାଇଲେନ୍ସର ଯୋଗୁଁ ଅନାବଶ୍ୟକ ଭାବରେ ଉଚ୍ଚ ଶବ୍ଦ ସୃଷ୍ଟି ହୋଇ ସାଧାରଣ ଲୋକଙ୍କ ଅସୁବିଧା ହେବା ସହ ପରିବେଶ ମଧ୍ୟ ପ୍ରଦୂଷିତ ହେଉଥିଲା। ବିଶେଷକରି ଛାତ୍ର ଛାତ୍ରୀ, ବୃଦ୍ଧବ୍ୟକ୍ତି ଓ ରୋଗୀମାନେ ଏହି ଶବ୍ଦ ପ୍ରଦୂଷଣ ଯୋଗୁଁ ଅଧିକ ପ୍ରଭାବିତ ହେଉଥିଲେ। ମଙ୍ଗଳବାର ନବରଙ୍ଗପୁର ପୋଲିସ ଜବତ ହୋଇଥିବା ସମସ୍ତ ନକଲି ସାଇଲେନ୍ସରକୁ ରୋଡ ରୋଲର୍ ସାହାଯ୍ୟରେ ନଷ୍ଟ କରିଛି। ଏହି ପଦକ୍ଷେପ ମାଧ୍ୟମରେ ପୋଲିସ ଏକ କଠୋର ବାର୍ତ୍ତା ଦେଇଛି ଯେ, ଶବ୍ଦ ପ୍ରଦୂଷଣ ସୃଷ୍ଟି କରୁଥିବା କିମ୍ବା ମୋଟର ଯାନ ଆଇନ ଉଲ୍ଲଂଘନ କରୁଥିବା ବ୍ୟକ୍ତିଙ୍କୁ କୌଣସି ପ୍ରକାର ଛାଡ଼ ଦିଆଯିବ ନାହିଁ। ପୋଲିସର ଏହି କାର୍ଯ୍ୟାନୁଷ୍ଠାନକୁ ସାଧାରଣ ଲୋକ ସ୍ୱାଗତ କରିଛନ୍ତି। ଶବ୍ଦ ପ୍ରଦୂଷଣ ରୋକିବା ଏବଂ ସଡ଼କ ସୁରକ୍ଷା ନିଶ୍ଚିତ କରିବା ପାଇଁ ଏଭଳି ଅଭିଯାନ ଆଗାମୀ ଦିନରେ ମଧ୍ୟ ଜାରି ରହିବ ବୋଲି ଏସ ଡି ପିଓ କୃଷ୍ଣ ଚନ୍ଦ୍ର ଭତ୍ରା ଓ ଥାନା ଅଧିକାରୀ ସମ୍ବିତ କୁମାର ବେହେରା ସୂଚନା ଦେଇଛି। ନିୟମ ମାନି ଯାନବାହନ ଚଳାଇବା ଏବଂ କମ୍ପାନୀ ନିର୍ଦ୍ଧାରିତ ଉପକରଣ ବ୍ୟବହାର କରିବା ଦ୍ୱାରା ଏକ ସୁସ୍ଥ ଓ ଶାନ୍ତ ପରିବେଶ ଗଢ଼ି ତୋଳିବା ସମ୍ଭବ।



# ଶିଶୁ ସ୍ୱାସ୍ଥ୍ୟ ମେଳା ଏବଂ ରଜ ଉତ୍ସବ



ବଲାଙ୍ଗିର,୧୭।୬: ୱାଇସିଡିଏ ଦ୍ୱାରା ବଲାଙ୍ଗିର ଜିଲ୍ଲା ପୁଇଁନ୍ତଲା ବ୍ଲକର ଆଟଗାଁ ଗ୍ରାମରେ ଶିଶୁ ସ୍ୱାସ୍ଥ୍ୟ ମେଳା ଏବଂ ରଜ ଉତ୍ସବ, କେ.ପି.ଜେଡ୍ ଏବଂ ଦେଶାଇ ଫାଉଣ୍ଡେସନ ଟ୍ରଷ୍ଟଙ୍କର ମିଳିତ ସହାୟତାରେ ଆୟୋଜିତ କରାଯାଇଥିଲା। କାର୍ଯ୍ୟକ୍ରମ କୁ ୱାଇସିଡିଏ ର ଜିଲ୍ଲା ସଂଯୋଜିକା ଆନନ୍ଦିନି ରଥ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ଆଟଗାଁ ପଂଚାୟତ ର ସରପଂଚ ସାଲିନି ସେଠ୍, ଡ. ମିଲନ କୁମାର ରାଉତରାୟ ଏବଂ ସାମ୍ବାଦିକ ସନ୍ଦୀପ କୁଅଁର ଯୋଗଦାନ କରି ଶିଶୁମାନଙ୍କୁ ଉତ୍ସାହିତ କରିଥିଲେ । କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା ଯେ ଶିଶୁମାନଙ୍କ ପାଇଁ ଗୋଟିଏ ଉତ୍ସବ ଜନିତ ପରିବେଶ କରି ତାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ଶିଶୁମାନଙ୍କ ମନରେ ନିଜର ସ୍ୱାସ୍ଥ୍ୟ ପ୍ରତି ସଚେତନ ରହିବାର ଗୁରୁତ୍ୱ କୁ ବୁଝିବାର ଥିଲା। କାର୍ଯ୍ୟକ୍ରମ ରେ ଡା. ମିଲନ କୁମାର ରାଉତରାୟ ସ୍ୱାସ୍ଥ୍ୟ ପରିକ୍ଷା କରିଥିଲେ ଏବଂ ଶିଶୁଙ୍କର ଏନିଁଆ ଟେଷ୍ଟିଂ କରାଯାଇଥିଲା । ଏହା ସହିତ ଏମ୍ଏଚ୍ଏମ୍ ଉପରେ ମଧ୍ୟ ସଚେତନ କରାଗଲା। ରଜ ଉପଲକ୍ଷେ ମନୋରଞ୍ଜନ କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯାଇଥିଲା ଯେଉଁଥିରେ ଶିଶୁମାନେ ମେହେନ୍ଦି, ଅଳତା, ନୃତ୍ୟ, ରେମ୍ପ ୱାକ, ପୁଚି ଖେଳ, ମ୍ୟୁଜିକ ଚେୟାର, ପ୍ରତିଯୋଗିତା କରାଯାଇଥିଲା । ଏହା ସହିତ ରଜ କୁଇଜ ବଛାଯାଇଥିଲା । କାର୍ଯ୍ୟକ୍ରମଟି ଆଟଗାଁ ସରପଂଚ ଏବଂ ଗ୍ରାମବାସୀ, ଆଟଗାଁ ଉଚ୍ଚ ବିଦ୍ୟାଳୟ ର ଶିକ୍ଷକ, ସମସ୍ତ ଶିଶୁ ଏବଂ ଯୁବକ ଯୁବତୀ, ଅଭିଭାବକ ଏବଂ ୱାଇସିଡିଏ ର ସମସ୍ତ ଷ୍ଟାଫ୍ ଙ୍କ ମିଳିତ ଉଦ୍ୟମ ରେ ସଫଳ ମଣ୍ଡିତ ହୋଇଛି । ୱାଇସିଡିଏ ସଂସ୍ଥା ର ସର୍ବଦା ଶିଶୁଙ୍କ ଉନ୍ନତି ପାଇଁ ଏପରି ନୂତନ ପ୍ରଚେଷ୍ଟା ପାଇଁ ସମଗ୍ର ପୁଇଁନ୍ତଲା ଅଂଚଳରେ ପ୍ରଶଂସା ର ପାତ୍ର ହୋଇଛି ।

## ବଲାଙ୍ଗିରର ୯ ଗୋଟି ଶିତଳ ଷଷ୍ଠୀ ଅନୁଷ୍ଠାନକୁ ମୁଖ୍ୟମନ୍ତ୍ରୀଙ୍କ ୩୬ ଲକ୍ଷ ଟଙ୍କା ଅନୁଦାନ

ବଲାଙ୍ଗିର୧୭।୬(ନି.ପ୍ର.): ବଲାଙ୍ଗିର ସହରରେ ଅନୁଷ୍ଠିତ ହେଉଥିବା ଶିତଳ ଷଷ୍ଠୀ ଯାତ୍ରା ପାଇଁ ୯ ଗୋଟି ପୂଜା କମିଟିକୁ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଙ୍କ ନିର୍ଦ୍ଦେଶ କ୍ରମେ ସଂସ୍କୃତି ବିଭାଗ ଓଡିଶା ପତ୍ର ସଂଖ୍ୟା ୮୨୦୦, ତା.୧୭.୦୬.୨୦୨୬ ଅନୁଯାୟୀ ସମସ୍ତ ଶିତଳ ଷଷ୍ଠୀ ଯାତ୍ରା କମିଟି ଗାନ୍ଧୀନଗରପଡା, ସୁଦପଡା, ରାଧାରଣୀପଡା, ଏବିଏସ୍ଏସ୍ ରୋଡ, ବିବିଏସ୍ଏସ୍, ସାଗରପଡା, ପେଲେସଲାଇନ, କଂସାରିପଡା, ସ୍ୱାଧିନ ନଗର ଙ୍କୁ ୪ ଲକ୍ଷ ଲେଖାଏଁ ଅନୁଦାନ ରାଶି ଘୋଷଣା କରିଛନ୍ତି । ବଲାଙ୍ଗିର ରେ ଶିତଳ ଷଷ୍ଠୀ ମହୋତ୍ସବ ହେଉଛି ଏକ ପୁରୁଣା ପରଂପରା । ପ୍ରଭୁ ଶିବ ଏବଂ ପାର୍ବତିଙ୍କ ମହା ବିବାହୋତ୍ସବ ପାଳିତ ହୋଇଥାଏ। ଏ ଅବସରରେ କଳା ସଂସ୍କୃତି, ଆଧାତ୍ମିକ ଓ ଭାଇଚରା ମହାମିଳନ ଦେଖିବାକୁ ମିଳିଥାଏ । ଏ ବର୍ଷ ସରକାରଙ୍କ ଅନୁଦାନ ଘୋଷଣାକୁ ବଲାଙ୍ଗିର ଜନସାଧାରଣ ତଥା ପୂଜା କମିଟି ଙ୍କ ମଧ୍ୟରେ ଆନନ୍ଦର ଲହରି ଖେଳି ଯାଇଛି । ଦେବାଳୟ ଓ ଐତିହ୍ୟ ସୁରକ୍ଷା କମିଟି ତରଫରୁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଏକ ପ୍ରେସ ବିବୃତ୍ତି ମାଧ୍ୟମରେ ଧନ୍ୟବାଦ ଜ୍ଞାପନ କରାଯାଇଛି ।

# ସମ ଡାକ୍ତର ସ୍ୱରୂପ ପଟ୍ଟନାୟକ ପାଇଲେ ସେବା ରତ୍ନ ସମ୍ମାନ



ଭୁବନେଶ୍ୱର,୧୭।୬(ନି.ପ୍ର.): ରଜ ଉପଲକ୍ଷେ ଜୟ ମାଆ ଭବାନୀ ଟ୍ରଷ୍ଟ ପକ୍ଷରୁ ନବମ ବାର୍ଷିକ ସେବା ରତ୍ନ ସମ୍ମାନ ଅନୁଷ୍ଠିତ ହୋଇଯାଇଥିବାବେଳେ ବିଶିଷ୍ଟ ଚିକିତ୍ସକ ଡାକ୍ତର ସ୍ୱରୂପ ପଟ୍ଟନାୟକଙ୍କୁ ୨୦୨୬ର ପ୍ରଥମ ସେବା ରତ୍ନ ସମ୍ମାନ ପ୍ରଦାନ କରାଯାଇଛି।

ଜୟଦେବ ବିହାରସ୍ଥିତ ଓଡିଶୀ ରିସର୍ଚ୍ଚ ସେଂଟର ଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପଦ୍ମଶ୍ରୀ ଅଦ୍ୱେତ୍ୟ ଗଡ଼ନାୟକ, ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ହୃଦରୋଗ ବିଶେଷଜ୍ଞ ଡାକ୍ତର ସତ୍ୟନାରାୟଣ ରାଉତରାୟ ଓ ବିଶିଷ୍ଟ ଅତିଥି ଭାବେ ବିଜେପି ଯୁବ ମୋର୍ଚ୍ଚା ସଭାପତି ଶ୍ରୀ ଅଭିଲାଷ ପଣ୍ଡା ଯୋଗଦେଇ ଡାକ୍ତର ପଟ୍ଟନାୟକଙ୍କୁ ଏହି ସମ୍ମାନ ପ୍ରଦାନ କରିଥିଲେ । ଏହି ଅବସରରେ ମହାପ୍ରଭୁଙ୍କ ପୂଜା ପଣ୍ଡା ସେବାୟତ ରାମନାରାୟଣ ପୂଜାପଣ୍ଡା, ନିଶିକାନ୍ତ ମିଶ୍ର ଓ ସଂସ୍କୃତି ଗବେଷକ ବନୋଜ ରାୟଙ୍କୁ ଉତ୍କଳ ଶ୍ରୀ ସମ୍ମାନ ପ୍ରଦାନ କରାଯାଇଥିବାବେଳେ ଡାକ୍ତର ଶୁଭମ୍ ମହାନ୍ତି, ଡାକ୍ତର ମନୋଜ ସାହୁ, ଡାକ୍ତର ପ୍ରିୟବ୍ରତ ରଥ, ମାମିନା ମହାନ୍ତି, ଯୁବ ଉଦ୍ୟୋଗୀ ଅମ୍ବିକା ପ୍ରସାଦ, ସମାଜ ସେବୀ ଅନାମ ସାହୁ, ପ୍ରଶାସନିକ ଅଧିକାରୀ ସତ୍ୟବ୍ରତ ପାଣିଗ୍ରାହୀ, ଜ୍ୟୋତିର୍ବିଦ ବିଭୂଦାନନ୍ଦ ଶତପଥୀ, ରଶ୍ମି ପରିଡା, ଧୀର ମଲ୍ଲିକ ଓ କଣ୍ଠ ଶିଳ୍ପୀ ଶଶାଙ୍କ ଶେଖରଙ୍କୁ ସେବାରତ୍ନ ସମ୍ମାନ ପ୍ରଦାନ କରାଯାଇଥିଲା। ଏହି ଅନୁଷ୍ଠାନର ସଂପାଦକ ନାରାୟଣ ମହାପାତ୍ର ମଂଚରେ ଉପସ୍ଥିତ ଥିଲେ ।ଶେଷରେ ରଜ ଦୋଳି,ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ସହ ପିଠା ଓ ପାନ ସହ ଖାଦ୍ୟପେୟରେ ଅତିଥି ମାନଙ୍କୁ ଆତିଥ୍ୟ ପ୍ରଦାନ କରାଯାଇଥିଲା।

# ମୌସୁମୀ ପୂର୍ବରୁ ଘାଟ ସେକ୍ସନ ଗୁଡ଼ିକରେ ସୁରକ୍ଷା ଓ ସଂରକ୍ଷଣ କାର୍ଯ୍ୟକୁ ତ୍ୱରାନ୍ୱିତ କଲା ପୂର୍ବତଟ ରେଳପଥ

ଭୁବନେଶ୍ୱର,୧୭।୬(ନି.ପ୍ର.): ମୌସୁମୀ ଋତୁରେ ଟ୍ରେନ୍ ଚଳାଚଳକୁ ଅଧିକ ନିରାପଦ ଓ ନିର୍ଭରଯୋଗ୍ୟ କରିବା ପାଇଁ, ପୂର୍ବତଟ ରେଳପଥ ପକ୍ଷରୁ କୋଟ୍ଟାଭାଲାସା-କିରଣ୍ଡୁଲ , କୋରାପୁଟ-ରାୟଗଡ଼ା ଏବଂ ରାୟଗଡ଼ା-ବିଜୟନଗରମ୍ ରେଳପଥର ସମ୍ବେଦନଶୀଳ କଟିଂ (ପାହାଡ଼ କଟା ଅଞ୍ଚଳ) ଓ ଟନେଲ୍ ଗୁଡ଼ିକରେ ସୁରକ୍ଷା ଓ ସୁଦୃଢ଼ୀକରଣ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇଛି।

ପଥର ଖସିବା, ମୃତ୍ତିକା କ୍ଷୟ ଏବଂ ପ୍ରତିକୂଳ ପାଣିପାଗ ପରିସ୍ଥିତିର ଆଶଙ୍କା ଥିବା ସଂବେଦନଶୀଳ ଘାଟି ଅଞ୍ଚଳରେ ଏହି କାର୍ଯ୍ୟ ଗୁଡ଼ିକ କରାଯାଉଛି। ଭିତ୍ତିଭୂମି ସୁରକ୍ଷା ଏବଂ ପରିଚାଳନାଗତ ବିଶ୍ୱସନୀୟତା ବୃଦ୍ଧି କରିବା ପାଇଁ ପ୍ରାଥମିକତା ଭିତ୍ତିରେ ଆଧୁନିକ ଢାଲ ସ୍ଥିରୀକରଣ ବ୍ୟବସ୍ଥା ଯେପରିକି ରକ୍ ଫଲ୍ ବ୍ୟାରିୟର୍ସ , ରକ୍ ବୋଲ୍ଟିଂ , ୱାୟାର୍ ମେସ୍ ନେଟିଂ, ଜିଓମ୍ୟାଟ୍ ଲେଇଙ୍ଗ୍ ଏବଂ ସୁଡ଼ଙ୍ଗ ସୁଦୃଢ଼ୀକରଣ କାର୍ଯ୍ୟକାରୀ କରାଯାଉଛି।

କେକେ -୧ ସେକ୍ସନରେ ଉଲ୍ଲେଖନୀୟ ଅଗ୍ରଗତି ହାସଲ କରାଯାଇଛି। ସର୍ବମୋଟ ୯୧୦ ମିଟରର ରକ୍ ଫଲ୍ ବ୍ୟାରିୟର୍ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ଏହା ସହିତ, ୨୯,୭୭୬ ବର୍ଗ ମିଟରର ୱାୟାର୍ ମେସ୍ ନେଟିଂ ଏବଂ ୨୨,୧୯୭ ମିଟରର ରକ୍ ବୋଲ୍ଟିଂକାର୍ଯ୍ୟ ଶେଷ ହୋଇଛି।

ଏହି ଉଦ୍ଦେଶ୍ୟରେ ବ୍ୟାପକ କ୍ଷେତ୍ରସ୍ତରୀୟ କାର୍ଯ୍ୟକଳାପ ମଧ୍ୟ ହାତକୁ ନିଆଯାଇଥିଲା, ଯେଉଁଥିରେ ସ୍ଥିରୀକରଣ କାର୍ଯ୍ୟ ପାଇଁ ୩୪୬ଟି ଗାତ ଖନନ ଏବଂ ୪୦ଟି ଗାତର ଗ୍ରାଉଟିଂ ସାମିଲ ରହିଛି। ଏହା ବ୍ୟତୀତ, ଅତିରିକ୍ତ ଢାଲ ସୁରକ୍ଷା ପାଇଁ ସଂବେଦନଶୀଳ ସ୍ଥାନଗୁଡ଼ିକରେ ୩୦୦ ବର୍ଗ ମିଟରର ରୋମ୍ବୋଇଡାଲ୍ ମେସ୍ ଏବଂ ୩୦ ବର୍ଗ ମିଟରର ମୋନୋ ଓରିଏଣ୍ଟେଡ୍ ମେସ୍ ବିଛାଯାଇଛି।

କେକେ-୨ ସେକ୍ସନରେ, ଧାର୍ଯ୍ୟ କରାଯାଇଥିବା ସମ୍ପୂର୍ଣ୍ଣ ୧୨୦ ମିଟରର ରକ୍ ଫଲ୍ ବ୍ୟାରିୟର୍ କାର୍ଯ୍ୟ ସମ୍ପୂର୍ଣ ରୂପେ ଶେଷ ହୋଇଛି। ଏହା ବ୍ୟତୀତ, ୪,୨୦୦ ବର୍ଗ ମିଟରର ୱାୟାର୍ ମେସ୍ ନେଟିଂ କାର୍ଯ୍ୟ କରାଯାଇଛି, ଯାହା ଏହି ସେକ୍ସନର ସଂବେଦନଶୀଳ ପାହାଡ଼ କଟିଂ ଗୁଡ଼ିକୁ ସୁଦୃଢ଼ କରିବା ସହ ଉଲ୍ଲେଖନୀୟ ଅଗ୍ରଗତି ହୋଇପାରିଛି।

କୋରାପୁଟ-ରାୟଗଡ଼ା ସେକ୍ସନରେ ମଧ୍ୟ ସୁରକ୍ଷା କାର୍ଯ୍ୟ ସୁରୁଖୁରୁରେ ଆଗେଇ ଚାଲିଛି। ଏପର୍ଯ୍ୟନ୍ତ, ସମ୍ପୂର୍ଣ୍ଣ ୩୦୦ ମିଟରର ରକ୍ ଫଲ୍ ବ୍ୟାରିୟର୍ କାର୍ଯ୍ୟ ଏବଂ ୧,୬୦୦ ମିଟରର ରକ୍ ବୋଲ୍ଟିଂ କାର୍ଯ୍ୟ ସମାପ୍ତ ହୋଇଛି, ଯାହା ଉଭୟ ବର୍ଗରେ ୧୦୦% ସଫଳତା ସୂଚାଉଛି। ଏହା ସହିତ, ୧୦,୦୦୦ ବର୍ଗ ମିଟରର ୱାୟାର୍ ମେସ୍ ନେଟିଂ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି ।ଏହି ପ୍ରତିଷେଧକ ବ୍ୟବସ୍ଥାଗୁଡ଼ିକର ଉଦ୍ଦେଶ୍ୟ ହେଉଛି ଢିଲା ପଥର ଖସିବାର ବିପଦକୁ ହ୍ରାସ କରିବା, ଢାଲର ସ୍ଥିରତା ବଢ଼ାଇବା ଏବଂ ଚ୍ୟାଲେଞ୍ଜପୂର୍ଣ୍ଣ ଘାଟି ଅଞ୍ଚଳ ଦେଇ ବିନା ବାଧାରେ ଟ୍ରେନ୍ ଚଳାଚଳ ସୁନିଶ୍ଚିତ କରିବା।

ରାୟଗଡ଼ା-ବିଜୟନଗରମ୍ (ଜଠ) ସେକ୍ସନରେ, ଲାଞ୍ଜିଗଡ଼ ରୋଡ୍ ଏବଂ ରାୟଗଡ଼ା ମଧ୍ୟରେ ଥିବା ସଂବେଦନଶୀଳ କଟିଂ ଗୁଡ଼ିକରେ ସୁରକ୍ଷା କାର୍ଯ୍ୟ ପ୍ରାଥମିକତା ଭିତ୍ତିରେ ଚାଲିଛି ଏବଂ ଏହାକୁ ୩୦ ଜୁନ୍ ୨୦୨୬ ସୁଦ୍ଧା ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟ ରଖାଯାଇଛି।

କୋରାପୁଟ-ରାୟଗଡ଼ା ସେକ୍ସନ ଅଧୀନରେ ଥିବା ସୁଡ଼ଙ୍ଗ ଗୁଡ଼ିକର ସୁରକ୍ଷା ବୃଦ୍ଧି ପାଇଁ, ତିନୋଟି ସୁଡ଼ଙ୍ଗର ସୁଦୃଢ଼ୀକରଣ ଟେଣ୍ଡର ଆଲର୍ଟ (ପ୍ରଦାନ) କରାଯାଇସାରିଛି। ଟ୍ରାଫିକ୍ ଏବଂ ପାୱାର୍ ବ୍ଲକ୍ ଆବଶ୍ୟକତା ଚୂଡ଼ାନ୍ତ ହୋଇଛି ଏବଂ ଡିଭିଜନ ଏହି କାର୍ଯ୍ୟ ଆରମ୍ଭ କରିବା ପାଇଁ ଆବଶ୍ୟକୀୟ ପ୍ରସ୍ତୁତି କରୁଛି।

ସ୍ଥାୟୀ ଦୀର୍ଘକାଳୀନ ପ୍ରତିକାର ବ୍ୟବସ୍ଥା ଚିହ୍ନଟ କରିବା ଏବଂ ସଂବେଦନଶୀଳ ସ୍ଥାନଗୁଡ଼ିକରେ ସୁରକ୍ଷାକୁ ଆହୁରି ସୁଦୃଢ଼ କରିବା ପାଇଁ, କେକେ ଏବଂ କେଆର ସେକ୍ସନର ଅନ୍ୟାନ୍ୟ ସଂବେଦନଶୀଳ କଟିଂ ଗୁଡ଼ିକରେ ଭୂତାତ୍ତ୍ୱିକ ସର୍ଭେ ଆରମ୍ଭ ହୋଇସାରିଛି। ପୂର୍ବ ତଟ ରେଳପଥ ଏହାର ଗୁରୁତ୍ୱପୂର୍ଣ୍ଣ ଘାଟ ସେକ୍ସନ ଗୁଡ଼ିକରେ ଯାତ୍ରୀବାହୀ ଏବଂ ମାଲବାହୀ ଉଭୟ ଟ୍ରେନ୍ ସେବା ପାଇଁ ସୁରକ୍ଷିତ, ସୁଗମ ଏବଂ ନିରବଚ୍ଛିନ୍ନ ଟ୍ରେନ୍ ଚଳାଚଳ ସୁନିଶ୍ଚିତ କରିବାକୁ ଭିତ୍ତିଭୂମି ସୁରକ୍ଷା, ଆଧୁନିକୀକରଣ ଏବଂ ବିପର୍ଯ୍ୟୟ ମୁକାବିଲା ପ୍ରସ୍ତୁତିକୁ ସର୍ବୋଚ୍ଚ ପ୍ରାଥମିକତା ଦେବା ଜାରି ରଖିଛି।

## ଶିଶୁ ମନର ବିକାଶ ପାଇଁ ଖଦ୍ୟୋତର ପ୍ରୟାସ

ବଲାଙ୍ଗିର,୧୭।୬(ନି.ପ୍ର.): ସ୍ଥାନୀୟ ମାଲପଡା ଠାରେ ଖଦ୍ୟୋତ ଅନୁଷ୍ଠାନ ତରଫରୁ ବିଭିନ୍ନ ସ୍କୁଲର ଛାତ୍ର ଛାତ୍ରୀଙ୍କୁ ନେଇ ସଭାପତି ପ୍ରଫେସର ତରୁଣ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ସଂଗୀତ ଗାନ ଓ ନାଚର ଆସର କରାଯାଇଥିଲା । ପାଠ ପଢା ସହ ମନକୁ ପ୍ରଫୁଲ୍ଲ କରିବା ପାଇଁ ଏହା ନିହାତି ଜରୁରି ବୋଲି ସଭାପତି ମନ୍ତବ୍ୟ ରଖିଥିଲେ । ଏହି ଅବସରରେ ଅନୁଷ୍ଠାନର ସଭ୍ୟ ଆନନ୍ଦ ଚନ୍ଦ୍ର ବଡପଣ୍ଡା ପ୍ରକୃତିବନ୍ଧୁ ପୁରସ୍କାର ପାଇଥିବାରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ପ୍ରତିଡୋର ରେ ପରିବେଶର ସୁରକ୍ଷା ପାଇଁ ବୃକ୍ଷରୋପଣ ସହ ତାହାକୁ ବଂଚାଇ ରଖିବା ଜରୁରି ବୋଲି କହିଥିଲେ । ଶିଶୁ ମନ୍ଦିରର ହର୍ଷିତା ସିଂ, ପବ୍ଲିକ ସ୍କୁଲର ଦିୟାଂଶି ମହାନ୍ତି, ମଣ୍ଟେଶୋରୀ ସ୍କୁଲର ସମର୍ପିତା ବାରିକ ପ୍ରମୁଖଙ୍କୁ ପ୍ରମାଣପତ୍ର ଓ ପଦକ ଦେଇ ଉତ୍ସାହିତ କରାଯାଇଥିଲା । ଉକ୍ତ ସଭାରେ ସଂପାଦକ ଆକୁଳ ବେହେରା, ଦିବାକର ହୋତା, ମାଲପଡା ନାଗରିକ କମିଟିର ସଭାପତି ଗୋପବନ୍ଧୁ ଶତପଥି, ସ୍ୱାସ୍ଥ୍ୟ ବିଭାଗର ଅସିଷ୍ଟାଣ୍ଟ ଡାଇରେକ୍ଟର ମୀନକେତନ ମାଝି, ସତ୍ୟନାରାୟଣ ସିଂଦେଓ, ସବିତା ବାରିକ, ସସ୍ମିତା ନେପାକ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ସହ ସଂପାଦକ ରାଜେଶ କୁମାର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ ।



Printed and Published by Sitesh Kumar Rout _ owned by Manthan Printers Pri\ate Limited and Printed at WEB LINE, Plot No. D-2/19, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at A-17/8, Surya Nagar, Unit-7, Bhubaneswar-3, Dist- Khurda (Odisha), Tele-Fax: Ph. No: (0674) 2397438, 9778071104, **Email : odishamanthan@gmail.com**

● **Editor : Sarat Raut**

ସଂପାଦକ: ଶରତ ରାଉତ